

ରିଷଭ ପନ୍ତଙ୍କ ସହ ଡେଟିଂକୁ ନେଇ ମୁହଁ ଖୋଲିଲେ ଉର୍ବଶୀ
ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live    mail Id: sancharodisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 32 | ISSUE 183 | ଭାଗ ୩୨ | ସଂଖ୍ୟା ୧୮୩ — Bhubaneswar | Sunday 22 September 2024 | Page 8 ₹ 4.00 — ଭୁବନେଶ୍ୱର | ରବିବାର ୨୨ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## କୋମଳ ପଣ୍ଡାଙ୍କ ଅତ୍ୟାଧୁନିକ ଆବିଷ୍କାର

## ମଧୁମେହ ରୋଗୀଙ୍କ ଜୀବନ ବଞ୍ଚାଇବ 'ନୋଭୋକାରି'

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ଓଡ଼ିଶାର କୋମଳ ପଣ୍ଡା ନିଜର ଅତ୍ୟାଧୁନିକ ଆବିଷ୍କାର 'ନୋଭୋକାରି' ନାମକ ଏକ ପୋର୍ଟେବଲ୍ କୁଲିଂ କ୍ୟାରିୟର ପାଇଁ ଜେମ୍ସ ଡାଇସନ୍ ଆୱାର୍ଡ-୨୦୨୪ ଜାତୀୟ ଟାଇଟଲ ହାସଲ କରି ଚର୍ଚ୍ଚାରେ ରହିଛନ୍ତି ମଧୁମେହ ରୋଗୀଙ୍କ ପାଇଁ ବରଦାନ ସାଜିଛନ୍ତି ଓଡ଼ିଆ ଝିଅ କୋମଳ ପଣ୍ଡା । ସେ ଆବିଷ୍କାର କରିଥିବା ଛୋଟିଆ ସାମଗ୍ରୀ ଏବେ ଲକ୍ଷ ଲକ୍ଷ ମଧୁମେହ ରୋଗୀଙ୍କ ଜୀବନ ବଞ୍ଚାଇବ । ସାଙ୍ଗରେ ଔଷଧ ନେଇ ଦୂରଦୂରାନ୍ତକୁ ଯାଉଥିବା ମଧୁମେହ ରୋଗୀମାନେ ସୀମିତ ବିଜୁଳି ଥିବା



ଅଞ୍ଚଳରେ ମଧ୍ୟ ଇନ୍ସୁଲିନ ଏବଂ ଅନ୍ୟାନ୍ୟ ତରଳ ଔଷଧକୁ ସର୍ବନିମ୍ନ ତାପମାତ୍ରାରେ ରଖିବା ସହିତ ଗ୍ରହଣ କରିପାରିବେ । ଜୀବନ ରକ୍ଷକାରୀ ଏହି ଅଭିନବ ଉପକରଣର ପାଇଁ ସୁଶ୍ରୀ ପଣ୍ଡା ସମ୍ମାନଜନକ ପୁରସ୍କାର ଏବଂ ପାଖାପାଖି ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି କରିଛି। ନୋଭୋକାରିର ଉନ୍ନତ କୁଲିଂ ଟେକ୍ନୋଲୋଜି ଦୀର୍ଘ ଦୂରତା ଯାତ୍ରା ସମୟରେ ଇନସୁଲିନର ଶକ୍ତିକୁ ସୁନିଶ୍ଚିତ କରେ, ଯାହା ମଧୁମେହ ଏବଂ ଔଷଧ ସ୍ଥିରତା ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଚିକିତ୍ସା ଅବସ୍ଥାରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହାକୁ ଅମୂଲ୍ୟ କରିଥାଏ । ଏହି ଡିଭାଇସର ଶକ୍ତିଶାଳୀ ବ୍ୟାଟେରୀ ଚାର୍ଜିଂ ଷ୍ଟେସନ ଭାବରେ ଦ୍ୱିଗୁଣିତ ହୋଇଥାଏ, ଯାହା ଏହାର ବହୁମୁଖୀତାକୁ ବଢାଇଥାଏ । ନିଜ କର୍ମକ୍ଷେତ୍ରରେ ବିନା ଫ୍ରିଜରେ ଇନସୁଲିନ ସଂରକ୍ଷଣ କରିବାରେ ତାଙ୍କ ପିତାଙ୍କ ସଂଘର୍ଷରୁ ପ୍ରେରିତ ହୋଇ କୋମଳ ଔଷଧ ସଂରକ୍ଷଣର ଆହ୍ୱାନର ମୁକାବିଲା କରିବା ପାଇଁ ନୋଭୋକାରି ବିକଶିତ କରିଥିଲେ । ୩୦ଟି ଦେଶର ଛାତ୍ରଛାତ୍ରୀଙ୍କ ପାଇଁ ଆରମ୍ଭ ହୋଇଥିବା ଜେମ୍ସ ଡାଇସନ ଆୱାର୍ଡ ବାସ୍ତବ ଦୁନିଆର ସମସ୍ୟାର ଅଭିନବ ସମାଧାନ ପାଇଁ ଉଦ୍ଦିଷ୍ଟ ।

# ପୋଲିସ ସଂଘ ବଡ଼ ନା ସରକାର ?

## ଡିଜିଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରୁଛି ପୋଲିସ ସଂଘ

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ବିରୋଧରେ ପୋଲିସର ନିନ୍ଦନୀୟ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଏବେ ଜାତୀୟ ସ୍ତରରେ ବଦନାମ ହେଉଛନ୍ତି। ସିଧାସଳଖ ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠାଉଛନ୍ତି ଜାତୀୟ ଗଣମାଧ୍ୟମ। ଅବସରପ୍ରାପ୍ତ ସେନା ଅଧିକାରୀ ବି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ଚିଠି ଲେଖିଛନ୍ତି। ଏଭଳି ସ୍ଥିତିରେ ପୋଲିସ ବିରୋଧରେ ପୋଲିସ ସଂଘର ମେଳି କାହିଁକି ? କାହା ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ପୋଲିସ ସଂଘ। ପୋଲିସ ଡିଜିଙ୍କ ନିଷ୍ପତ୍ତି ବିରୋଧରେ ପୋଲିସ ସଂଘ ମେଳି କରିବାକୁ ସାହସ ଜୁଟାଇବା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କମିଶନରେଟ ପୁଲିସର ବରିଷ୍ଠ ଏସିପି, ଇନ୍ସପେକ୍ଟର, ସବଇନ୍ସପେକ୍ଟରଙ୍କଠୁ ଆରମ୍ଭ କରି ଶତାଧିକ

### ଏନ୍‌ସିଡବ୍ଲ୍ୟୁକୁ ରିପୋର୍ଟ ହସ୍ତାନ୍ତର
### ନିଲମ୍ବିତ ପୋଲିସଙ୍କ ସପକ୍ଷରେ ବାହାରିଲା ସଂଘ

ପୁଲିସ ଅଫିସର ଆଜି ଭୁବନେଶ୍ୱରର ରିଜର୍ଭ ପଡ଼ିଆଠାରେ ଏକଜୁଟ ହୋଇ ନିଜ ଫୋର୍ସର ମୁଖ୍ୟଙ୍କ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛନ୍ତି। ପ୍ରଶ୍ନ ଉଠୁଛି ରାଜ୍ୟରେ ବର୍ତ୍ତମାନ ସେନା ବନାମ ପୋଲିସ ସ୍ଥିତି ଉପୁଜିଥିବା ବେଳେ ପୃଷ୍ଠା-୬

### କୋର୍ଟରେ ଉତ୍ତର ଦେଇପାରିଲାନି ପୁଲିସ

ଚନ୍ଦକା ଥାନା ଘଟଣାରେ ୭ ଅଭିଯୁକ୍ତଙ୍କୁ ମିଳିଲା ଜାମିନ। ଜାମିନ ମଞ୍ଜୁର କଲେ ଜେଏମ୍ଏଫ୍‌ସି-୨ କୋର୍ଟ। ଯୁବକଙ୍କ ଉପରେ ଲାଗିଥିବା ସମସ୍ତ ଅଭିଯୋଗ ଜାମିନଯୁକ୍ତ। ଏଭଳି ଅଭିଯୋଗରେ ଥାନାରେ ନୋଟିସ କରି ଛାଡିବା ଯୋଗ୍ୟ। କାହିଁକି କୋର୍ଟ ଚାଲାଣ କରାଯାଉଅଛି ପ୍ରଶ୍ନର କୌଣସି ଉତ୍ତର ଦେଇପାରିଲେ ନାହିଁ ଉପସ୍ଥିତ ପୋଲିସ କର୍ମଚାରୀ।

## ଅଷ୍ଟିର ନିଆଁ ହେଲେଣି ସିପି ସାହେବ

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ଭାରତବର୍ଷ ପାଇଁ ଏବେ ଭରତପୁର ଥାନା ପାଲଟିଛି ଲଜ୍ୟା । ସେନାଧିକାରୀ ଓ ବାନ୍ଧବୀଙ୍କ ପ୍ରତି ବର୍ବୋରଚିତ ଆକ୍ରମଣ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିଜେପି ସରକାରଙ୍କ ଛବିକୁ ମଳିନ କରିଛି। ବିରୋଧୀ ବିଜେଡ଼ି ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ କାଠଗଡାକୁ ଟାଣିଛନ୍ତି। ବିଜେଡି ରାଜଭବନ ଆଗରେ ଧାରଣାରେ ବସିଥିବା ବେଳେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ନିକଟରେ ହୋଇଛି ଅଣ୍ଡା ଓ ଟମାଟୋ ମାଡ଼। ଏଆଇସିସି ପକ୍ଷରୁ ପ୍ରେସମିଟ କରାଯାଇ ପୋଲିସର ଅପାରଗତାକୁ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସାମ୍ନାକୁ ଆଣିଛି । ଇଣ୍ଡିଆନ ଆର୍ମି ପକ୍ଷରୁ ରକ୍ଷାମନ୍ତ୍ରୀ ରାଜନାଥ ସିଂ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସବୁ ମହଲରୁ ଘଟଣାକୁ ତୀବ୍ର ନିନ୍ଦା



କରାଯାଉଥିବା ବେଳେ କ୍ରାଇମବ୍ରାଞ୍ଚ ତଦନ୍ତରେ ଅଟକିଛି ଓଡ଼ିଶା ପୋଲିସ । ୧୪ ତାରିଖ ରାତି ପ୍ରାୟ ୨ ଟା ବେଳୁ ସମ୍ପୂର୍ଣ୍ଣ ଘଟଣା ଘଟିଥିବା ବେଳେ ୨୧ ତାରିଖ ସୁଦ୍ଧା ୭ ଜଣ ରୋଡ଼ ରୋମିଓ ଙ୍କୁ ଗିରଫ କରାଯାଇଛି । ତତ୍କାଳୀନ ଭରତପୁର ଥାନାଧିକାରୀ ଙ୍କ ସହ ୫ ଜଣଙ୍କୁ ନିଲମ୍ବିତ କରାଯାଇଛି । କିନ୍ତୁ ବଡ଼ କଥା ହେଉଛି ନିଲମ୍ବନକୁ ସହଜରେ ଗ୍ରହଣ କରିପାରିନାହାନ୍ତି ବିରୋଧୀ ଓ ସେନା ସଂଘ। ଘଟଣାର ଜୁଡିସିଆଲ ତଦନ୍ତ ସହ ଅଭିଯୁକ୍ତ ପୋଲିସଙ୍କ ଗିରଫ ସେମାନେ ଦାବି କରିଛନ୍ତି।

ଏହାରି ଭିତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅନୁଶାସନ ଓ କାର୍ଯ୍ୟାନୁଷ୍ଠାନ ପ୍ରତି ହୋଇଛି ଅଙ୍ଗୁଳି ନିର୍ଦ୍ଦେଶ। ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପି ତଦନ୍ତକୁ ବାଟବଣା କରୁଥିବା ଖୋଦ ପୃଷ୍ଠା-୬

# ମୋ'ସରକାର ନାଁରେ ସୈତାନର ବେଦପାଠ

### ଯେତେ ଘୋଡ଼ାଇଲେ ବି ବଢୁଛି ପୋଲିସ ବର୍ବରତା
### ବର୍ଦ୍ଦି ପିନ୍ଧିଲେ ମଣିଷଙ୍କୁ ଭାବୁଛନ୍ତି ପଶୁ!

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ପୋଲିସ, ଏ ଶବ୍ଦଟି ପାଟିରୁ ବାହାରିବା ମାତ୍ରେ ଲୋକଙ୍କ ଭିତରେ ଦେଖିବାକୁ ମିଳେ ଘୃଣା ଓ ଭୟର ପ୍ରତିଫଳନ । ଇଂରେଜ ଅମଳରୁ ଥିବା ଏହି ନକରାତ୍ମକ ମନୋଭାବ ଏବେ ବି ପରିବର୍ତ୍ତନ ହୋଇନି। ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଓ ପୋଲିସ ବିବାଦ ଏବେ ଓଡ଼ିଶା ପୋଲିସର ଛବିକୁ ସାରା ଦେଶରେ ଖରାପ କରିଛି। ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟିଛି ଏହି ଖବର। ରାତିରେ ନାଇଟି ପିନ୍ଧି ଥାନାରେ ବସିବା, ଏତଲା ନରଖିବା, ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେବା ଘଟଣା ପୋଲିସର ଅସଲ ମୁଖା ଖୋଲିଦେଇଛି। ନେଡି ଗୁଡ଼ କହୁଣିକୁ ବୋହିବା ପରେ ଭଲେଇ ହେଉଥିବା ପୋଲିସର ଆଚରଣକୁ ସୈତାନର ବେଦପାଠ ବୋଲି କହିଛନ୍ତି ଅନେକ। ତେବେ ଆସନ୍ତୁ ନଜର ପକେଇବା ଏହି ତଥ୍ୟ ଉପରେ।







କାରଣ ଆଜିର ଦିନରେ ମଧ୍ୟ ମାନବାଧିକାର କମିଶନ, ଭିଜିଲାନ୍ସ, କୋର୍ଟରେ ଗଡୁଛି ଖାକି ବର୍ଦ୍ଦି ବିରୋଧରେ ସର୍ବାଧିକ ମାମଲା। ଏନ୍‌ସିଆର୍‌ବି ତଥ୍ୟ ମୁତାବକ ୨୦୨୦ ମସିହାରେ ଓଡ଼ିଶା ପୋଲିସ ବିରୋଧରେ ଆସିଥିଲା ୭୩ ଟି ମାମଲା। ମାତ୍ର ଗୋଟିଏ କେସ୍‌ର ଫାଇନାଲ୍ ରିପୋର୍ଟ ହୋଇଛି । ୧୩ ଜଣଙ୍କୁ ଗିରଫ କରାଯାଇଛି। କିନ୍ତୁ ୬୩ ମାମଲାର ଚାର୍ଜସିଟ ଦାଖଲ ହୋଇନାହିଁ। ସେହିପରି ଅନ୍ୟ ୧୦ଟି ମାମଲାରେ ଚାର୍ଜସିଟ ହୋଇଥିଲେ ମଧ୍ୟ ଅଭିଯୁକ୍ତ ଖାକି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ୧୨୦ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ ନହେବାରୁ ବଡ଼ ବଡ଼ ଅପରାଧରୁ ଖସିଯିବାକୁ ସୁବିଧା ହେଉଛି । ଯେଉଁଥିରୁ ପୋଲିସର ଢିଲା ପଣ ଓ ଅପାରଗତା ଜଳ ଜଳ ହୋଇ ବାରି ହେଉଛି । ୨୦୨୨ ରେ ମିଳିଥିବା ତଥ୍ୟ ମୁତାବକ ଏହି ସଂଖ୍ୟା ବଢ଼ି ୯୧ ରେ ପହଁଚିଛି। ଆଚାର ବ୍ୟବହାରରେ ପରିବର୍ତ୍ତନ ପାଇଁ ୫ଟି ଓ 'ମୋ ସରକାର' ଅଧୀନରେ ପୋଲିସକୁ ଅନ୍ତର୍ଭୁକ୍ତ କରାଯାଇଥିଲା । କିନ୍ତୁ ପରିତାପର ବିଷୟ ବାହାର ରଙ୍ଗ ଢଙ୍ଗ ସିନା ବଦଳିଥିଲା କିନ୍ତୁ ପ୍ରକୃତିରେ କୌଣସି ପରିବର୍ତ୍ତନ ଏଯାବତ ହୋଇପାରିନାହିଁ ।

ସେହିପରି ଓଏଚ୍ଆର୍‌ସିରେ ନ୍ୟାୟ ଅପେକ୍ଷାରେ ୧୫ ହଜାର ମାମଲା ଗଡୁଥିବା ବେଳେ ସେଥିମଧ୍ୟରୁ ୮ ହଜାର ମାମଲା ରହିଛି କେବଳ ପୋଲିସ ବିରୋଧରେ। ଗତବର୍ଷ କମିଶନରେ ୨୯୧୦ ଟି ମାମଲା ରୁଜୁ ହୋଇଥିବା ବେଳେ ୭ ଶହ ମାମଲା ପୋଲିସ ବିରୋଧରେ ରହିଛି । ୧୩ ଟି ହାଜତ ମୃତ୍ୟୁ ଓ ଏନକାଉଣ୍ଟର ମାମଲାରେ ମୃତକ ଙ୍କ ପରିବାର କୁ ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ଦିଆଯାଇଛି। ପୃଷ୍ଠା-୬

### ସତ ହେଲା ପୂର୍ବାନୁମାନ

## କଂଗ୍ରେସ ସହ ମେଣ୍ଟ କରିବ ବିଜେଡି!



**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ବିଜେଡ଼ି-କଂଗ୍ରେସର ଗୁପ୍ତ ମେଳି ସଂକ୍ରାନ୍ତରେ ଦୈନିକ ଖବର କାଗଜ 'ସଂଚାର' ପକ୍ଷରୁ ଯେଉଁ ସୂଚନା ଦିଆଯାଇଥିଲା ତାହା ଆଜି ସତ୍ୟରେ ପରିଣତ ହୋଇଛି। 'ସଂଚାର'ର ଏହି ଖବର ଉପରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମୋହର ମାରିଛନ୍ତି।

ଗତକାଲି 'ସଂଚାର' ଲେଖିଥିଲା ଯେ, ବିଜେଡ଼ିର ଜଣେ ବରିଷ୍ଠ ନେତା ଲୁଚିଛପି କଂଗ୍ରେସ ନେତାଙ୍କୁ ଭେଟିବା ସହିତ ଗୁପ୍ତ ବୈଠକ କରୁଛନ୍ତି। ଖବର ପ୍ରକାଶିତ ହେବାର ୨୪ ଘଣ୍ଟା ନ ପୁରୁଣୁ ରାଜ୍ୟସଭା ସାଂସଦ ଶ୍ରୀ ସାମନ୍ତରାୟ ପାରାଦୀପଠାରେ ଏକ ଖୋଲା ସଭାରେ କଂଗ୍ରେସ ସହାୟତାରେ ବିଜେଡି ରାଜ୍ୟରେ ସରକାର ଗଠନ କରିବେ ବୋଲି କହିଛନ୍ତି। ଅଦାଲତରେ ଚାଲିଥିବା ନିର୍ବାଚନୀ ମାମଲା ଫଳାଫଳ ଆଧାରରେ ଉପନିର୍ବାଚନ ହେଲେ ୭ଟି ସ୍ଥାନରେ ବିଜେଡି ସହଜରେ ଜିତିବ ଓ ଏହାପରେ କଂଗ୍ରେସ ସହାୟତା ନେଇ ସରକାର ଗଠନ କରାଯାଇପାରିବ। ଉପନିର୍ବାଚନରେ ନବୀନବାବୁ ହାତ ହଲାଇଦେଲେ ବିଜେଡି ଜିତିଯିବ ବୋଲି ଶ୍ରୀ ସାମନ୍ତରାୟ କହିବା ସହିତ କଂଗ୍ରେସର ସହଯୋଗନେଇ ଇଙ୍ଗିତ କରିଛନ୍ତି। ଏହି ଘଟଣା ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ବିଜେଡ଼ି ପକ୍ଷରୁ ବିଧିବଦ୍ଧ ଭାବେ ଏହାକୁ ଖଣ୍ଡନ କରାଯାଇନାହିଁ। ତେବେ ବିଜେପି ଏହାକୁ ହାଲୁକାଭାବେ ନେବା ସହିତ ଏହି ବକ୍ତବ୍ୟରୁ ବିଜେଡ଼ି କିଭଳି କଂଗ୍ରେସ ସହିତ ରହିଛି ତାହା ଜଣାପଡିଗଲା ବୋଲି କହିଛି। 'ସଂଚାର'ର ଆଗୁଆ ସୂଚନା ଓ ରାଜ୍ୟସଭା ସାଂସଦ ଶ୍ରୀ ସାମନ୍ତରାୟଙ୍କ ଖୋଲାମଞ୍ଚରେ ଘୋଷଣା ରାଜ୍ୟ ରାଜନୀତିକୁ ନୂଆ ମୋଡ଼ ଦେଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

## ଟ୍ରେଣ୍ଡିଂ ନ୍ୟୁଜ୍

- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆସନ୍ତା ୨୭ ତାରିଖରେ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଜିଲାପାଳ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ, ନିର୍ଦ୍ଦେଶକମାନଙ୍କୁ ଯୋଗଦେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।
- ଲେବାନନ୍ ପେଜର ବ୍ଲାଷ୍ଟ ମାମଲାରେ ନରୱେରେ ଅବସ୍ଥାନ କରୁଥିବା ଭାରତୀୟ ବଂଶୋଦ୍ଭବ ରିନ୍‌ସନ୍ ଜୋସ୍ ଏହାକୁ ହିଜ୍‌ବୁଲ୍ଲାକୁ ଯୋଗାଇଥିବା ସୂଚନା।
- ତିରୁପତି ଲଡୁ ବିବାଦ: ସିବିଆଇ ତଦନ୍ତ ଦାବି କରି ଆନ୍ଧ୍ର କଂଗ୍ରେସ ମୁଖ୍ୟ ୱାଇଏସ୍ ଶର୍ମିଳା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଲେ।
- ତିରୁପତି ଲଡୁରେ ପଶୁ ଚର୍ବିରୁ ପ୍ରସ୍ତୁତ ଘିଅ ମିଶୁଥିବା ନେଇ ପ୍ରଚାର କରିଥିବାରୁ ୭ ଏକ୍ସ ୟୁଜରଙ୍କ ବିରୋଧରେ ଅହମ୍ମଦାବାଦ ସାଇବର ଥାନାରେ ମାମଲା।
- ଉତ୍ତରାଖଣ୍ଡ ସରକାର ୧୦୦ ୟୁନିଟ୍ ଓ ହିମାଳୟରେ ୨ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ୫୦% ରିହାତି ଦେବେ।
- ନିର୍ବାଚନ ସମାବେଶରେ ହରିଆଣାର କଂଗ୍ରେସ ସାଂସଦ ଜୟ ପ୍ରକାଶ ଜଣେ ବୃଦ୍ଧଙ୍କୁ ଗୋଇଠା ମାରି ବିବାଦରେ ଫସିଲେ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତର ମାତ୍ର କେଇଘଣ୍ଟା ପୂର୍ବରୁ ହ୍ୱାଇଟହାଉସ୍ ପକ୍ଷରୁ ଖଲିସ୍ତାନ ସପକ୍ଷବାଦୀଙ୍କ ସହିତ ବୈଠକ।
- କୋଲକାତା: ଆନ୍ଦୋଳନରତ ଜୁନିୟର ଡାକ୍ତରମାନେ ଶନିବାରଠାରୁ ଜରୁରିକାଳୀନ ସେବାରେ ସାମିଲ ହେଲେ। ଦାବି ସଂପୂର୍ଣ୍ଣ ପୂରଣ ନ ହେଲେ ଆନ୍ଦୋଳନ ପ୍ରତ୍ୟାହାର କରାଯିବନି ବୋଲି ଚେତାବନୀ।

## ୪୮ ଘଣ୍ଟାରେ ଲଘୁଚାପ: ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହା ଆସନ୍ତା ୨୩ ତାରିଖ ସୁଦ୍ଧା ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟରେ ବର୍ଷା ବଢ଼ିବ। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଆସନ୍ତା ୨୪ ଘଣ୍ଟାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ, ଉତ୍ତର ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାର ଗୋଟେ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଜିଲ୍ଲାଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା। ୨୨ ତାରିଖରେ ୧୭ ଜିଲ୍ଲାକୁ ପଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ବିଜୁଳି ଘଡଘଡି ସହ ବର୍ଷା ହେବ। ଜିଲ୍ଲାଗୁଡ଼ିକ ମଧ୍ୟରେ ବଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ, ଢେଙ୍କାନାଳ ଓ କେଉଁଝର ରହିଛି। ଏଭଳି ସ୍ଥିତି ଆସନ୍ତା ୨୬ ତାରିଖ ଯାଏଁ ଜାରି ରହିବ। ଆସନ୍ତା ୨୩ରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଫେରୁଥିବା ନେଇ ପାଣିପାଗ ବୈଜ୍ଞାନିକ ସଞ୍ଜିବ ଦ୍ୱିବେଦୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

### ଓଡ଼ିଆ ଅସ୍ମିତା ଇଫେକ୍ଟ

## ରିଲିଫ ନୁହେଁ ଅଧିକାର ରାଶି

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ସବୁବେଳେ ଓଡ଼ିଶା ଅସ୍ମିତା କଥା କହୁଥିବା ବିଜେପି ସରକାର ରାଜ୍ୟବାସୀଙ୍କ ସମ୍ମାନକୁ ମଧ୍ୟ ଗୁରୁତ୍ୱ ଦେବାକୁ ଚିନ୍ତା କରୁଛନ୍ତି। ଯେଉଁଥିପାଇଁ ରିଲିଫର ନାଁ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଜ ପୂଜାରୀ ଏହି ସୂଚନା ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଏଣିକି ରିଲିଫ୍ କୋଡ୍‌ର ନାଁ ପରିବର୍ତ୍ତନ ହେବ। ଏଣିକି ଆଉ ରିଲିଫ୍ କୁହାଯିବ ନାହିଁ , ଏହାକୁ ବିପର୍ଯ୍ୟୟ ଅଧିକାର ରାଶି କୁହାଯିବ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି। ବନ୍ୟା ବାତ୍ୟା ସମୟରେ ଅସହାୟ ଓ ବିପନ୍ନଙ୍କୁ ଦିଆଯାଉଥିବା ଖାଦ୍ୟ ସାମଗ୍ରୀ ଓ ଚଳନୀୟ ବ୍ୟବହାର ଜିନିଷକୁ ରିଲିଫ କୁହାଯାଏ। ତେଣୁ ଏହାର ନାମ ବଦଳାଇ ବିପର୍ଯ୍ୟୟ ଅଧିକାର ରାଶି କୁହାଯିବ। ରାଜସ୍ୱମନ୍ତ୍ରୀଙ୍କ ଯୁକ୍ତି, ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ହେଉଥିବା ଲୋକଙ୍କୁ ସହାୟତା ଯୋଗାଇଦେବା ସବୁ ସରକାରଙ୍କ ଉତ୍ତରଦାୟିତ୍ୱ। ଲୋକଙ୍କ ସୁରକ୍ଷା ଓ ଥଇଥାନ ସରକାରଙ୍କ ଦାୟିତ୍ୱ। ଏହି ଦାୟିତ୍ୱ ନିର୍ବାହ କରିବା ସମୟରେ ସରକାର



କୌଣସି ନାଗରିକଙ୍କ ଉପରେ ଦୟା କରୁନାହାଁନ୍ତି। ବରଂ ରାଜ୍ୟର ନାଗରିକ ଭାବେ ସେମାନେ ସରକାରଙ୍କ ଠାରୁ ସହାୟତା ପାଇବା ପାଇଁ ହକଦାର। ତେଣୁ ସରକାର ଯେତେବେଳେ ଲୋକଙ୍କ ପାଇଁ ଉତ୍ତରଦାୟୀ ସେତେବେଳେ ଲୋକଙ୍କୁ ଯୋଗାଇଦିଆଯାଉଥିବା ସହାୟତା ସେମାନଙ୍କ ପାଇଁ ଦୟା ସଦୃଶ୍ୟ ନୁହେଁ। ତେଣୁ ରିଲିଫର ନାଁ ବଦଳାଇ ଏହାକୁ ବିପର୍ଯ୍ୟୟ ଅଧିକାର ରାଶି ବୋଲି କୁହାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

# ୧୭୮ କୋଟି ଦେଇ ଟାଟା ପାୱାର ସାଜିଛି ମାଲିକ

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ଓଡ଼ିଶାରେ ବିଜୁଳି ବ୍ୟବସ୍ଥାକୁ ହୁଗୁଳି ଚାଲିଥିବା ଟାଟା ପାୱାର ମାତ୍ର ୧୭୮ କୋଟି ୫୦ଲକ୍ଷ ଟଙ୍କାରେ ସେସୁର ୫୧ ପ୍ରତିଶତ ଅଂଶଧନ ହାତେଇଛି । ୩୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତିର ମାଲିକ ଥିବା ସେସୁର ୫୧ ପ୍ରତିଶତ ଅଂଶଧନକୁ ପୂର୍ବର ବିଜେଡି ସରକାର କିଭଳି ଘରୋଇ ସଂସ୍ଥା ଟାଟା ପାୱାରକୁ ମାତ୍ର ୧୭୮.୫୦ କୋଟି ଟଙ୍କାରେ ଦେଇଦେଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।




ପୂର୍ବରୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ରିଲାୟନ୍ସ କମ୍ପାନୀ ରାଜ୍ୟ ଶକ୍ତି ବିଭାଗକୁ ଚୂନ ଲଗାଇ ଯିବାପରେ ଓଡ଼ିଶା ସରକାର ଆଉ ଘରୋଇ କମ୍ପାନୀ ହାତରେ ରାଜ୍ୟର ବିଦ୍ୟୁତ୍ ଗ୍ରାହକଙ୍କୁ ଟେକି ଦେବେନାହିଁ ବୋଲି କୁହାଯାଉଥିଲା । ରିଲାୟନ୍ସ ଯିବାପରେ ଶକ୍ତି ବିଭାଗ ଓଡ଼ିଶାକୁ ଚାରିଟି ଜୋନ୍‌ରେ ବିଭକ୍ତ କରି ବିଦ୍ୟୁତ୍ ବିତରଣ ନିଜ ହାତରେ ରଖିଥିଲେ । ତେବେ ହଟାତ୍ କୌଣସି କାରଣ ନଥାଇ ଟାଟା ପାୱାରକୁ ୫୧ ପ୍ରତିଶତ ଅଂଶଧନ ବିକିଲେ। ତାହା ପୁଣି ଶାଗମାଛ ଦରରେ। ଟାଟାପାୱାର ଠାରୁ ମିଳିଥିବା ୧୭୮ କୋଟି ଟଙ୍କାକୁ ସେସୁ ବାକି ସୁଝିବା ଆଳରେ ଗ୍ରିଡ୍‌କୋକୁ ଦେଇଦେଲା।

### ୫୧% ଅଂଶଧନ ବିକ୍ରିର ତଦନ୍ତ ହେଲେ ଖୋଲିବ ଗୁମର
### ବିଜେଡି ଡିଲ୍‌କୁ ବିଜେପିର ନିରବ ସମର୍ଥନ ନେଇ ଚର୍ଚ୍ଚା

୫୧ ପ୍ରତିଶତ ଅଂଶଧନ ହାତେଇବା ପରେ ଟାଟା ପାୱାର ଧିରେ ଧିରେ ତାହାର ଅସଲ ଚେହେରା ଦେଖାଇବାରେ ଲାଗିଛି। ଓଡ଼ିଶାର ବିଦ୍ୟୁତ୍ ସେବା ଯୋଗାଣରେ ଧିରେ ଧିରେ ଅଣଓଡିଆମାନେ ପ୍ରବେଶ କରିବାରେ ଲାଗିଛନ୍ତି। ଏପରିକି ବିଦ୍ୟୁତ୍ କମ୍ପାନୀପାଇଁ ରାସ୍ତାକଡରୁ ଗଛଡାଳ କାଟୁଥିବା କର୍ମଚାରୀ ବି ପଡୋଶୀ ରାଜ୍ୟରୁ ଆସିଛନ୍ତି।

ଟାଟା ପାୱାର କିଭଳି ବିଦ୍ୟୁତ୍ ସେବା ଯୋଗାଉଛି ତାହାର ନଜିର ସଦ୍ୟ ସମାପ୍ତ ବିଧାନସଭାରେ ଦେଖିବାକୁ ମିଳିଲା। ଉଭୟ ଶାସକ ଓ ବିରୋଧିଦଳର ବିଧାୟକମାନେ କମ୍ପାନୀର କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଏକାଧିକ ପ୍ରଶ୍ନ ପଚାରିଥିଲେ। କମ୍ପାନୀର ଡିଜିଟାଲ ମିଟରରେ ଅତିଷ୍ଠ ହୋଇ ବରଗଡ ଜିଲ୍ଲାର ହଜାର ହଜାର ଲୋକେ ନିଜ ନିଜ ଘରର ମିଟରକୁ ତାଡି ଆଣି କମ୍ପାନୀ ଅଫିସ୍‌ରେ ଫୋପାଡି ଦେଇଛନ୍ତି । ଏହି ମିଟର ନିଆଁ ପଶ୍ଚିମରୁ ଏବେ ଦକ୍ଷିଣକୁ ବ୍ୟାପିବାରେ ଲାଗିଛି। ଉପକୂଳର ହିତାଧିକାରୀମାନେ ବି ଡିଜିଟାଲ ମିଟର ବିରୁଦ୍ଧରେ ସ୍ୱର ଉଠାଇଲେଣି।

ହେଲେ ୫୧ ପ୍ରତିଶତ ଅଂଶଧନ ହାତେଇଥିବାରୁ ଟାଟା ପାୱାର କର୍ତ୍ତୃପକ୍ଷ କାହା କଥାକୁ କର୍ଣ୍ଣପାତ କରୁନାହାନ୍ତି । ବିଧାୟକମାନଙ୍କ ଅଭିଯୋଗକୁ ବାଏଁ ବାଏଁ ଉଡାଇ ଦେଉଛନ୍ତି । ଡିଜିଟାଲ ମିଟର ପରେ ଏବେ ପ୍ରିପେଡ୍ ମିଟର ଲଗାଇବା ଆରମ୍ଭ ହୋଇଛି । ଗ୍ରାହକମାନଙ୍କ କଥାକୁ ଶୁଣାଯାଉ ନାହିଁ । ଲୋକଙ୍କ ଠାରୁ ଆଗୁଆ ପଇସା ନେଇ ବିଦ୍ୟୁତ୍ ଯୋଗାଣ ପାଇଁ ହୋଇଥିବା ଏହି ମହାଜନୀ ଯୋଜନାକୁ ମୋହନ ସରକାର ବି ନିରବ ସମର୍ଥନ ଦେଉଥିବାର ଅଭିଯୋଗ ହେଉଛି । ବିଜେଡି ସରକାରବେଳେ ଟାଟା ପାୱାର କରିଥିବା ଏହି ଯୋଜନାକୁ ବିଜେପି ସରକାର ସମର୍ଥନ କରିବାକୁ ଅନେକ ସହଜରେ ହଜମ କରିପାରୁ ନାହାନ୍ତି।

ଗ୍ରିଡ୍‌କୋ ହାତରେ ୪୯ ପ୍ରତିଶତ ଅଂଶଧନ ରଖିଥିଲେ ବି ସରକାର ଏକ ପ୍ରକାର ନାଚାର ସ୍ଥିତିରେ ଅଛନ୍ତି । ଟାଟା ପାୱାରକୁ ବିରୋଧ କରିବାକୁ ବଳ ପୃଷ୍ଠା-୬

### ରାସ୍ତା କାମରେ ଚଞ୍ଚକତା: ସବୁ ଦେଖି ଚୁପ୍ ରହିଛି ବିଭାଗ

# ପୂର୍ବ ନଦୀବନ୍ଧ ମାଟିକୁ ତାଡ଼ି ସେହି ବନ୍ଧରେ ଲଗାଇ ସମ୍ପ୍ରସାରଣ ଯୋଜନା

**ଗରଦପୁର, ୨୧।୯ (ସଂଚାର ବ୍ୟୁରୋ):** ନଦୀ ବନ୍ଧରୁ ମାଟି ଖୋଳି ରାସ୍ତା ସମ୍ପ୍ରସାରଣ କରାଯାଇଛି । ବାହାର ସ୍ଥାନରୁ ମାଟି ଆଣିବା ପରିବର୍ତ୍ତେ ପୂର୍ବ ନଦୀ ବନ୍ଧକୁ ଜେସେବି ମେସିନ୍ ଦ୍ୱାରା ତାଡି ଅତି ଚତୁରତାର ସହିତ ତାକୁ ରାତାରାତି ଲୁଚାଇବା ପାଇଁ ପ୍ରୟାସ କରାଯାଇଛି। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡ଼ିଭିଜନ -୨ ଅଧିନସ୍ଥ ହଳଦିଆଗଡ଼ାରୁ ପାଟକୁରା ରାସ୍ତା କାମ ଅବଧି ଶେଷ ହେବାର ବର୍ଷେ କାଳ ପରେ ବି ଢୋକେ ପିଇ ଦଣ୍ଡେ ଜିଇବା ଅବସ୍ଥାରେରେ ଚାଲିଛି । ଯେତିକି କାମ ଶେଷ ହୋଇଛି ତାହା ଏତେ ନିମ୍ନମାନର ଯେ ଏହା ଆଉ ବର୍ଷକ ପରେ ପୂର୍ବ ଅବସ୍ଥାକୁ ଯେ ନଫେରିବ ତା'ର ଗ୍ୟାରେଣ୍ଟି କାହା ପାଖରେ ନାହିଁ। ଆଉ ଯେଉଁ ଅଂଶତକ କାମ ହୋଇନାହିଁ ବିଶେଷ କରି ତାଳସଙ୍ଗା ଠାରୁ ନୂଆପଡ଼ା ଯାଏ ଅସଂଖ୍ୟ ଖାଲ ଖମାରେ ପୂର୍ଣ୍ଣ ହୋଇ ଯାତାୟତ ପାଇଁ ବିପଦ ସଂକୁଳ ହୋଇପଡ଼ିଛି । ଏହି ରାସ୍ତା ଅତିକ୍ରମ କରିବା ଆଗରୁ ଲେକେ ଭଗବାନଙ୍କୁ ଡ଼ାକି ଯିବାକୁ ବାଧ୍ୟ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା କଥାଯେ ଏହି ରାସ୍ତା କାମ ଆରମ୍ଭରୁ ହିଁ ଅନିୟମିତତା ଓ ଚଂଚକତା ଦେଖାଦେଇଥିଲା । ସଂପୃକ୍ତ ଠିକାଦାର ଏହି ରାସ୍ତା ପ୍ରଶସ୍ତିକରଣ ୩ଫୁଟ୍ କାଟି ସେହି ମାଟିକୁ ଦକ୍ଷିଣ ପାର୍ଶ୍ୱରେ ରଖିଥିଲା । କାମ ଆରମ୍ଭ କରି ପାଟକୁରା ଜଳସେଚନ ସବ୍-ଡିଭିଜନ ଅଫିସ୍ ନିକଟରୁ ଯମୁନାବାଦ ଗଡ଼ା ଯାଏ ରାସ୍ତା ପାର୍ଶ୍ୱରେ ଅବଶ୍ୟ କିଛି ମାଟି ପକାଇଥିଲେ । କିନ୍ତୁ ତା' ପରଠାରୁ ପିଚୁ ନଥିବା ରାସ୍ତା ପାର୍ଶ୍ୱର ଅବଶିଷ୍ଟ ଅଂଶକୁ ଜେସିବି ଦ୍ୱାରା ଦୁଇ ଫୁଟ୍ ଓସାର ଓ ଦୁଇ ଫୁଟ୍ ଗଭୀରରେ ଖୋଳି ସେହି ମାଟିକୁ ରାସ୍ତା କଡ଼ରେ ଆଉଜେଇ ଦେଇ ମାଟି ପକାଇ ଥିବାର ଦର୍ଶାଇ ବିଲ୍ ଉଠାଇନେଲେ । ତାଳସଙ୍ଗା ଠାରୁ ନୂଆପଡ଼ା ଯାଏ ରାସ୍ତା ଟିକେ ଅଣଓସାରିଆ ଥିବାରୁ ଠିକାଦାର ଚତୁରତାର ସହ ଏହି କାମକୁ ପଛକୁ ରଖି ଦେଇଥିଲେ । ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ମାଟି ପକାଇ ସଂପ୍ରସାରିତ ନକରି ଠିକ୍ ବର୍ଷା ଦିନ ଆଗରୁ ଉତ୍ତର ପାର୍ଶ୍ୱରେ ଥିବା ବନ୍ୟା ନିୟନ୍ତ୍ରଣ ଘେରି ବନ୍ଧକୁ ୨/୩ ଫୁଟ୍ ମାଟି ଖୋଳି ଦକ୍ଷିଣ ପାର୍ଶ୍ୱରେ ପକାଇ ଦେଲେ। ଆଉ ଦକ୍ଷିଣ ପାର୍ଶ୍ୱରେ ଯେତିକି ପୁରୁଣା ରାସ୍ତାର ଧାର ଥିଲା ତାକୁ ଜିଏସପି ପାଇଁ ଖୋଳି ସେହି ମାଟିକୁ ବି ପାର୍ଶ୍ୱରେ ଆଉଜେଇ ଦେଲେ । ଫଳରେ ରାସ୍ତାଟି ସଂପ୍ରସାରିତ ହୋଇଥିବାର ଦୃଶ୍ୟମାନ ହୋଇଗଲା ।



ଚିତ୍ରୋତ୍ପଳା ନଦୀ ରିଙ୍ଗ ବନ୍ଧ କାହା ନିର୍ଦ୍ଦେଶରେ ଖୋଳିଲେ ଠିକାଦାର ?

ତାଳସଙ୍ଗା - ନୂଆପଡ଼ା ରାସ୍ତା ସାଜିଛି ମରଣଯନ୍ତା

ଏହି ଚଂଚକତାକୁ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପଦାଧିକାରୀ ଅବଶ୍ୟ ମୋଟା ଅଙ୍କର ପିସି ମୋହରେ ଆଖିବୁଜି ଦେଇଥିଲେ । ହେଲେ ସ୍ଥାନୀୟ ଜଳ ସେଚନ ବିଭାଗ ଯନ୍ତ୍ରୀ, ଉଚ୍ଚ ପଦାଧିକାରୀ ଘେରି ବନ୍ଧ କଟାଯିବାକୁ କିପରି ବରଦାସ୍ତ କରି ଚୁପ୍ ରହିଲେ ତାହା ସନ୍ଦେହ ସୃଷ୍ଟି କରିଛି ।

ତେବେ ଏହି ରାସ୍ତାର ପିଚୁ କାମ ହୋଇନଥିବାରୁ ଏହା ମରଣଯନ୍ତା ପାଲଟିଥିବାବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଲୋକଙ୍କ ଦୁର୍ଦ୍ଦଶାକୁ ବେଖାତିର କରି ନିଘୋଡ଼ ନିଦରେ ଶୋଇଥିବା ଦେଖାଯାଇଛି। ଠିକାଦାରର ଚତୁରତାର କାର୍ଯ୍ୟ ଏବଂ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ମୁଖ୍ୟ ରାସ୍ତା କାର୍ଯ୍ୟର ସ୍ଥାୟୀତ୍ୱ ଏବଂ ବନ୍ୟା ପାଇଁ ନଦୀ ବନ୍ଧ କେତେ ଯେ ସବଳ ରହିବ ସେନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କରିଛନ୍ତି ।

### ସରକାରୀ କାର୍ଯ୍ୟାଳୟରେ ଜମୁଛି ମଦର ଆସର

## ମାତାଲ ଓଏଲ୍ଏମ୍ କର୍ମଚାରୀଙ୍କ ଦୌରାତ୍ମ୍ୟ

**କେନ୍ଦ୍ରାପଡ଼ା, ୨୧।୯ (ସଂଚାର ବ୍ୟୁରୋ):** ସରକାରୀ କର୍ମଚାରୀ ହୋଇ କାର୍ଯ୍ୟାଳୟରେ ଜମାଇଛନ୍ତି ମଦର ଆସର । ବିନା ମଦରେ ହେଉନାହିଁ କାମ ଏବଂ ଭିନ୍ନ ଭିନ୍ନ ବ୍ରାଣ୍ଡର ମଦ ମଗାଇ କାର୍ଯ୍ୟାଳୟରେ ପିଉଛନ୍ତି ଜଣେ କାର୍ଯ୍ୟରତ କର୍ମଚାରୀ । ହେଲେ ଏଭଳି ଘଟଣା ବ୍ଲକ ପରିସର ମଧ୍ୟରେ ଘଟାଇଥିଲେ ମଧ୍ୟ ବ୍ଲକ ଉଚ୍ଚ ପଦସ୍ଥ ଅଧିକାରୀ ଜାଣି ଶୁଣି ମଧ୍ୟ କୌଣସି ପଦକ୍ଷେପ ନନେଇ ମଦ ପିଇ ଫିଙ୍ଗିଥିବା ବୋତଲକୁ ସ୍ୱଚ୍ଛ ଭାରତ ଅଭିଯାନରେ ବ୍ଲକ ପରିସରରେ ପଡୁଥିବାରୁ ତାକୁ ଗୋଟାଇ ନେଇଛନ୍ତି। ଏଭଳି ଦୃଶ୍ୟ ଏବେ କେନ୍ଦ୍ରାପଡ଼ା ଜିଲ୍ଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଓଡ଼ିଶା ଜୀବିକା ମଶିନ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି । ଓଏଲଏମ୍ କର୍ମଚାରୀ ରବିନ୍ଦ୍ର ପଢ଼ିହାରି ନିଜ କାର୍ଯ୍ୟାଳୟ ପରିସରରେ ଏବଂ କାର୍ଯ୍ୟରତ ଥାଇ ମଧ୍ୟ ମଦର ଆସର ଜମାଇ ମଦ ପିଉଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି।



ଯାହା ଫଳରେ ସରକାରୀ ନିୟମ କାନୁନର ବ୍ୟବସ୍ଥା କୁ ଧଜିଆ ଉଡ଼ାଇ ଏଭଳି କିଛି ନିର୍ଦ୍ଦିଷ୍ଟ କାଚାରୀଙ୍କ ପାଇଁ ବ୍ଲକ ପ୍ରଶାସନ ଏବଂ ସରକାରୀ ବେବସ୍ଥା ସମ୍ପୂର୍ଣ୍ଣ ନିନ୍ଦିତ ହେଉଛି । ହେଲେ ଜଣେ କର୍ମଚାରୀ କାହା ସାହସରେ ଏତେ ସାହସ ପାଉଛନ୍ତି ତାକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ପଚାରିବାରୁ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର କହିଛନ୍ତି ଘଟଣାର ତଦନ୍ତ କରାଯିବ ସରକାରୀ କର୍ମଚାରୀ ହୋଇ ଯଦି କାର୍ଯ୍ୟାଳୟ ପରିସରରେ ମଦ୍ୟପାନ କରିଥିବେ ତେବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କାଉନସିଲର କାଳୀ ପ୍ରସାଦ ମିଶ୍ର ଗୁରୁତର

**କେନ୍ଦ୍ରାପଡ଼ା, ୨୧।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହରର ବରିଷ୍ଠ ବିଜେଡି ନେତା ତଥା ପୌର ପରିଷଦର ୨ ନମ୍ବର କାଉନସିଲର କାଳୀ ପ୍ରାସାଦ ମିଶ୍ର ଗୁରୁତର ଅସୁସ୍ଥ । ଗତକାଲି ତାଙ୍କର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ନହେବାରୁ ଭୁବନେଶ୍ୱର ସମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।



ସେଠାରେ ତାଙ୍କର ହୃତପିଣ୍ଡରେ ଅସ୍ତ୍ରୋପଚାର କରାଯାଇଛି। ଜଣାଶୁଣା ହୃଦରୋଗ ବିଶେଷଜ୍ଞ ପ୍ରଫେସର ଦୀପକ ପାଢ଼ୀ ତାଙ୍କର ଅସ୍ତ୍ରୋପଚାର କରିଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଅଛି ଏବଂ ସେ ସଂପୁର୍ଣ୍ଣ ବିପଦମୁକ୍ତ ବୋଲି ଡାକ୍ତର ପାଢ଼ୀ କହିଛନ୍ତି। ବହୁ ଦଳୀୟ ନେତା ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ,ବିଶିଷ୍ଟ ବ୍ୟକ୍ତି। ସମ ହସ୍ପିଟାଲ ଯାଇ ତାଙ୍କୁ ଭେଟିବା ସହିତ ଅଶୁଆରୋଗ୍ୟ କାମନା କରିଛନ୍ତି।

## ସିଦ୍ଧ ମରିଚାଣୀ ବିଦ୍ୟାପୀଠରେ ଚତୁର୍ଥ ମାସିକ ବୈଠକ

**କେନ୍ଦ୍ରାପଡ଼ା, ୨୧।୯ (ସଂଚାର ବ୍ୟୁରୋ):** ସିଦ୍ଧ ମରିଚାଣୀ ବିଦ୍ୟାପୀଠରେ ଚତୁର୍ଥ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଗଡା ବିଦ୍ୟାଳୟର ଶିକ୍ଷୟିତ୍ରୀ ସରୋଜିନି ମିଶ୍ର ଓ ମଧୁସ୍ମିତା ଦିଦି ଦ୍ୱୀପ ପ୍ରଜ୍ୱଳନ କରିଥିଲେ । ଏଥିରେ ସାଧନ କେନ୍ଦ୍ରର ୧୨ଟି ବିଦ୍ୟାଳୟର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଶିକ୍ଷକ/ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ/ଶିକ୍ଷିକାମାନେ ଯୋଗ ଦେଇଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଚ୍ୟୁତାନନ୍ଦ ସାମଲ "ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ" ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାମାନେ କିପରି ବହି ପଢିବେ, ଲେଖିବେ ଓ କହିବେ ସେହି ସମ୍ପର୍କରେ କଟେରୀପଡା(କ) ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବିଜୟାଲକ୍ଷ୍ମୀ ପ୍ରଧାନ, ଖମରପଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷିକା ସନ୍ଧ୍ୟାରାଣୀ ପଣ୍ଡା, ତଳପଡା କଦମପଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷିକା ସୁନନ୍ଦା ଜେନା ପ୍ରମୁଖ ଶ୍ରେଣୀଗୃହ ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟର ଶିକ୍ଷକ ଧିରେନ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ଶାନ୍ତିକମିଟି ବୈଠକ

**ପଟ୍ଟାମୁଣ୍ଡାଇ, ୨୧।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗା ପୂଜା ଉତ୍ସବକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଶାନ୍ତି କମିଟି ସହିତ ପୂଜା କମିଟିର ମିଳିତ ଗୁରୁତ୍ୱପୂର୍ଣ୍ଣ ବୈଠକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୬୦/୭୦ବର୍ଷ ପୁରୁଣା ଏହି ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି । ସାମ୍ପ୍ରଦାୟିକ ସଂପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଂଚଳରେ ଆୟୋଜିତ ଶାରଦୀୟ ଦୁର୍ଗା ପୂଜା ଉତ୍ସବରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜା ଉତ୍ସବକୁ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ଶାନ୍ତି କମିଟି ବୈଠକ ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ଅବକାରୀ ଇନସପେକ୍ଟର ପଦ୍ମଲୋଚନ ନାୟକ, ଏସ ଆଇ ନରେଶ ପଣ୍ଡା, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ନିର୍ମଳ ଜେନା,ବିଦ୍ୟୁତ ବିଭାଗ ଯନ୍ତ୍ରୀ ପାଢ଼ୀ, ଏ ଏମ ସି ଆଶିଷ ମିଶ୍ର, ଅଗ୍ନିଶମ ଅଧିକାରୀ ରାମକୃଷ୍ଣ ପଣ୍ଡା ପ୍ରମୁଖ ପ୍ରଶାସନିକ ଅଧିକାରୀ ଯୋଗ ଦେଇ ସରକାରୀ ନୀତିନିୟମ ଓ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ଦିଗରେ ସରକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ ।

# ସୁଭଦ୍ରା ଯୋଜନା ନେଇ ବଢୁଛି ଅସନ୍ତୋଷ

**ମାହାଙ୍ଗା, ୨୧।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ମହିଳାମାନଙ୍କ ଜନପ୍ରିୟ ସୁଭଦ୍ରା ଯୋଜନାକୁ ନେଇ ମାହାଙ୍ଗା ଅଂଚଳରେ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ସୁଭଦ୍ରା ଯୋଜନା ଆରମ୍ଭରେ ରାଜ୍ୟ ସରକାର ୨୧ରୁ ୬୦ ବର୍ଷ ପର୍ଯ୍ୟନ୍ତ ମହିଳାମାନଙ୍କୁ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଫର୍ମ ବଣ୍ଟନ କରାଯାଇଥିଲା । ଏପରିକି ମାହାଙ୍ଗା ବ୍ଲକର ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରକଳ୍ପ ଦ୍ୱାରା ଅଙ୍ଗନୱାଡି କର୍ମୀମାନଙ୍କୁ କେଉଁ କେଉଁ ପଂଚାୟତରେ କେଉଁ କେଉଁ ଜନସେବା କେନ୍ଦ୍ରକୁ ଦାୟିତ୍ୱ ଦିଆଯାଇଛି ଜନସେବା କେନ୍ଦ୍ରର ମାଲିକଙ୍କ ନାମ ଜଣାଇଦିଆଯାଇଥିଲା । ଏପରିକି ଜନସେବା କେନ୍ଦ୍ର ଗୁଡିକ ସଂପୃକ୍ତ ପଂଚାୟତର ହିତାଧିକାରୀମାନଙ୍କଠାରୁ ଫର୍ମ ସଂଗ୍ରହ କରି ଅନ୍ଲାଇନ ମାଧ୍ୟମରେ ଆବେଦନ କରିଥିଲେ । ଆବେଦନପରେ ହିତାଧିକାରୀମାନଙ୍କୁ ସୁଭଦ୍ରା ଯୋଜନାର ପ୍ରାପ୍ତି ସ୍ୱୀକାର ରସିଦ୍ ପ୍ରଦାନ କରାଯାଇଥିଲା ।

ମାହାଙ୍ଗା ବ୍ଲକର ନାହାଙ୍ଗ ପଂଚାୟତରେ ଦାୟିତ୍ୱରେ ଥିବା ଜନସେବା କେନ୍ଦ୍ରରେ ସୁଭଦ୍ରା ଫର୍ମ ଜମା କରାଯିବା ପରେ ଯେଉଁ ପ୍ରାପ୍ତି ସ୍ୱୀକାରପତ୍ର ମହିଳାମାନଙ୍କୁ ଜନସେବା କେନ୍ଦ୍ର ତରଫରୁ ମହିଳାମାନଙ୍କୁ ପ୍ରଦାନ କରାଯାଇଥିଲା ସେଥିରେ ଆଧାର ନମ୍ବର ଉଲ୍ଲେଖ ନଥିଲା । ଏବେ ଚର୍ଚ୍ଚା ହେଉଛି ଯେ ପ୍ରାପ୍ତି ସ୍ୱୀକାରପତ୍ରରେ ଆଧାର ନମ୍ବର ନଥିବାରୁ ବହୁ ମହିଳାମାନେ ୧୭ ତାରିଖରେ ପ୍ରଦାନ କରାଯାଇଥିବା ସହାୟତରୁ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେଉଁମାନେ ପଂଚାୟତ ବାହାରେ ଥିବା ଜନସେବା କେନ୍ଦ୍ର, ମୋସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ପାଇଁ ଅନ୍ଲାଇନ ଆବେଦନ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସୁଭଦ୍ରା ଯୋଜନାର ପ୍ରଥମ ସହାୟତା କିସ୍ତି ପାଇଛନ୍ତି। ଜନସେବା କେନ୍ଦ୍ରର ତ୍ରୁଟି ପାଇଁ ବହୁ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ କିଭଳି ପରବର୍ତ୍ତୀ ସମୟରେ ଏହି ଯୋଜନାରୁ ସୁଫଳ ପାଇବେ ସେ ସଂପର୍କରେ ତୁରନ୍ତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସର୍ବସାଧାରଣ ଦାବି ହେଉଛି ।

## ଏମ୍ଏସ୍ଏମ୍ଇ ଉପାଧ୍ୟକ୍ଷ ହେଲେ ସତ୍ୟପ୍ରିୟ

**ବାଲିଅନ୍ତା, ୨୧।୯ (ସଂଚାର ବ୍ୟୁରୋ):** ଯାହା କଳ୍ପନା ଜଳ୍ପନା କରା ଯାଉଥିଲା ତାହା ସତ୍ୟ ଘୋଷଣା ହୋଇଛି । ଆଜି ଏମ ଏସ ଏମ ଇ ( ପିସିଆଇ) ର ଓଡିଶା ରାଜ୍ୟର ଉପାଧ୍ୟକ୍ଷ ଭାବେ ଜୟଦେବର ଜଣାଶୁଣା ନେତା ସତ୍ୟପ୍ରିୟ ବେହେରାଙ୍କୁ ଏମଏସ ଏମ ଇ ର ଚେୟାର ମ୍ୟାନ ପ୍ରଦୀପ କୁମାର ମିଶ୍ର ସରକାର ଘୋଷଣା କରିଛନ୍ତି । ଆଜି ଅପରାହ୍ଣରେ ଷ୍ଟେଟ ଗେଷ୍ଟ ହାଉସ ସଭା କକ୍ଷରେ ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଶ୍ରୀ ମିଶ୍ର ସରକାର ଆନୁଷ୍ଠାନିକ ଭାବେ ଏହା ଘୋଷଣା କରିଥିଲେ। ଉପାଧ୍ୟକ୍ଷ ଘୋଷଣା ପରେ ତାଙ୍କୁ ସବୁ ମହଲରୁ ଏବେ ପ୍ରଶଂସାର ସୁଅ ଛୁଟିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଆତ୍ମ ନିଯୁକ୍ତି ସୁଯୋଗ କ୍ଷେତ୍ରରେ ତାଙ୍କୁ ଏହି ପଦବି ନେଇ ଯୋଗ୍ୟ ବିବେଚିତ କରାଯାଇଥିବାରୁ ସେ ଏମଏସ ଏମ ଇର ଅଧ୍ୟକ୍ଷ ତଥା କେନ୍ଦ୍ରିୟ ପ୍ରତିନିଧିବୃନ୍ଦଙ୍କୁ ସର୍ବ ପ୍ରଥମେ ଏନେଇ କୃତଜ୍ଞତା ଜ୍ଞାପନ କରିଛନ୍ତି । ଓଡିଶାର ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ବିକାଶ କ୍ଷେତ୍ରରେ ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।



## ଗିରି ବଜାର ଜି+୫ରେ ଠିଆ ହେବ

**ବ୍ରହ୍ମପୁର, ୨୧।୯ (ସଂଚାର ବ୍ୟୁରୋ):** ଗିରିବଜାର ସ୍ଥିତ ମାର୍କେଟ କମ୍ପ୍ଲେକ୍ସକୁ ଠିଆ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ମହାନଗର କାର୍ଯ୍ୟାଳୟ ପରିସରରେ ଏ ଦିଗରେ ଆଲୋଚନା ହୋଇଛି । ନବୀକରଣ ରୂପରେ ଏହି କମ୍ପ୍ଲେକ୍ସ ଠିଆହେବ । ଜି+୫ ରେ ଏହାକୁ ନିର୍ମାଣ କରାଯିବା ନେଇ ପ୍ରସ୍ତାବ ରହିଛି । ଏଥି ନେଇ ଡିପିଆର ତିଆରି ହୋଇଛି । ଏହାକୁ ଆଗକୁ ଲୋକ ଲୋଚନକୁ ଅଣାଯିବ। ଏହି ପରିସରରେ ଖୁଚୁରା ବ୍ୟବସାୟଙ୍କ ପାଇଁ ଅଲଗା ବ୍ଲକ ତିଆରି ହେବ । ସେହିଭଳି ହୋଲସେଲେ ବ୍ୟବସାୟଙ୍କ ପାଇଁ ଅଲଗା ବ୍ଲକ ତିଆରି ହେବ । ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇ ଓ କମିଶନରଙ୍କ ସମେତ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ । ଆଗକୁ ଏହାର ସମ୍ପୂର୍ଣ୍ଣ ଛବି ଆସିବ । ପୁର୍ବରୁ ଥିବା ପୁରୁଣା କୋଠା ଭାଙ୍ଗି ପଡ଼ିଛି। ବୈଠକରେ କିଛି କର୍ପୋରେଟର ଅନୁପସ୍ଥିତି ଥିଲେ ।

## ସ୍ୱଚ୍ଛ ଭାରତ ଅଭିଯାନରେ ଯୋଗଦେବା ପାଇଁ କଣାସରୁ ୪ସ୍କାଉଟ୍ ଛାତ୍ରଙ୍କ ଦାର୍ଜିଲିଂ ଯାତ୍ରା

**କଣାସ, ୨୧।୯ (ସଂଚାର ବ୍ୟୁରୋ):** ଜାତୀୟ ସ୍ତରରେ ସ୍ୱୋଚ୍ଛ ଭାରତ ଅଭିଯାନ ଶିବିର ଦାରଜିଲିଙ୍ଗ ଠାରେ ୨୨ତାରିଖ ଠାରୁ ୨୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାରୁ ଓଡ଼ିଶା ତରଫରୁ ୪ଜଣ ସ୍କାଉଟ୍ ଛାତ୍ର ମନୋନିତ ହୋଇଛନ୍ତି। ସେହି ଛାତ୍ରମାନେ କଣାସ ବ୍ଲକର। ସବ୍ୟସଚି ସାହୁ, ଓମ୍ ଚନ୍ଦ୍ରଶେଖ ସ୍ୱାଇଁ, ମିହିର ସ୍ୱାଇଁ, ରାମକାନ୍ତ ସାହୁ। ଗତ ୧୯ତାରିଖ ଦିନ ଦାରଜିଲିଙ୍ଗ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ବହୁମୁଖୀ ଯୋଜନାମୂଳକ ସେବା ଶିବିରରେ ବହୁବିଧ ଲୋକହିତକର କାର୍ଯ୍ୟ ସମ୍ପାଦନ କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

# ମାଟି ତଳୁ ଉଦ୍ଧାର ହେଲା ଶବ

**ବାଲିପାଟଣା, ୨୧।୯ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ମୁକୁନ୍ଦଦାସପୁର ଗ୍ରାମର ସୟଦ ଆଜାଦ ତୁଲାଙ୍କ ପୁଅ ସୟଦ ସାହିଲଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଥିଲା । ପ୍ରାୟ ୫୬ ଦିନ ପରେ ମାଟି ତଳୁ ପୁଲିସ ସହାୟତାରେ ଆଜି ଶବ ଉଦ୍ଧାର ହୋଇଛି। ସାହିଲଙ୍କ ବାପା ସୟଦ ଆଜାଦ ଗତ ୧୭ ତାରିଖରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଥାନାରେ ଲିଖିତ ଅଭିଯୋଗ



ହତ୍ୟା ଅଭିଯୋଗ ଆଣିଲେ ବାପା

କରିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି । ମାଜିଷ୍ଟ୍ରେଟ ସ୍ଥାନୀୟ ଅତିରିକ୍ତ ତହସିଲଦାର ମିଲନ ଜୟଶ୍ୱାଲଙ୍କ ଉପସ୍ଥିତରେ ପୁଲିସ, ସାଇଣ୍ଟିଫିକ ଟିମ ଏବଂ ଡାକ୍ତର ତଦନ୍ତ କରି ନମୁନା ସଂଗ୍ରହ କରିଛି। ଶବ ବ୍ୟବଚ୍ଛେଦ ପରେ ଘଟଣା ଉପରୁ ପର୍ଦା ହଟିବ ବୋଲି ପୁଲିସ ସୂଚନା ଦେଇଛି । ସ୍ଥାନୀୟ ଲୋକେ ଏବଂ ସାଙ୍ଗସାଥୀ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ।

ସୂଚନା ଅନୁସାରେ, ମୁକୁନ୍ଦଦାସପୁର ଗ୍ରାମର ସୟଦ ଆଜାଦ ତୁଲାଙ୍କ ଏକମାତ୍ର ପୁଅ ସାହିଲ (୧୮) । ସାହିଲ ପାଠ ପଢିବା ସହ ବିଦ୍ୟୁତ ମରାମତି କାମ କରୁଥିଲେ । ଗତ ଜୁଲାଇ ୨୭ ତାରିଖ ଦିନ ଗ୍ରାମର ମହମଦ ଜମାଲଙ୍କ ଏକ ମାଛ ଫ୍ୟାକ୍ଟ୍ରି ରେ ଇଲେକ୍ଟ୍ରି ଖରାପ ହୋଇ ଯାଇଥିଲା । ସନ୍ଧ୍ୟାରେ ସାହିଲ ଲାଇନ ମରାମତି କାମ କରୁଥିଲେ । କୌଣସି କାରଣରୁ ସେଠାରେ ମୁର୍ମୁଷୁ ଅବସ୍ଥାରେ ଟଳି ପଡ଼ିଥିଲେ। ଦୀର୍ଘ ସମୟ ପରେ କର୍ମଚାରୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ପ୍ରଥମେ ପିପିଲି ହସ୍ପିଟାଲକୁ ନେଇଯାଇଥିଲେ। ପରେ ଭୁବନେଶ୍ୱରର ବିଭିନ୍ନ ମେଡିକାଲକୁ ନେଇଥିଲେ । ଡାକ୍ତର ପୁଅକୁ ମୃତ ଘୋଷଣା କରିଥିଲେ । ମୃତ୍ୟୁର ସ୍ପଷ୍ଟ କାରଣ ଜଣା ପଡି ନ ଥିବା ବେଳେ ଘଟଣାକୁ ଘୋଡାଇବା ଲକ୍ଷ୍ୟରେ କମ୍ପାନୀ ମାଲିକ ସାହିଲଙ୍କ ପରିବାରକୁ କ୍ଷତି ପୂରଣ ଦେବା ପାଇଁ ପ୍ରତିଶୃତି ଦେଇଥିଲେ । ପରେ ପରିବାର ଲୋକ, ସମ୍ପର୍କୀୟ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଶବକୁ ଗାଁ ଶ୍ମଶାନରେ କବର ଦିଆଯାଇଥିଲା । ବିଧି ଅନୁସାରେ ଶୁଦ୍ଧିକ୍ରିୟା ସମ୍ପନ୍ନ ହୋଇଥିଲା। ପରେ କିନ୍ତୁ କମ୍ପାନୀ ମାଲିକ କ୍ଷତିଗ୍ରସ୍ତ ପରିବାରକୁ କୌଣସି ସହାୟତା ଦେଇ ନ ଥିଲେ କିମ୍ବା ଆଶ୍ୱାସନା ଦେଲେ ନାହିଁ । କିଛି ଦିନ ପରେ ଘଟଣାକୁ ସମ୍ପୂର୍ଣ୍ଣ ଫାଙ୍କି ଦେଇଥିଲେ । ନିରାଶ ହେବା ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଶବ ଉଦ୍ଧାର କରି ଅଧିକ ତଦନ୍ତ ଆରମ୍ଭ କରିଛି ।

# ଜିଲ୍ଲାପାଳଙ୍କୁ ଆକ୍ଷେପ କରି ସିଡିଏମ୍ଓ ହଟହଟା

**ନୟାଗଡ଼, ୨୧।୯ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପରିଷଦ ଅଷ୍ଟମ ସାଧାରଣ ଅଧିବେଶନ ସୃଜନ ସଭାଗୃହରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ସାଂସଦ ସମ୍ବିତ ପାତ୍ର, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଜିଲ୍ଲାରେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ୮୩ ଜଣ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପ୍ରକିୟାକୁ ନେଇ ସରଗରମ ଆଲୋଚନା ହୋଇଥିଲା । ଜିଲ୍ଲାରେ ଖାଲିଥିବା ଶିକ୍ଷକ ପଦବୀ ଏବଂ ଏ ସମ୍ପର୍କରେ ରହିଥିବା ଅସଙ୍ଗତିକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସଠିକ ତଥ୍ୟ ଉପସ୍ଥାପନ କରିପାରିନଥିଲେ। ଏହାକୁ ନେଇ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟିରେ ସମୀକ୍ଷା କରାଯିବାକୁ ସ୍ଥିର ହୋଇଥିଲା । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ଆନୁକୁଲ୍ୟରେ ବିଭିନ୍ନ ସମିତି ବୈଠକକୁ ନେଇ





ଜିଲ୍ଲା ପରିଷଦ ଅଷ୍ଟମ ସାଧାରଣ ଅଧିବେଶନ

ଆଲୋଚନା ହୋଇଥିବା ବେଳେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କୌଣସି ଉତ୍ତର ରଖିପାରିନଥିଲେ। ସ୍ୱାସ୍ଥ୍ୟ ବିଭାଗ ଆଲୋଚନା ସମୟରେ ବିଭ୍ରାନ୍ତିକର ପ୍ରସଙ୍ଗ ଉପସ୍ଥାପନ କରି ସିଡିଏମଓ ସଦସ୍ୟଙ୍କ ଆକ୍ରୋଶକୁ ଆସିଥିଲେ। ଜିଲ୍ଲାପାଳଙ୍କ କ୍ଷମତାକୁ ନେଇ ସିଡିଏମଓ ପ୍ରଶ୍ନ ଉଠାଇବାକୁ ନେଇ ବୈଠକରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା । ସଦସ୍ୟ ବିଜୟ କୁମାର ସାମନ୍ତରାୟ ଉଦବେଗ ପ୍ରକାଶ କରିବା ସହ ଅଯୋଗ୍ୟ ସିଡିଏମଓଙ୍କୁ ତୁରନ୍ତ ଜିଲ୍ଲାରୁ ବଦଳି କରିବାକୁ ଦାବି ଓ ପ୍ରସ୍ତାବ ରଖିଥିଲେ । ଏଥିସହିତ ଜଳସେଚନ, କ୍ଷୁଦ୍ର ଜଳସେଚନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ୨ର ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା । ଆର୍ଡ଼ି ରାସ୍ତା ଉପରେ ଭାରିଯାନ ଚଳାଚଳକୁ ନେଇ ବରିଷ୍ଠ ସଦସ୍ୟ ବିଜୟ ସାମନ୍ତରାୟ ଉଦବେଗ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଲୋଚନା କରିଥିଲେ ।

# ବର୍ଷା ପବନରେ ଉଡ଼ିଗଲା ବିକାଶ ମେଳା ଟେଣ୍ଟ୍

**ଯାଜପୁର, ୨୧।୯ (ସଂଚାର ବ୍ୟୁରୋ):** ମୋହନ ସରକାରଙ୍କ ୧୦୦ ଦିନର କାର୍ଯ୍ୟକାଳ ମଧ୍ୟରେ କିପରି ବିକାଶର ଧାରା ଆଗେଇଛି ତାହାର ହିସାବ ଦେବାକୁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କୁସୁମା ପଡିଆରେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ ମେଳା ଆୟୋଜିତ ହୋଇଥିଲା। ଏହି ମେଳା କୁ ଉଚ୍ଚଶିକ୍ଷା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିବା ସହ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ବଖାଣି ଥିଲେ। କିନ୍ତୁ ସେହିଦିନ ରାତିରେ ବର୍ଷା ପବନରେ ପୁରା ଟେଣ୍ଟ ଧୂଳିସାତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ପଡିଥିବା ଷ୍ଟଲ୍ ଗୁଡ଼ିକର ଟେଣ୍ଟ ଉଡି ଯାଇଥିବା ବେଳେ ସକାଳୁ ସକାଳୁ କର୍ମଚାରୀମାନେ ବାଧ୍ୟ ହୋଇ ନିଜର ପ୍ରଦର୍ଶିତ ସମାଗ୍ରୀ ନେଇ ପଳାଇଛନ୍ତି। ମେଳା ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଜିଲ୍ଲାବାସୀ ଏହାକୁ ବୁଲି ଦେଖିବାକୁ ମନସ୍ଥ କରିଥିଲେ। କିନ୍ତୁ ମେଳା ସ୍ଥଳ ଭାଙ୍ଗି ଯିବା ଫଳରେ ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ରାଜନୀତି ଆରମ୍ଭ ହୋଇଯାଇଛି। ଟେଣ୍ଟ ଉଡିଯିବାକୁ ବିରୋଧୀ ସହଜରେ ହଜମ କରିପାରୁନାହାନ୍ତି। ନିମ୍ନମାନର ଟେଣ୍ଟ୍ ବନ୍ଧା ହୋଇଥିବାରୁ ସାମାନ୍ୟ ପବନରେ ପୁରା ଟେଣ୍ଟ ଉଡି ଯାଇଛି ବୋଲି କୁହାଯାଉଛି। ଏହି ମେଳାରେ ୩୫ରୁ ଉର୍ଦ୍ଧ ଷ୍ଟଲ ରହିଥିବା ବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସେବା ସଂପର୍କରେ ପ୍ରଦର୍ଶନ କରାଯାଇଥିଲା। ତେବେ ଏନେଇ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



## ଦୁର୍ଘଟଣାରେ ଯୁବକ ମୃତ

**ଯାଜପୁର, ୨୧।୯ (ସଂଚାର ବ୍ୟୁରୋ):** ଯାଜପୁର ଟାଉନ ଥାନା ବେଲେଶ୍ୱର ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଯାଜପୁର ସଦର ଥାନା ଅଡଙ୍ଗ ଗ୍ରାମର ଜମାଉଦ୍ଦିନ ଖାଁଙ୍କ ପୁଅ ସଲାଉଦ୍ଦିନ ଖାଁ(୨୦)। ସେ ବାହାରେ ରହି କାମ କରୁଥିବା ବେଳେ ଘରେ ଏକ ବିବାହ ଉତ୍ସବ ଥିବାରୁ ଗାଁକୁ ଆସିଥିଲେ। ତେବେ ବାଇକ ନେଇ କୌଣସି କାମକୁ ଯାଇଥିବା ବେଳେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବିଦ୍ୟାଳୟ ପାଖରେ ପରିତ୍ୟକ୍ତ ଘର, ଅଘଟଣ ଆଶଙ୍କା !

ସରପଞ୍ଚ ନୀରବଦ୍ରଷ୍ଟା



**ସତ୍ୟବାଦୀ, ୨୧।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ସୁକଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆୟୁର୍ବେଦିକ ଚିକିତ୍ସାଳୟ, ପ୍ରାଥମିକ ବିଦ୍ୟାଳୟ ପାଖରେ ଅବସ୍ଥିତ । ବିଦ୍ୟାଳୟ ପାଚେରୀକୁ ଲାଗି ଏହି ପରିତ୍ୟକ୍ତ ଘର ବଡ଼ ବିପଦ ସଙ୍କୁଳ ଅବସ୍ଥାରେ ଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁ ନାହିଁ। ଏଠାରେ ଯେକୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ଦେଖାଯାଇଛି। ଅନ୍ୟ ପଟେ ଯଦି କହିବାକୁ ଯିବା ବର୍ତ୍ତମାନ ବର୍ଷା ଦିନ, ଏଭଳି ପରିସ୍ଥିତିରେ ସମ୍ଭାବନା ରହିଥାଏ କାନ୍ଥ ପଡ଼ିଯିବାର ଭୟ। ବିଦ୍ୟାଳୟ ମୁଖ୍ୟ ପ୍ରବେଶ ପଥ ଫାଟକ ପାର୍ଶ୍ୱରେ ଥିବା ଏହି ପରିତ୍ୟକ୍ତ ଘର ସରୀସୃପମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏସବୁ ପରିବେଶରେ ଏକ ଅଜଣା ବିପଦକୁ ଆମନ୍ତ୍ରଣ କରୁଛି, କହିଲେ କିଛି ଅତ୍ୟୁକ୍ତି ହେବନାହିଁ।

## ସବୁ ବର୍ଗଙ୍କୁ ବୀମା ପରିସରକୁ ଆଣ

ନୂଆଦିଲ୍ଲୀ ୨୧।୯: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର କ୍ଷତି ଏବଂ ହାନିର ଆକଳନ ପାଇଁ ବୀମା ଉତ୍ପାଦ/ବଣ୍ଡ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ପ୍ରୟାସ ଏବଂ ପ୍ରମୁଖ ଘଟଣାକ୍ରମ ଉପରେ ଆଲୋକପାତ କରିଛନ୍ତି। ୨୦ ସେପ୍ଟେମ୍ବର ନୂଆଦିଲ୍ଲୀରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ (ଏନଡିଏମଏ) ପକ୍ଷରୁ ଆୟୋଜିତ କର୍ମଶାଳା -''ବିପର୍ଯ୍ୟୟ ବିପତ୍ତି ବୀମା କାହିଁକି ଗୁରୁତ୍ୱପୂର୍ଣ୍ଣ-ପ୍ରମୁଖ ଧାରଣା ଏବଂ ଲାଭ''ରେ ଅଭିଭାଷଣ ରଖି ସେ ଜୋର୍ ଦେଇ କହିଥିଲେ ଯେ, ଉଦୀୟମାନ ଧାରା ବିପର୍ଯ୍ୟୟ ବିପଦ ବୀମା ପ୍ରୟୋଗରେ ଅଭିନବତ୍ୱ ଆଣିବା ଏବଂ ଅଧିକ ନମନୀୟ, ଦକ୍ଷ ଏବଂ ସମାବେଶୀ ବୀମା ସମାଧାନ ଦିଗରେ ବୈଶ୍ୱିକ ଧାରାରେ ସାମିଲ ହେବା କ୍ଷେତ୍ରରେ ଭାରତର ସମ୍ଭାବନାକୁ ଦର୍ଶାଉଛି। ଭାରତ ସମେତ ବିଶ୍ୱବ୍ୟାପୀ ବିପର୍ଯ୍ୟୟର ବାରମ୍ବାରତା ଏବଂ ତୀବ୍ରତା ବୃଦ୍ଧି ଉପରେ ଚିନ୍ତା ପ୍ରକଟ କରି ଡକ୍ଟର ମିଶ୍ର ବିଭିନ୍ନ କ୍ଷେତ୍ର ଏବଂ ସଂସ୍ଥାରେ ବୀମା କଭରେଜ ସମ୍ପ୍ରସାରଣ ପାଇଁ ଏକ ରଣନୀତିକ ଦୃଷ୍ଟିକୋଣ ପାଇଁ ପରାମର୍ଶ ଦେଇଥିଲେ। ବୀମା କଭରେଜ୍ ସମ୍ପ୍ରସାରଣରେ ଏହି ଉଦୀୟମାନ ଧାରା ପରିପ୍ରେକ୍ଷୀରେ, ସେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ପ୍ରଥମତଃ, ଆମେ କିପରି ପ୍ରଭାବୀ ଢଙ୍ଗରେ ଜନସଂଖ୍ୟାର ସେହି ବର୍ଗଙ୍କ ନିକଟରେ ପହଞ୍ଚିପାରିବା ଯେଉଁମାନଙ୍କ ବୀମା କିଣିବା କଷ୍ଟକର? ଏହା ସୁଲଭତା ଉପରେ ପ୍ରଶ୍ନ ଉଠାଇଥାଏ - ଅଧିକ ସୁଲଭ ମୂଲ୍ୟ ନିର୍ଦ୍ଧାରଣ, ସଚେତନତା ବୃଦ୍ଧି ଏବଂ ଦାବି ସମାଧାନ ପ୍ରକ୍ରିୟାକୁ ସରଳ କରିବା ମାଧ୍ୟମରେ ଆମେ କିପରି ବୀମାର ପ୍ରସାରକୁ ବ୍ୟାପକ କରିପାରିବା।

ସ୍ୱାସ୍ଥ୍ୟ ମେଳାରେ ମୁଖ୍ୟମନ୍ତ୍ରୀ

# ପ୍ରତି ଜିଲ୍ଲାରେ ହେବ ମେଗା ସ୍ୱାସ୍ଥ୍ୟ ଶିବିର



### ୧୦୦୦ ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ବାଣ୍ଟିଲେ

ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ମେଗା ସ୍ୱାସ୍ଥ୍ୟ ମେଳା ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ପ୍ରଶାସନ ଉଦ୍ୟମରେ କେନ୍ଦୁଝରଠାରେ ଜିଲ୍ଲା ସଦର ମହକୁମା ଡାକ୍ତରଖାନା, ଧରଣୀଧର ନାୟକ ମେଡିକାଲ କଲେଜ ଓ ଏସ୍‌ସିବି ମେଡିକାଲ କଲେଜର ମିଳିତ ଆନୁକୂଲ୍ୟରେ ଏହି ମେଳା ଆୟୋଜିତ ହୋଇଛି। ଏଥିରେ ସ୍ନାୟୁରୋଗ, ହୃଦ୍‌ରୋଗ, ଭେଷଜ, ସର୍ଜରୀ, ୟୁରୋଲୋଜି, ନେଫ୍ରୋଲୋଜି, ସାଇକ୍‌ଆଟ୍ରିକ, ପେଡିଆଟ୍ରିକ, ଅର୍ଥୋପେଡିକ ଇତ୍ୟାଦି ଜଟିଳ ରୋଗର ବିଶେଷଜ୍ଞମାନେ ଯୋଗଦେଇ ନିଶୁଳ୍କ ଚିକିତ୍ସା ଯୋଗାଇ ଦେଇଛନ୍ତି। ଏହି ଅବସରରେ ଚକ୍ଷୁ ଚିକିତ୍ସା ଶିବିର, ସ୍ୱାସ୍ଥ୍ୟ ସେବା ଶିବିର ଏବଂ ସାମାଜିକ ସଶକ୍ତୀକରଣ ଶିବିର ଆୟୋଜନ କରାଯାଇଛି। ମୁଖ୍ୟମନ୍ତ୍ରୀ ମାଝୀ ଉକ୍ତ ଶିବିରକୁ ଉଦ୍‌ଘାଟନ କରି ଡାକ୍ତର, ରୋଗୀ ଓ ସାଧାରଣ ଲୋକଙ୍କ ସହିତ କଥା ହୋଇଥିଲେ। କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକ ଓ ୫ଟି ସହରାଞ୍ଚଳର ହଜାର ହଜାର ଜନସାଧାରଣ ଏହି ଶିବିର ମାଧ୍ୟମରେ ଉପକୃତ ହୋଇଛନ୍ତି। ଓଏମ୍‌ସି ଏବଂ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ପ୍ରାୟ ୧୦୦୦ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକତା ଥିବା ରୋଗୀଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସେବା ଶିବିରରେ ଜିଲ୍ଲାର ପ୍ରାୟ ୪ହଜାର ଲୋକ ଉପକୃତ ହୋଇଛନ୍ତି। ଆୟୋଜିତ ସାମାଜିକ ସଶକ୍ତୀକରଣ ଶିବିରରେ ୯୨୩ ଜଣ ହିତାଧିକାରୀଙ୍କୁ ହୁଇଲ୍ ଚେୟାର, ହସ୍ତ ଚାଳିତ ସାଇକେଲ୍, ବ୍ୟାଟେରୀ ଚାଳିତ ସାଇକେଲ, ୱାକର, ବ୍ରେଲି କିଟ୍, ଶ୍ରବଣ ଯନ୍ତ୍ର, ନି-ବେଲ୍ଟ, ନି-କ୍ୟାପ୍ ଇତ୍ୟାଦି ସହାୟତା ଉପକରଣ ବଣ୍ଟନ କରାଯାଇଥିଲା। ଉକ୍ତ ଶିବିର ଭାରତ ସରକାରଙ୍କ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ଏବଂ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀ ଜିଲ୍ଲା ପାଇଁ ୧୩ଟି ମୋବାଇଲ ମେଡିକାଲ ୟୁନିଟ୍ ଭେଇକିଲ୍‌ର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ସାଧାରଣ ଲୋକଙ୍କଠାରୁ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଚିକିତ୍ସା କ୍ଷେତ୍ରରେ ଅବହେଳିତ ହେଉଥିବା ବିଷୟରେ ଶୁଣିବା ପରେ କିଛି ନୂତନ ପଦକ୍ଷେପ ନେବା ପାଇଁ ଚିନ୍ତା କରିଥିଲି। ସେହି ଅନୁଯାୟୀ ପ୍ରତି ଜିଲ୍ଲା ମୁଖ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ପଦକ୍ଷେପ ନିଆଯାଉଛି।

## ଏସ୍‌ଏଚ୍‌ଏମ୍‌ର ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍) ରେ ଗୁରୁବାର ନୂତନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତାଜ୍ ବିଭାନ୍ତ ହୋଟେଲର ଜେନେରାଲ ମ୍ୟାନେଜର ଆଶୀର୍ବାଦ ପ୍ରହରାଜ ଓ ଭୁବନେଶ୍ୱର ସ୍ଥିତ ସୈନିକ ସ୍କୁଲ ପ୍ରିନ୍ସିପାଲ୍ କର୍ଣ୍ଣେଲ୍ ବାଲୁଭରତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ଦେବା ସହିତ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏସ୍‌ଏଚ୍‌ଏମ୍‌ର ପ୍ରଫେସର ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତଟ ରେଳବାଇର ଭଲି ବଲ୍ ଲିଗ୍ ମ୍ୟାଚ୍




**ଖୋର୍ଦ୍ଧା,୨୧।୯(ସଂଚାର ବ୍ୟୁରୋ):** ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ (ଇକୋର୍ଷା) ଖୋର୍ଦ୍ଧାରୋଡ୍ ଦ୍ୱାରା, ଚାଲୁଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସମୟରେ, ସ୍ୱଚ୍ଛତା ଦିଗରେ ଏକ ପଦକ୍ଷେପ ନିଆଯାଇଛି । "ଏକ ଶୂନ୍ୟ ବର୍ଜ୍ୟବସ୍ତୁ କାର୍ଯ୍ୟକ୍ରମ'' ଅନ୍ତର୍ଗତ ରେଳବାଇ ଷ୍ଟାଡିୟମର, ଭଲି ଭଲ୍ କମ୍ପ୍ଲେକ୍ସରେ, ଭଲି ଭଲ୍ ଲିଗ୍ ମ୍ୟାଚ୍ ଆୟୋଜନ କରାଯାଇଛି । ଇଷ୍ଟକୋଷ୍ଟ ରେଳବାଇର ଭେଟେରାନ୍ ଖେଳାଳି ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଜଟଣୀ ର ମଧ୍ୟରେ ଏହି ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ସେଞ୍ଚୁରିଆନ୍ ୟୁନିଭରସିଟିର ଚାମ୍ପିଅନ, ଏହି ମ୍ୟାଚ୍ ଜିତିଥିଲେ । ଏକ ଶୂନ୍ୟ ବର୍ଜ୍ୟବସ୍ତୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି, କାର୍ଯ୍ୟକ୍ରମ ପୂର୍ବରୁ, କାର୍ଯ୍ୟକ୍ରମ ସମୟରେ ଏବଂ ପରେ, କ୍ରୟ, ବ୍ୟବହାର ଏବଂ ସେମାନଙ୍କର ପରବର୍ତ୍ତୀ ନିଷ୍କାସନର, ବର୍ଜ୍ୟବସ୍ତୁକୁ ସମ୍ପୂର୍ଣ୍ଣ ଭାବରେ ହ୍ରାସ କରିବା। ଏହି ଅନ୍ତର୍ଗତ ରେ କରାଯାଇଥିବା ସର୍ବସାଧାରଣ କାର୍ଯ୍ୟକ୍ରମ ସର୍ବନିମ୍ନ ପରିମାଣର ବର୍ଜ୍ୟବସ୍ତୁ ଉତ୍ପାଦନ କରିବ ଏବଂ ସେମାନଙ୍କର ନିରାପଦ ନିଷ୍କାସନକୁ ସୁନିଶ୍ଚିତ କରିବ । ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ ଦ୍ୱାରା,, ମ୍ୟାଚ ସମୟରେ ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ସ୍ୱଚ୍ଛତା ଆୟୋଜନ କରାଯାଇଛି । ଭଲି ବଲ୍ ଲିଗ୍ ମ୍ୟାଚ୍ ରେ ବିଭିନ୍ନ ପରିବେଶ ଅନୁକୂଳ ପଦକ୍ଷେପ ନିଆଯାଇଛି, ଯେମିତି କି କାଗଜ କପ୍, କାଗଜ ପ୍ଲେଟ୍ ବ୍ୟବହାର କରିବା, ପ୍ଲାଷ୍ଟିକ ଫୁଲ ରେ ନିର୍ମିତ କୋଣସି ସାଜସଜ୍ଜା ବ୍ୟବହାର ନ କରିବା ଏବଂ ଉତ୍ପାଦିତ ସର୍ବନିମ୍ନ ବର୍ଜ୍ୟବସ୍ତୁକୁ ସଠିକ୍ ନିଷ୍କାସନ କରିବା ଇତ୍ୟାଦି। ଏହି ଶୂନ୍ୟ ବର୍ଜ୍ୟବସ୍ତୁ କାର୍ଯ୍ୟକ୍ରମକୁ, କ୍ରୀଡ଼ା ସଚିବ ଏମ ଡି.ଜାକିରୁଦ୍ଦିନ ଏବଂ ଖୋର୍ଦ୍ଧା ରୋଡ଼ କ୍ରୀଡ଼ା ସଙ୍ଗଠନର ସଦସ୍ୟ ମାନେ ଆୟୋଜନ କରିଛନ୍ତି।

## ମହିଳା ବିରୋଧୀ ହିଂସା ପ୍ରତି 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ ପାଇଁ ବିଜେପି ସରକାର ବଦ୍ଧପରିକର



**ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ):** ମହିଳା ବିରୋଧୀ ହିଂସାକୁ ବିଜେପି ସରକାର ବରଦାସ୍ତ କରିବ ନାହିଁ। ଭରତପୁର ଥାନା ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ଘଟଣାରେ ସମ୍ପୃକ୍ତ ୫ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଲମ୍ବନ କରାଯିବା ସହିତ ନିରପେକ୍ଷତା, ସ୍ୱଚ୍ଛତା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚ୍‌କୁ ଦାୟିତ୍ୱ ଦିଆଯାଇଛି। ଘଟଣା ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାରଙ୍କ ଆଭିମୁଖ୍ୟ ଉପରେ ସ୍ପଷ୍ଟୀକରଣ ଦେବା ସହ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା ନିଜେ ଡାକ୍ତରଖାନା ଯାଇ ପୀଡ଼ିତାଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସ୍ଥିତି ସମ୍ପର୍କରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣାରେ ବିଜେପି ସରକାର "ଶୂନ୍ୟ ସହନଶୀଳତା ନୀତି'' ଅବଲମ୍ବନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବଦ୍ଧପରିକର ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ବିଶ୍ୱାଳ କହିଛନ୍ତି ଯେ, ବିଜେଡି ସରକାର ସମୟରେ ଗଣ ବଳାତ୍କାର, ଦୁଷ୍କର୍ମ, ବ୍ୟଭୀଚାର ଭଳି ଅନେକ ମହିଳା ବିରୋଧୀ ହିଂସାକାଣ୍ଡ ଘଟିଯାଇଛି। କିନ୍ତୁ ସମ୍ବେଦନହୀନ ବିଜେଡି ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସମେତ କୌଣସି ମନ୍ତ୍ରୀ, ବିଧାୟକ କିମ୍ବା ସାଂସଦ ପୀଡିତାଙ୍କୁ ଭେଟୁନଥିଲେ।

## ମନରେଗା ଦୁର୍ନୀତି: ଗାଁସାଥୀ ନିଲମ୍ବିତ



**ବାସୁଦେବପୁର,୨୧।୯(ସଂଚାର ବ୍ୟୁରୋ):** ମନରେଗା ଯୋଜନାରେ ବ୍ୟାପକ ଜାଲିଆତିକୁ ନେଇ ଏବେ ଗାଁସାଥୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରୀ କରିବା ପରେ ପରେ ନିଲମ୍ବନ କରାଯିବା ଘଟଣା ସଭିଙ୍କୁ ଚକିତ କରିଛି । ବଡବଡିଆଙ୍କୁ ଛାଡି ଛୋଟମାନଙ୍କ ଉପରେ ଲାଗିଛି ପ୍ରଶାସନର ଛାଟ। ଜିଆରଏସଙ୍କ ମନୋମୁଖୀ କାର୍ଯ୍ୟକଳାପ ପାଇଁ କେଉଁଠି କାମ ନହୋଇ ଅର୍ଥ ଉଠାଣ କରାଯାଇତ ପୁଣି କେଉଁଠି ଜେସିବି କରିଛି ମନରେଗା କାମ କରିଛି । ପୁଣି ସରକାରୀ ଚାକିରିଆ ଓ ମୃତ ବ୍ୟକ୍ତିଙ୍କ ନାମରେ ଜବକାର୍ଡ ମାଧ୍ୟମରେ ମନରେଗା ଅର୍ଥକୁ ଚଲୁ କରାଯାଇଛି ବୋଲି ଆଜି କାରଣ ଦର୍ଶାଅ ନୋଟିସରେ ସ୍ପଷ୍ଟ କରିଛନ୍ତି ଗାଁସାଥୀ ଅନିଲ ପଣ୍ଡା। ସମସ୍ତତଥ୍ୟକୁ ଲିଖିତ ଭାବରେ ଡାକଯୋଗେ ବ୍ଲକ ପ୍ରଶାସନ ନିକଟକୁ ପଠାଇଥିବା ଜାଣିବାକୁ ମିଳିଛି । ତେବେ କାରଣ ଦର୍ଶାଅ ନୋଟିସର ଜବାବ ମିଳିବାର କେଇଘଣ୍ଟା ନପୁରୁଣୁ ଗାଁସାଥୀଙ୍କୁ ନିଲମ୍ବିତ କରାଯାଇଥିବା ଜାଣିବାକୁ ମିଳିଛି। ବାସୁଦେବପୁର ପଞ୍ଚାୟତ ସମିତି ସୁଦର୍ଶନପୁର ପଞ୍ଚାୟତରେ ହୋଇଥିବା ମନରେଗା କାମରେ ଜାଲିଆତିକୁ ନେଇ ସମାଜସେବୀ ତପନକୁମାର ବାରିକଙ୍କ ସମେତ କେତେକ ଗ୍ରାମବାସୀ ଅଭିଯୋଗ କରିବା ପରେ କୌଣସି ସୁଫଳନମିଳିବା କାରଣରୁ ଶେଷରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୨୦୨୩ ମସିହା ଅଗଷ୍ଟ ସାତ ତାରିଖରେ ଧାରଣାରେ ବସିଥିଲେ ।

## ଭିନ୍ନକ୍ଷମ ଆୟୁକ୍ତଙ୍କ ଏସ୍‌ସିବି ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ



**ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଦିବ୍ୟାଙ୍ଗ ଆୟୁକ୍ତ ବ୍ରତତୀ ହରିଚନ୍ଦନ କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) ପରିଦର୍ଶନ କରି ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା କରିଛନ୍ତି । ଏଥି ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ କଲ୍ୟାଣ ଦୃଷ୍ଟିରୁ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେବାକୁ ଉଭୟ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି । ଏସ୍‌ସିବି ମେଡ଼ିକାଲ କଲେଜ ଯାଇ ଆୟୁକ୍ତ ଶ୍ରୀମତୀ ହରିଚନ୍ଦନ ପରିସର ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ/ସମସ୍ୟାର ସମାଧାନ ନିମନ୍ତେ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଶ୍ରେଣୀ କକ୍ଷ, ଛାତାବାସୀ, ପାଠାଗାର, ପ୍ରଶାସନିକ ଭବନ, ପାଠାଗାର, ସମ୍ମିଳନୀ କକ୍ଷ ବହିର୍ବିଭାଗ, ପାଥୋଲାବ୍ ଏବଂ କଲେଜର ଅନ୍ୟ ସମସ୍ତ ଗୃହ/ସ୍ଥାନରେ ହ୍ୱିଲ୍ ଚେୟାର, ର୍ୟାମ୍ପସ୍, ଶୌଚାଳୟ ଆଦିର ସୁବିଧା ଉପଲବ୍ଧ କରାଇବା ନିମନ୍ତେ ସେ କଲେଜ୍ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ନାମଲେଖା ସମୟରେ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସଂରକ୍ଷଣ ନିୟମର ସଠିକ୍ ଅନୁପାଳନ ସହ ନାମଲେଖା ଫି ଓ ମେସ୍ ଚାର୍ଜ ଛାଡ଼, ଦିବ୍ୟାଙ୍ଗ କର୍ମଚାରୀମାନଙ୍କ ପାଇଁ ଯାତାୟତ ଭତ୍ତା ଆଦି ବିଷୟରେ ମଧ୍ୟ ଶ୍ରୀମତୀ ହରିଚନ୍ଦନ କଲେଜ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ଆବେଦନର ସର୍ବାଧିକ ବୟସ କୋହଳ କରିବା ଏବଂ ଲିଖିତ ପରୀକ୍ଷା ସମୟରେ ସ୍କ୍ରାଇବ୍ ବ୍ୟବସ୍ଥା ସହ ଅଧିକ ସମୟ ଦେବା ଓ ବୃତ୍ତି ସାଙ୍ଗକୁ ଅନ୍ୟ ସୁବିଧାର ଅନୁପାଳନ ନେଇ ସେ କଲେଜ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ମେଡ଼ିକାଲ କଲେଜର ଡିନ୍ ତଥା ସୁପରିଟେଣ୍ଡେଣ୍ଟ ଡା. ଏଲ୍.ଏନ୍ ଦାସ, ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ, ଆକାଉଣ୍ଟସ୍ ଅଫିସର, କଟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଙ୍ଗନୱାଡ଼ି କର୍ମୀ ଲହୁଲୁହାଣ



ବାଲେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ଅଣ୍ଡା ପାଇଁ ଅଙ୍ଗନୱାଡ଼ି ଦିଦିଙ୍କୁ ଗଛରେ ବାନ୍ଧି ପିଟିଲେ ମହିଳା। ଏହି ଅଭିଯୋଗ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅଞ୍ଚଳରୁ ଆସିଛି। ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମହାପଦା ଗାଁର ଅଙ୍ଗନୱାଡି କର୍ମୀ ଉର୍ମିଳା ସାମଲ ନିୟମିତ ଅଣ୍ଡା ଦେଉ ନ ଥିବା ଅଭିଯୋଗ ହେଉଥିଲା। ଯେଉଁଥିପାଇଁ ଗାଁର ମହିଳାମାନେ ୧୯ ତାରିଖରେ ଅଙ୍ଗନୱାଡି କେନ୍ଦ୍ରରେ ପଶି ଉର୍ମିଳାଙ୍କୁ ଗାଳି ଗୁଲଜ ଦେଇଥିଲେ। ପ୍ରତିବାଦ କରିବାରୁ ମହିଳାମାନେ ତାଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଉର୍ମିଳା ଚିତ୍କାର କରୁଥିଲେ ମଧ୍ୟ କେହି ଉଦ୍ଧାର କରିବାକୁ ଆସି ନ ଥିଲେ। ବରଂ କିଛି ମହିଳା ମାଡ଼ ମାରା ଦୃଶ୍ୟର ଭିଡିଓ ରେକର୍ଡିଂ କରିଥିଲେ। ଖବର ପାଇ ମହାପଦା ଗାଁରେ ପହଞ୍ଚିଥିଲେ ବାଲିଆପାଳ ସିଡିପିଓ ପାର୍ବତୀ ମୁର୍ମୁ ଓ କିଛି ଅଙ୍ଗନୱାଡ଼ି କର୍ମୀ। ମହିଳାଙ୍କୁ ବୁଝାସୁଝା କରିବା ପରେ ଉର୍ମିଳାଙ୍କୁ ଉଦ୍ଧାର କରି ପ୍ରଥମେ ବସ୍ତା ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତ୍ୱର ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇଛି।

## ସାମାଜିକ ସୁରକ୍ଷା ପାଇଁ ସ୍କଚ୍ ଆୱାର୍ଡ



ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ଆଜି ଓଡ଼ିଶାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସମ୍ମାନଜନକ 'ସ୍କଚ୍ ଆୱାର୍ଡ଼'ରେ ସମ୍ମାନିତ ହୋଇଛି । ଦିଲ୍ଲୀର ଲୋଧି ରୋଡ଼ସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ ଅନୁଷ୍ଠିତ ୯୯ତମ ସ୍କଚ୍ ସମିଟ୍‌ରେ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ଏବଂ ଆଇଟି କନ୍‌ସଲଟାଣ୍ଟ ଶ୍ରୀ ବିନିତ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି । ନିଶାଦ୍ରବ୍ୟ ସେବନକାରୀ ଓ ମାନସିକ ରୋଗୀଙ୍କ ପୁନର୍ବାସ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସ୍ୱୀକୃତି ସ୍ୱରୂପ ସାମାଜିକ ନ୍ୟାୟ ଓ ସୁରକ୍ଷା କ୍ଷେତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ୨୦୨୪ ବର୍ଷ ନିମନ୍ତେ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏହି ସମ୍ମାନ ନେଇ ଖୁସି ବ୍ୟକ୍ତ କରିଛନ୍ତି ।

## ସଫେଇମିତ୍ର ସନ୍ତାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା



**ନୂଆଦିଲ୍ଲୀ୨୧।୯:** ସ୍ୱଚ୍ଛତା ହିଁ ସେବା, ୨୦୨୪ ଅଭିଯାନରେ କୃଷି ଓ କୃଷକ କଲ୍ୟାଣ ବିଭାଗ ବ୍ୟାପକ ଭାବେ ଅଂଶଗ୍ରହଣ କରୁଛି। ସ୍ୱଚ୍ଛତା ହିଁ ସେବା, ୨୦୨୪ ଅଭିଯାନ ସମୟରେ ବିଭାଗ ପକ୍ଷରୁ ସମଗ୍ର ଦେଶରେ ଥିବା ଏହାର ଅଧୀନସ୍ଥ/ ସଂଯୁକ୍ତ/ ସ୍ୱୟଂଶାସିତ ସଂସ୍ଥା/ ରାଷ୍ଟ୍ରାୟତ୍ତ ଉଦ୍ୟୋଗ/ କ୍ଷେତ୍ର କାର୍ଯ୍ୟାଳୟ ସହିତ ପ୍ରାୟ ୬୦୦ ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ହାତକୁ ନିଆଯିବ । କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଆଜି ନୂଆଦିଲ୍ଲୀସ୍ଥିତ କୃଷି ଭବନରେ ସଫେଇମିତ୍ରଙ୍କ ସନ୍ତାନମାନଙ୍କ ପାଇଁ 'ସ୍ୱଚ୍ଛତା' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଚିତ୍ରାଙ୍କନ ପ୍ରତିଯୋଗିତାରେ ୬୦ରୁ ଅଧିକ ପିଲା ଅଂଶଗ୍ରହଣ କରିଥିଲେ। ପାନୀୟ ଜଳ ଓ ପରିମଳ ବିଭାଗ ଏବଂ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ନେତୃତ୍ୱରେ ଚାଲିଥିବା ସ୍ୱଚ୍ଛତା ହିଁ ସେବା, ୨୦୨୪ (ଏସଏଚଏସ, ୨୦୨୪) ଅଭିଯାନର ନେତୃତ୍ୱରେ ପାନୀୟ ଜଳ ଓ ପରିମଳ ବିଭାଗ ଏବଂ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ନେତୃତ୍ୱରେ ଚାଲିଥିବା ଅଭିଯାନ ସେପ୍ଟେମ୍ବର ୧୭ରୁ ୧ ଅକ୍ଟୋବର ପର୍ଯ୍ୟନ୍ତ ପାଳିତ ହେଉଛି ଯାହାର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା - ସଂସ୍କାର ସ୍ୱଚ୍ଛତା' ଏବଂ ତା'ପରେ ଅକ୍ଟୋବର ୨, ୨୦୨୪ରେ ସ୍ୱଚ୍ଛ ଭାରତ ଦିବସ ପାଳନ କରାଯିବ।

## ଟାଉନ୍ ଥାନାରେ ନକଲି ଡାକ୍ତର ଅଟକ



**ଯାଜପୁର, ୨୧।୯(ସଂଚାର ବ୍ୟୁରୋ):** ନିଜକୁ ଡାକ୍ତରର ପରିଚୟ ଦେଇ ରୋଗୀ ଦେଖୁଥିବା ବେଳେ ନକଲି ଡାକ୍ତରକୁ ଧରି ପୁଲିସ କୁ ଜିମା ଦେଇଛନ୍ତି ସ୍ଥାନୀୟ ଲୋକେ। ଟାଉନ ଥାନା ଅନ୍ତର୍ଗତ ଶ୍ରୀଧରପୁର ଅଂଚଳରେ ଥିବା ଏକ ମେଡିସିନ ଦୋକାନରେ ବସି ରୋଗୀ ଦେଖୁଥିବା ବେଳେ ସ୍ଥାନୀୟ ଲୋକ ତାଙ୍କୁ ବିରୋଧ କରିଥିଲେ। ପରେ ନକଲି ଡାକ୍ତର ଓ ଲୋକ ଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ନକଲି ଡାକ୍ତର ଜଣକ ହେଲେ ଭଦ୍ରକ ଜିଲ୍ଲା ବାରିକପୁର ଅଞ୍ଚଳର ସୋହମ ମହାପାତ୍ର । ଖବର ପାଇ ଟାଉନ୍ ଥାନା ପୁଲିସ ପହଞ୍ଚି ବ୍ୟକ୍ତି କୁ ଥାନାକୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ତେବେ ଏନେଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବାଶିଷ ମହାରଣା କହିଛନ୍ତି ସେ ଡାକ୍ତର ନୁହଁ, ନକଲି ଡାକ୍ତର ବୋଲି ସୂଚନା ଦେଇଛନ୍ତି ।

# ବାର୍ଡଫ୍ଲୁ ସ୍ଥିତି ଅସ୍ପଷ୍ଟ-କୁକୁଡ଼ା ଚାଷୀ ହତାଶ



ଭୁବନେଶ୍ୱର, ୨୧।୯ ବାର୍ଡ ଫ୍ଲୁର ସ୍ଥିତି ନେଇ କୌଣସି ସ୍ପଷ୍ଟତା ଆସୁନଥିବାରୁ ଉପକୂଳ ଜିଲ୍ଲାର କୁକୁଡାଚାଷୀମାନେ ମୁଣ୍ଡରେ ହାତଦେଇ ବସିଗଲେଣି। କାଁ ଭାଁ ସ୍ଥାନକୁ ବାଦ୍ ଦେଲେ ଆଉ କୌଣସି ଠାରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇନଥିବାବେଳେ ଏ ସଂକ୍ରାନ୍ତରେ ବ୍ୟାପକ ପ୍ରଚାର ଯୋଗୁଁ ଲୋକେ କିନ୍ତୁ କୁକୁଡା ମାଂସ ଓ ଅଣ୍ଡାକୁ ଛୁଉଁନାହାନ୍ତି। ଫଳରେ ଚାଷୀମାନେ କୁକୁଡା ବିକ୍ରିହୋଇ ପାରୁନଥିବାବେଳେ ସେମାନେ ଏବେ ଦୈନିକ କ୍ଷତି ସହି ଚାଲିଛନ୍ତି। ରାଜ୍ୟରେ ୩୧, ୫୩୭ଟି ଘରୋଇ କୁକୁଡା ଫାର୍ମ ଥିବାବେଳେ ଏଥି ମଧ୍ୟରୁ ୩୦, ୨୮୭ଟି କୁକୁଡା ଫାର୍ମରେ ମାଂସ କୁକୁଡା ଓ ୧୨୫୦ ଫାର୍ମରେ ଅଣ୍ଡାଦିଆ କୁକୁଡା ଚାଷ ହେଉଛନ୍ତି। ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ଉପକୂଳ ଜିଲ୍ଲା ବିଶେଷକରି କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋରଧା, ନୟାଗଡ଼ ଆଦିରେ କୁକୁଡା ଚାଷୀଙ୍କ ସଂଖ୍ୟା ଅଧିକରହିଛି। କଟକ ଜିଲ୍ଲାରେ ମାଂସ କୁକୁଡା ଫାର୍ମ ସଂଖ୍ୟା ୨୧୫୬ ଥିବାବେଳେ ଜଗତ୍‌ସିଂହପୁରରେ ୧୪୧୭, ଯାଜପୁରରେ ୧୫୦୯, କେନ୍ଦ୍ରାପଡ଼ାରେ ୮୯୨, ପୁରୀରେ ୨୩୪୬ ଓ ଖୋରଧାରେ୧୮୦୨ ରହିଛି। ଏହାବଦ୍ ଏହିସବୁ ଜିଲ୍ଲାରେ ଅଳ୍ପ ସଂଖ୍ୟାରେ ଅଣ୍ଡାଦିଆ କୁକୁଡାଙ୍କ ଫାର୍ମ ବି ରହିଛି। ସମଗ୍ର ରାଜ୍ୟରେ କୁକୁଡା ଫାର୍ମରେ ୨୫ରୁ ଅଧିକ କମ୍ପାନୀ ସେମାନଙ୍କର ଅର୍ଥ ଖଟାଇଥିବାବେଳେ ଉପକୂଳ ଜିଲ୍ଲାରେ ଅଧିକ ସଂଖ୍ୟାରେ କାରବାର କରୁଛନ୍ତି। କୁକୁଡା ଚାଷୀ ସଂଘ କର୍ମକର୍ତ୍ତାଙ୍କ ସୂଚନା ଅନୁଯାୟୀ କମ୍ପାନୀ ଠାରୁ ଆରମ୍ଭ କରି ଚାଷୀଙ୍କ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ୧୨ଲକ୍ଷ ଲୋକ ଏହି ଚାଷ ସହିତ ଜଡିତ ଅଛନ୍ତି। ନିକଟରେ ପୁରୀ ଜିଲ୍ଲାର ପିପିଲି, ଡେଲାଙ୍ଗ, ନିମାପଡ଼ା ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ଅଳ୍ପ କେତେକ ଅଞ୍ଚଳର ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିଲା। ଏହା ଚିହ୍ନଟ ମାତ୍ରେ ସରକାରଙ୍କ ପକ୍ଷରୁ ତତ୍କାଳ ପଦକ୍ଷେପ ଗ୍ରହଣ କରାଯାଇ ବାର୍ଡ ଫ୍ଲୁ ଆକ୍ରାନ୍ତ ଅଞ୍ଚଳର ଦୁଇ କିଲୋମିଟର ମଧ୍ୟରେ ଥିବା ସମସ୍ତ ଫାର୍ମର କୁକୁଡାଙ୍କୁ ମାରି ପୋତି ଦିଆଯାଇଥିଲା। ଏହାଛଡା ସଂକ୍ରମିତ ଅଞ୍ଚଳର ୧୦ କିଲୋମିଟର ପରିଧି ଭିତରେ ଥିବା ଫାର୍ମ କୁକୁଡାଙ୍କୁ ସେହି ଅଞ୍ଚଳ ବାହାରକୁ ଛଡାଯାଇନଥିଲା। ତେବେ ବାର୍ଡ ଫ୍ଲୁ ଖବର ପ୍ରଚାର ଯୋଗୁଁ ଲୋକେ ଆଉ ଭୟରେ କୁକୁଡା ମାଂସ କିମ୍ବା ଅଣ୍ଡା ଖାଉ ନାହାନ୍ତି। ବାର୍ଡ ଫ୍ଲୁ ବ୍ୟାପିନଥିବା ଅନ୍ୟ ଜିଲ୍ଲାରୁ ଆସୁଥିବା ଅଣ୍ଡା ଓ କୁକୁଡାକୁ ଡରୁଛନ୍ତି। ଭୟରେ ପଡୋଶୀ ପଶ୍ଚିମବଙ୍ଗ ମଧ୍ୟ ଅଣ୍ଡା ଓ କୁକୁଡା ଆମଦାନୀ ଉପରେ କଟକଣା ଲଗାଇଦେଲା। ଇତି ମଧ୍ୟରେ ବାର୍ଡ ଫ୍ଲୁର ଆଉ କୌଣସି ନୂଆ ଅଭିଯୋଗ କିମ୍ବା ପ୍ରମାଣ ଆସିନାହିଁ। ଏବେ କୁକୁଡା ମାଂସ ଓ ଅଣ୍ଡା ନିରାପଦ କି ନୁହେଁ ସେ ସଂକ୍ରାନ୍ତରେ ରାଜ୍ୟ ସରକାର ମଧ୍ୟ କୌଣସି ସ୍ପଷ୍ଟ ଚିତ୍ର ଜାରି କରୁନାହାନ୍ତି। ଫଳରେ କୁକୁଡା ଚାଷରେ ବ୍ୟାପକ ଅର୍ଥ ଓ ମାନବ ସମ୍ବଳ ବିନିଯୋଗ କରିଥିବା ଚାଷୀମାନେ ଏବେ ଗୋଳକ ଧନ୍ଦାରେ ପଡ଼ିଛନ୍ତି। କିଛି ଚାଷୀ ନିଜ ନିଜ ଅଞ୍ଚଳରେ କ୍ଷତିରେ କୁକୁଡାଗୁଡିକୁ ବିକ୍ରିକରି ଦେଉଥିବାବେଳେ ଆଉ କିଛି ଚାଷୀ ସ୍ଥିତି ନସୁଧୁରିବା ପର୍ଯ୍ୟନ୍ତ ଫାର୍ମରେ ତାଲା ପକାଇଲେଣି। ତୁରନ୍ତ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନନେଲେ ଲକ୍ଷ ଲକ୍ଷ ଲୋକ ବେକାର ହେବା ସହିତ ଆମନିଯୁକ୍ତିର ପ୍ରମୁଖ କ୍ଷେତ୍ର ଉଜୁଡିଯିବ ବୋଲି କୁକୁଡାଚାଷୀ ସଂଘ ପକ୍ଷରୁ କୁହାଯାଉଛି। (ତଥ୍ୟ)

## ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ-ଯୁବ କଂଗ୍ରେସ



**ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ):** ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଭରତପୁର ଥାନା ପୀଡ଼ିତ ମେଜର ଗୁରୁବଂଶ ଏବଂ ପୀଡ଼ିତା ଅଙ୍କିତାଙ୍କୁ ନ୍ୟାୟ ଦେବାରେ ଅସମର୍ଥ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଇସ୍ତଫା ଦାବିରେ ଏକ ବିକ୍ଷୋଭ ଶୋଭାଯାତ୍ରା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଅପର ପିଏମଜି ଠାରେ ଅବସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ଯୁବ କଂଗ୍ରେସ ପକ୍ଷରୁ ମୋହନ ମାଝୀଙ୍କ ସରକାରୀ ବାସଭବନକୁ ପଚାଅଣ୍ଡା ଓ ବିଲାତି ନିକ୍ଷେପ କରାଯାଇଥିଲା। ଶତାଧିକ ଯୁବ କଂଗ୍ରେସ କର୍ମୀମାନେ ତିନୋଟି ପୋଲିସ ବାରିକେଡ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଅଗ୍ରସର ହେଉଥିବା ବେଳେ ସମସ୍ତଙ୍କୁ ବଳପୂର୍ବକ ଉଠାଇ ନେଇଥିଲା। ଏହି ଅବସରରେ ରଣଜିତ ପାତ୍ର କହିଛନ୍ତି ଯେ ଗୃହବିଭାଗକୁ ସମ୍ଭାଳିବାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ଅସମର୍ଥ। ତାଙ୍କ ବାସଭବନ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଭରତପୁର ଆଦର୍ଶ ଥାନାରେ ଥାନାଅଧିକାରୀ ମହିଳାଙ୍କ ଇଜ୍ଜତ ଲୁଟୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଖବର ହେଲା ନାହିଁ। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ ଏବଂ ବିଶେଷ କରି ଡିଜିପି ଓ କମିଶନରେଟ ପୋଲିସ ଭରତପୁର ଥାନାର ତତ୍‌କାଳନୀ ଅଧିକାରୀ ଦିନକୃଷ୍ଣ ମିଶ୍ର ଙ୍କୁ ଘଣ୍ଟ ଘୋଡାଇବାରେ ବ୍ୟସ୍ତଥିଲେ। କେବଳ ଗଣମାଧ୍ୟମ, ମାନ୍ୟବର କୋର୍ଟ ଓ ବିଭିନ୍ନ ରାଜନୈତିକ ଅନୁଷ୍ଠାନର ଦାବିପାଇଁ ସେହି ଅପରାଧି କର୍ମଚାରୀ ମାନଙ୍କୁ କେବଳ ନିଲମ୍ବିତ କରାଯାଇଛି। ଓଡ଼ିଶାରେ ମହିଳା ଅସୁରକ୍ଷିତ ବୋଲି ନିର୍ବାଚନ ପୂର୍ବରୁ ବିଜେପିର ତୁଙ୍ଗନେତା ମାନେ ଚିତ୍କାର କରୁଥିଲେ। ଆଜି ସେମାନେ ଚୁପ ହୋଇ ବସିଛନ୍ତି।

## ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟ ଚେତନା- ଯେବେ ଜାଣିବ ତୁମ ଭିତରେ ଶୂନ୍ୟ ହେବାର ପ୍ରକ୍ରିୟା ଆରମ୍ଭ ହୋଇଗଲା, ସେତେବେଳେ ଜାଣିବ ତୁମର ଭକ୍ତ ହେବାର ସମୟ ଉପନୀତ ହୋଇଗଲା। ସେଇଦିନ ଓ ଆଜିର ଦିନ ଭିତରେ ଏତିକି ପାର୍ଥକ୍ୟ , ସେ ଦିନ ତୁମ ଭିତରେ 'ମୁଁ' ଥିଲା ଆଜି ସେହି 'ମୁଁ' ନାହିଁ।

SANCHAR
# ସଂଚାର

୪ ରବିବାର ୨୨ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Sunday 22 September 2024 Bhubaneswar

## ରାଜନୀତିର ପଶାପାଲିରେ ତଦନ୍ତକାରୀ ସଂସ୍ଥା

କିଛି ଦିନ ତଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଅରବିନ୍ଦ କେଜରିୱାଲ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର ରାଜନୈତିକ ସ୍ୱାର୍ଥ ଲାଗି ବିଭିନ୍ନ ତଦନ୍ତକାରୀ ସଂସ୍ଥାକୁ ବିରୋଧୀ ରାଜନୈତିକ ଦଳ ବିରୋଧରେ ଲଗାଉଛନ୍ତି। ପୂର୍ବରୁ ହେମନ୍ତ ସୋରେନ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ଏଥିରେ କିଛି ଅସ୍ୱାଭାବିକତା ନାହିଁ। ସିବିଆଇ, ଇଡି, ଆୟକର ବିଭାଗ ପକ୍ଷରୁ ଯେତେବେଳେ ଯେଉଁ ନେତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଛି, ସେତେବେଳେ ଏହାକୁ ମିଛ, ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇଛି। ଲାଲୁ ପ୍ରସାଦ ଯାଦବ ମଧ୍ୟ ଆଜୀବନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହି ଆସୁଛନ୍ତି। ଦିଲ୍ଲୀରେ ଶାସକ ଦଳ ଆପର ମନିଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ, ସଞ୍ଜୟ ସିଂହ ମଧ୍ୟ ସମାନ କଥା କହି ଆସୁଛନ୍ତି। ଦିଲ୍ଲୀ ମଦ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇ ଜାମିନରେ ଆସିଥିବା ମନିଷ ସିସୋଦିଆ ତାଙ୍କ ବିରୋଧରେ ଇଡିର କାର୍ଯ୍ୟାନୁଷ୍ଠାନକୁ ବିଜେପିର ଷଡ଼ଯନ୍ତ୍ର ବୋଲି କହି ଆସୁଛନ୍ତି। ହେମନ୍ତ ସୋରେନ ଗିରଫ ହେବା ପୂର୍ବରୁ ୧୦ ଥର ଇଡି ସମନକୁ ଏଡ଼ାଇଥିଲେ। ଶେଷରେ ସେ ଇଡି ଜାଲରେ ଧରାପଡ଼ିଲେ। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଇଡି ୯ଥର ସମନ ଜାରି କରିଥିଲେ ମଧ୍ୟ ସେ ଇଡିରେ ହାଜର ହେହେଲେ ନାହିଁ। ଇଡିର ସମନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହେଉ ବା ନହେଉ ଏହା ଏକ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏବଂ ଏହାର ସମନକୁ ଜଣେ ମୁଖ୍ୟମନ୍ତ୍ରୀ ବେଖାତିର କରିବା ନିହାତି ଭାବେ ଏକ ଗର୍ହିତ କାର୍ଯ୍ୟ। ଜଣେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷେ ଏଭଳି ବେଆଇନ କାର୍ଯ୍ୟ କରିବା ନିହାତି ଅସୁନ୍ଦର କଥା। ତେଣୁ ତାଙ୍କୁ ଇଡି ଗିରଫ କରିବାର ଯଥାର୍ଥତା ରହିଥିଲା। ସିବିଆଇ ଓ ଇଡି ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୂପଯୋଗ ଅଭିଯୋଗ ନୂଆ ନୁହେଁ। ଅତୀତରେ କଂଗ୍ରେସ ଶାସନ କାଳରେ ମଧ୍ୟ ସମାନ ଅଭିଯୋଗ ହୋଇଆସୁଥିଲା। ଏକଦା ସୁପ୍ରିମକୋର୍ଟ ସିବିଆଇକୁ ଏକ ପିଞ୍ଜରାବଦ୍ଧ ଶୁଆ ବୋଲି କହିଥିଲେ। ତେଣୁ ସିବିଆଇ ଏବଂ ଇଡିର ଦୁରୂପଯୋଗ ଏବଂ ରାଜନୈତିକ ଉଦ୍ଦେଶ୍ୟରେ ବିରୋଧୀ ଦଳ ବିରୋଧରେ ଏହାକୁ ଅସ୍ତ୍ରଭାବେ ବ୍ୟବହାର କରାଯିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ ନୁହେଁ। ସିବିଆଇ, ଇଡି ସବୁ ବେଳେ ବିରୋଧୀ ଦଳ ଶାସିତ ରାଜ୍ୟରେ, ବିରୋଧୀ ନେତାମାନଙ୍କ ବିରୋଧରେ ତତ୍ପର ହେଉଥିବା ଦେଖାଯାଉଛି। ଯଦି ଏହା ନିରପେକ୍ଷ, ତେବେ ବିଜେପି ଶାସିତ ରାଜ୍ୟ ବା ଶାସକ ଦଳର ନେତାଙ୍କ ବିରୋଧରେ କାହିଁକି ତଦନ୍ତ କରୁନି ? ସବୁ ବିରୋଧୀ ଦଳ ନେତା ଦୁର୍ନୀତିଗ୍ରସ୍ତ ଏବଂ ସବୁ ଶାସକ ଦଳ ନେତା ସାଧୁ ସେଭଳି ଭାବିବା ଭୁଲ। ବାସ୍ତବରେ ଇଡି, ସିବିଆଇ ଏବେ ବିରୋଧୀ ନେତାଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ଦିଲ୍ଲୀଠାରୁ ଆରମ୍ଭ କରି ବିହାର, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟରେ ଏହା ସକ୍ରିୟ ଅଛି। ଉତ୍ତରପ୍ରଦେଶ, ହରିୟାନା, ମଧ୍ୟପ୍ରଦେଶରେ କାହିଁକି ନୁହେଁ ? ତେବେ ହେମନ୍ତ ସୋରେନଙ୍କ ଭଳି ନେତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କୁହାଯାଇପାରିବ ନାହିଁ। ଜେଏମଏମର ଭିତ୍ତିଭୂମି ଦୁର୍ନୀତି ଉପରେ ପ୍ରତିଷ୍ଠିତ। ଶିବୁ ସୋରେନଙ୍କଠାରୁ ଆରମ୍ଭ କରି ମଧୁ କୋଡ଼ାଙ୍କ ଭଳି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏଭଳି ଦୁର୍ନୀତି ଅଭିଯୋଗ ପୂର୍ବରୁ ଆସିଛି। ହେମନ୍ତଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଛି। ଏହାର ପ୍ରମାଣ ମଧ୍ୟ ମିଳିଛି। ରାଜ୍ୟରେ ଅନେକ ମୂଲ୍ୟବାନ ଜମି ସେ ହଡ଼ପ କରିଛନ୍ତି। ତାଙ୍କ ଘରୁ ବିପୁଳ ଟଙ୍କା ଓ ଅନ୍ୟ ସମ୍ପତ୍ତି ଠାବ ହେବା ଏହାର ପ୍ରମାଣ। ତେଣୁ କେନ୍ଦ୍ର ବିରୋଧରେ ଅଭିଯୋଗ କରିବା ପୂର୍ବରୁ ସେ ପ୍ରଥମେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବା ଉଚିତ। ଇତିମଧ୍ୟରେ କଂଗ୍ରେସ ପକ୍ଷରୁ ଏକ ନୂଆ ଅଭିଯୋଗ ଆସିଛି। କଂଗ୍ରେସ କହିଛି ଯେ, ନିର୍ବାଚନୀ ବଣ୍ଡ ମାଧ୍ୟମରେ ଯେଉଁମାନେ ବିଜେପିକୁ ମୋଟା ଅଙ୍କର ଚାନ୍ଦା ଦେଇଛନ୍ତି ସେମାନଙ୍କୁ ବିଜେପି ସରକାର ବିଭିନ୍ନ ଉପାୟରେ ଅନୁକମ୍ପା ଏବଂ ସୁରକ୍ଷା ପ୍ରଦାନ କରୁଛନ୍ତି। ସେମାନଙ୍କୁ ବଡ଼ ବଡ଼ କାମର ଠିକା ପ୍ରଦାନ କରାଯାଉଛି। ଆଦାନୀ ଓ ଅମ୍ବାନୀ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଯେଉଁମାନେ ବିଜେପିକୁ ଚାନ୍ଦା ଦେଇ ନାହାଁନ୍ତି ସେମାନଙ୍କୁ ଇଡି, ସିବିଆଇ ଏବଂ ଆଇଟି ଲଗାଇ ହଇରାଣ କରାଯାଉଛି। ସେମାନେ ଭୟରେ ଦିନ କାଟୁଛନ୍ତି। ସମାଜ ସେମାନଙ୍କୁ ଦୋଷୀ ବୋଲି ବିଚାର କରୁଛି। ସେମାନଙ୍କ ବ୍ୟକ୍ତିଗତ ଜୀବନ ପ୍ରଭାବିତ ହେଉଛି, ସେମାନଙ୍କ ଭାବମୂର୍ତ୍ତୀ ମଧ୍ୟ ହାନି ହେଉଛି। କଂଗ୍ରେସର ଏହି ଅଭିଯୋଗ ନିହାତି ଗୁରୁତର। କିନ୍ତୁ ନିର୍ବାଚନୀ ଚାନ୍ଦା କେବଳ ବିଜେପିକୁ ନୁହେଁ, ସବୁ ଦଳକୁ ମିଳୁଛି। କଂଗ୍ରେସକୁ ମଧ୍ୟ ଅନେକ କମ୍ପାନୀ ମୋଟା ଅଙ୍କର ଚାନ୍ଦା ଦେଇଛନ୍ତି। ଟିଏମସି ଓ ଡିଏମକେ ମଧ୍ୟ ନିର୍ବାଚନୀ ବଣ୍ଡ ମାଧ୍ୟମରେ ମୋଟା ଅଙ୍କର ଚାନ୍ଦା ନେଇଛନ୍ତି। ତେଣୁ କେବଳ ନିଜର କଳାଧନକୁ ଲୁଚାଇବା ଏବଂ ରାଜନୈତିକ ସୁରକ୍ଷା ପାଇଁ କେହି ନିର୍ବାଚନୀ ଚାନ୍ଦା ଦେଉଥିବା ଅଭିଯୋଗ ଠିକ ନୁହେଁ। ପଶ୍ଚିମବଙ୍ଗରେ ଅନେକ ଚିଟଫଣ୍ଡ ସଂସ୍ଥା ଏବେ ସିବିଆଇ ତଦନ୍ତ ପରିସରଭୁକ୍ତ ଅଛନ୍ତି। ସେମାନେ ସାଧାରଣ ଲୋକଙ୍କୁ ଚୂନ ମାରି କୋଟି କୋଟି ଟଙ୍କା ହଡ଼ପ କରିଛନ୍ତି। ସେମାନଙ୍କ ବିରୋଧରେ ସିବିଆଇ ତଦନ୍ତ ନିରାଧାର ନୁହେଁ। ଚିଟଫଣ୍ଡରୁ ଚାନ୍ଦା ନେଇଥିବା ନେତା, ଅଫିସରଙ୍କୁ ଗିରଫ କରାଯିବାର ଯଥାର୍ଥତା ରହିଛି। ସେହିପରି ଖଣି ଦୁନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବାନ୍ଧିବା କଦାପି ଅନୁଚିତ ନୁହେଁ। ଯେଉଁମାନେ ଦେଶର କ୍ଷତି କରିଛନ୍ତି, ଦେଶକୁ, ଦେଶବାସୀଙ୍କୁ ଲୁଟ କରିଛନ୍ତି ସେମାନଙ୍କ ବିରୋଧରେ ତଦନ୍ତକାରୀ ସଂସ୍ଥାର ତଦନ୍ତକୁ ଯଦି ରାଜନୈତିକ ଷଡ଼ଯନ୍ତ୍ର କୁହାଯିବ ତେବେ ତାହା ଦୁର୍ଭାଗ୍ୟଜନକ। ଅରବିନ୍ଦ କେଜରିୱାଲ ଓ ହେମନ୍ତ ସୋରେନଙ୍କୁ ଜାମିନ ମିଳିବାର ଯଥାର୍ଥତା ରହିଛି। କିନ୍ତୁ ତା ଅର୍ଥ ନୁହେଁ ଯେ, ସେମାନେ ଦୋଷମୁକ୍ତ ହୋଇଗଲେ। ସେମାନଙ୍କ ବିରୋଧରେ ମାମଲା ଏବେ ବି କୋର୍ଟରେ ବିଚାରାଧିନ ରହିଛି। ତେଣୁ ସେମାନେ ନିଜକୁ ନିର୍ଦ୍ଦୋଷ ବୋଲି କହିବାକୁ କିଛି ଦିନ ଅପେକ୍ଷା କରିବେ। ସିବିଆଇ ଏବଂ ଇଡି ମାମଲାର ଚୁଡ଼ାନ୍ତ ରାୟ ପ୍ରକାଶ ପାଇବା ପରେ ଯାଇ ସେମାନେ ନିଜକୁ ନିର୍ଦ୍ଦୋଷ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିପାରିବେ। ଏହା ପୂର୍ବରୁ ସେମାନେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାର ଯଥାର୍ଥତା ନାହିଁ।

## ସମ୍ପାଦକଙ୍କୁ ପତ୍ର

### ସନ୍ଦେହ ଏବେ ବି ଦୂର ହୋଇନି

ମହାଶୟ,

ଯେବେଠାରୁ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ହଜିଛି ବୋଲି ଖବର ପ୍ରଚାରିତ ହେଲା ସେବେଠାରୁ ରତ୍ନଭଣ୍ଡାରାରେ ଗଚ୍ଛିତ ଅଳଙ୍କାର ବା ମହାପ୍ରଭୁଙ୍କ ବହୁ ମୂଲ୍ୟ ସମ୍ପତ୍ତି ସୁରକ୍ଷିତ ଅଛି କି ନାହିଁ ସେଥିନେଇ ଭକ୍ତଙ୍କ ମଧ୍ୟର ସନ୍ଦେହର ସୂତ୍ରପାତ ହେଲା। ଏବେ ବି ସେହି ସନ୍ଦେହ ଦୂର ହୋଇଛି। କାରଣ ସରକାର ରତ୍ନଭଣ୍ଡାର ଖୋଲି ଏଥିରେ ଥିବା ଅଳଙ୍କାର ସବୁକୁ ସ୍ଥାନାନ୍ତରିତ କରିଛନ୍ତି ସତ, ମାତ୍ର ଏହାର ଗଣତି ମଣତି ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବାସ୍ତବରେ ମହାପ୍ରଭୁଙ୍କ ସମ୍ପତ୍ତି ଠିକ ଅଛି କି ନାହିଁ, ତାହା ସ୍ପଷ୍ଟ ହୋଇନି। କାହିଁକି ଗଣତି ମଣତି ବିଳମ୍ବିତ ହେଉଛି ତାହା ଜଣାପଡୁନି। ଯେଉଁଠି ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ରହିଛି, ସେହିଠାରେ ହିଁ ଏହାର ଗଣତି ମଣତି ବ୍ୟବସ୍ଥା ହେଉ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗଣତି ମଣତି ସହ ଏହାର ଭିଡିଓ ସୁଟିଂ ବ୍ୟବସ୍ଥା ହେବା ଉଚିତ। ଶେଷ ଥର ପାଇଁ ୧୯୭୮ରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାର ଗଣତି ମଣତି ହୋଇଥିଲା। ସେହି ସମୟର ତାଲିକା ସହ ବର୍ତ୍ତମାନର ଅଳଙ୍କାର ଗଣତିକୁ ମେଳ କରାଯାଉ। ଯଦି ଏଥିରେ ବ୍ୟତିକ୍ରମ ଦେଖାଦିଏ ତେବେ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହା ସହିତ ରତ୍ନଭଣ୍ଡାରର ମରାମତି ଏବଂ ଏହା ଭିତରେ ଗୁପ୍ତ ସୁଡ଼ଙ୍ଗ ଅଛି କି ନାହିଁ ସେ ସମ୍ପର୍କରେ ଆଇଏସଆଇ ସଠିକ ଯାଞ୍ଚ କରୁ ରିପୋର୍ଟ ପ୍ରଦାନ କରୁ।

ଦମୟନ୍ତୀ ଛୋଟରାୟ
ନୂଆପଲ୍ଲୀ, ଭୁବନେଶ୍ୱର

# ମହିଳାଙ୍କ ପାଇଁ ସଂରକ୍ଷଣ ସିଡ଼ି

**ଗୁରୁପ୍ରସାଦ ମହାନ୍ତି**

ସଂସଦ ଓ ରାଜ୍ୟ ବିଧାନସଭାରେ ୩୩% ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖିବାକୁ ଅନେକ ଦିନରୁ ଦାବି ହୋଇ ଆସୁଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରୁନଥିଲା। ଲୋକସଭା ନିର୍ବାଚନ ପୂର୍ବରୁ ଏହା ଆଇନରେ ପରିଣତ ହୋଇଛି। କିନ୍ତୁ ଏହାକୁ ୨୦୨୯ରୁ କାର୍ଯ୍ୟକାରୀ କରିବା ପ୍ରସ୍ତାବ ରହିଛି। ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ ହେଲେ ନିର୍ବାଚନ କମିଶନଙ୍କୁ ଏଥିଲାଗି ବ୍ୟବସ୍ଥା କରିବାକୁ ପଡ଼ିବ। ଲୋକସଭା ଏବଂ ରାଜ୍ୟ ବିଧାନସଭାର କେଉଁ ସବୁ ଆସନ ମହିଳାଙ୍କ ଲାଗି ସଂରକ୍ଷିତ ରହିବ ଏବଂ ତାହା କେଉଁ ଆଧାରରେ ହେବ ତାହା ଏକ ବଡ଼ ପ୍ରଶ୍ନ। ସାରା ଦେଶରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷିତ କରିବା ସହଜ ନୁହେଁ। ଅନେକ ସ୍ଥାନରେ ଏହାକୁ ବିରୋଧ କରାଯାଇପାରେ। ଏଥିଲାଗି ଅନେକ ଦିନ ଲାଗିବ। ମହିଳା ସଂରକ୍ଷଣ ଲାଗି ଆସନ ଚିହ୍ନଟ କରିବାକୁ ଏକ କମିଟି ଗଠନ କରାଯାଇପାରେ। କମିଟି ସୁପାରିସ ଆଧାରରେ ବିଜ୍ଞପ୍ତି ପ୍ରକାଶ ପାଇବ। ମୋଟ ଉପରେ କହିଲେ ଏହା ଏକ କଠିନ ଏବଂ ଦୁରୂହ ବ୍ୟାପାର। ଏହା ବିରୋଧରେ କୋର୍ଟରେ ପିଟିସନ ମଧ୍ୟ ଦାଖଲ ହୋଇପାରେ। ତରବରିଆ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଇନପାରେ। ତେଣୁ ୨୦୨୪ ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବା କଷ୍ଟକର। ତଥାପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଜଣେ ଦୃଢ଼ ରାଜନୈତିକ ଇଚ୍ଛା ଶକ୍ତି ଥିବା ବ୍ୟକ୍ତିଙ୍କ ପାଇଁ ଏହା ଅସମ୍ଭବ ନୁହେଁ। ଯେମିତି ହେଉ ପଛେ ସେ ଏହାକୁ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବେ। ତେବେ ପ୍ରଶ୍ନ ଉଠୁଛି ଯେ, ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ କ'ଣ ସବୁଦିନ ପାଇଁ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇ ରହିବ ? କେତେ ବର୍ଷରେ ଥରେ ଏଥିରେ ପରିବର୍ତ୍ତନ ହେବ ସେ ସମ୍ପର୍କରେ କିଛି ସ୍ପଷ୍ଟତା ନାହିଁ। କାରଣ ଗୋଟିଏ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ସବୁଦିନ ପାଇଁ ମହିଳାଙ୍କ ନିମନ୍ତେ ସଂରକ୍ଷିତ ହୋଇନପାରେ। ଏହା ନାଗରିକର ମୌଳିକ ଅଧିକାର କ୍ଷୁର୍ଣ୍ଣ କରିବ। ଜଣେ ପୁରୁଷ ବ୍ୟକ୍ତି ନିଜ ନିର୍ବାଚନ ମଣ୍ଡଳୀରେ ସବୁଦିନ ପାଇଁ ପ୍ରତିନିଧିତ୍ୱରୁ ବଞ୍ଚିତ ହେବା ଅନୁଚିତ। ଯାହା ବି ହେଉ ଏହା ଏକ ଐତିହାସିକ ନିଷ୍ପତ୍ତି। କେନ୍ଦ୍ରର ଏହି ନିଷ୍ପତ୍ତିକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ପୂର୍ବରୁ ଏଥିଲାଗି ଅନେକ ଥର ଉଦ୍ୟମ ହୋଇଛି। କିନ୍ତୁ କିଛି ରାଜନୈତିକ ଦଳର ବିରୋଧ ଯୋଗୁଁ ଏହା ସମ୍ଭବ ହୋଇପାରିନାହିଁ। ବିଶେଷ କରି ସମାଜବାଦୀ ପାର୍ଟୀ ଏବଂ ଆରଜେଡି ଭଳି ଦଳ ଗୁଡ଼ିକ ଏହାକୁ ବିରୋଧ କରି ଆସିଛନ୍ତି। ସେମାନଙ୍କର କହିବା କଥା ହେଲା ଏକାଥରକରେ ୩୩% ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ନକରି ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକାରୀ କରାଯିବା ଉଚିତ। ପ୍ରଥମେ ଦଳୀୟ ଭିତ୍ତିରେ ୩୩% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା



କାର୍ଯ୍ୟକାରୀ କରାଯିବା ଉଚିତ। ସବୁ ଦଳ ନିଜ ପ୍ରାର୍ଥୀ ତାଲିକାରେ ୩୩% ମହିଳାଙ୍କୁ ସ୍ଥାନୀତ କରିବା ଉଚିତ। ଏହି କାରଣରୁ ମହିଳା ସଂରକ୍ଷଣ ଆଇନ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ସମାଜବାଦୀ ପାର୍ଟୀ ଏବଂ ଆରଜେଡି ଭଳି ଦଳର ଯୁକ୍ତିର ଯଥାର୍ଥତା ମଧ୍ୟ ରହିଛି। ଭାରତୀୟ ରାଜନୀତିରେ ଅନେକ ମହିଳା ବିନା ସଂରକ୍ଷଣ ବ୍ୟବସ୍ଥାରେ ସଫଳତାର ଶୀର୍ଷକୁ ଉଠିଛନ୍ତି। ଇନ୍ଦିରା ଗାନ୍ଧିଙ୍କ କଥା ଛାଡ଼। ସେ ଏକ ପ୍ରଭାବଶାଳି ପରିବାରର ପ୍ରତିନିଧିତ୍ୱ କରି ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। କିନ୍ତୁ ସୁଚେତା କୃପାଳିନୀ, ନନ୍ଦିନୀ ଶତପଥି, ଶୀଲା ଦୀକ୍ଷିତ, ସୁଷମା ସ୍ୱରାଜ, ନିର୍ମଳା ସୀତାରମଣଙ୍କ ଭଳି ନେତ୍ରୀମାନେ ବିନା ସଂରକ୍ଷଣରେ ନିଜକୁ ସଫଳ ନେତ୍ରୀ ଭାବେ ପ୍ରମାଣିତ କରିଛନ୍ତି। ତେଣୁ ଅନେକ ମହିଳା ସଂରକ୍ଷଣ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ସଂକ୍ଷଣ ବ୍ୟବସ୍ଥା ଏକ ସଭ୍ୟ ସମାଜର ପରିଚାୟକ ନୁହେଁ। ଜାତି, ଧର୍ମ, ଲିଙ୍ଗ ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଏକ ଦୁର୍ବଳ ସମାଜର ପ୍ରତୀକ। ଏହା ଦ୍ୱାରା ଅନେକ ଯୋଗ୍ୟ ବ୍ୟକ୍ତି ସଂସଦ ଏବଂ ବିଧାନସଭାରେ ପ୍ରବେଶ କରିବା ସମ୍ଭବ ହେବ ନାହିଁ। ଆଉ ଅଯୋଗ୍ୟ ବ୍ୟକ୍ତି ସଂରକ୍ଷଣ ସିଡ଼ିରେ ଚଢ଼ି ଆଗକୁ ଆସିବେ। ତେବେ ମହିଳା ସଂରକ୍ଷଣ ବ୍ୟବସ୍ଥା ଅନେକ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ନହେଲେ ମଧ୍ୟ ଏହା ଏକ ଐତିହାସିକ ନିଷ୍ପତ୍ତି ଏଥିରେ ସନ୍ଦେହ ନାହିଁ। କଂଗ୍ରେସ ଏହାକୁ ନିଜର ମାନସ ସନ୍ତାନ ବୋଲି କହିଛି। କିନ୍ତୁ ଚିନ୍ତା କରିବା ଏବଂ କାର୍ଯ୍ୟକାରୀ କରିବା ଭିତରେ ଆକାଶ ପାତାଳ ପ୍ରଭେଦ ରହିଛି। ମହିଳା ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଏହାର ଶ୍ରେୟ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଯିବ। ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ବିଜେପି ମହିଳା ଭୋଟବ୍ୟାଙ୍କ କାର୍ଡ ଖେଳିଛି। ଏହା ଆଗାମୀ ନିର୍ବାଚନରେ ଏନଡିଏକୁ କେତେ ଦୂର ସହାୟକ ହେବ ତାହା ଭିନ୍ନ କଥା। କିନ୍ତୁ ୨୦୨୪ ନିର୍ବାଚନରେ ଏହା ଏକ ଇସ୍ୟୁ ହେବ। ତେବେ ମହିଳା ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଏହା ମାଧ୍ୟମରେ ସମାଜର ତଳସ୍ତରର ମହିଳାମାନେ କେତେଦୂର ଉପକୃତ ହେବେ ତାହା ଦେଖିବାର କଥା। ଅନେକ କ୍ଷେତ୍ରରେ ବଡ଼ ବଡ଼ ନେତାଙ୍କ ପରିବାରର ମହିଳାମାନେ ଟିକେଟ ହାତେଇବାର ସମ୍ଭାବନା ରହିଛି। ଓଡ଼ିଶାରେ କ୍ଷମତାସୀନ ବିଜୁ ଜନତା ଦଳ ମହିଳା ସଂରକ୍ଷଣ ବ୍ୟବସ୍ଥା ସପକ୍ଷରେ ଅନେକ ଦିନରୁ ଦାବି କରି ଆସୁଛି। ରାଜ୍ୟରେ ତୃଣମୂଳ ସ୍ତରରେ ଅର୍ଥାତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଏହା କାର୍ଯ୍ୟକାରୀ ହୋଇଛି। କିନ୍ତୁ ଏହାର ବିଶେଷ ସୁଫଳମିଳିନି। କାରଣ ଅନେକ କ୍ଷେତ୍ରରେ ଦେଖାଯାଉଛି ନିର୍ବାଚିତ ମହିଳା ଜନ ପ୍ରତିନିଧିଙ୍କୁ ତାଙ୍କ ପରିବାରର ପୁରୁଷ ମାନେ ନିୟନ୍ତ୍ରଣ କରୁଛନ୍ତି। ସଂସଦ ଓ ରାଜ୍ୟ ବିଧାନସଭାରେ ମହିଳା ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଏହାର ପୁନରାବୃତ୍ତି ଦେଖିବାକୁ ମିଳିପାରେ। ଏହା ଦ୍ୱାରା ମହିଳା ସଂରକ୍ଷଣ ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟ ବିଫଳ ହୋଇଯିବ।

ଗୋବିନ୍ଦେଶ୍ୱର ଲେନ୍, ପୁରୁଣା ଭୁବନେଶ୍ୱର

# ବିଚିତ୍ର ବିଚାର

**ସୁବାଷ କୁମାର ତାରଣିଆଁ**

୨୦୧୯ ମସିହା ଲୋକସଭା ନିର୍ବାଚନ ସମୟରେ କର୍ଣ୍ଣାଟକର କୋଲାରଠାରେ ଏକ ନିର୍ବାଚନୀ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୋଦୀ ସାଙ୍ଗିଆକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେବା ପ୍ରସଙ୍ଗରେ ବିଜେପି ବିଧାୟକ ପୂର୍ଣ୍ଣେଶ ମୋଦୀ ରାହୁଲଙ୍କ ବିରୋଧରେ ସୁରଟର ଏକ ଅଦାଲତାରେ ମାନହାନୀ ମାମଲା ରୁଜୁ କରିଥିଲେ। ମାମଲାର ବିଚାର କରି ଅଦାଲତ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରି ଦୁଇବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଦଣ୍ଡାଦେଶ ଆଧାରରେ ଗତ ମାର୍ଚ୍ଚ ମାସ ୨୪ ତାରିଖରେ ରାହୁଲଙ୍କ ସାଂସଦ ପଦ ରଦ୍ଦ କରାଯାଇଥିଲା। ସାଂସଦ ପଦ ହରାଇବା ପରେ ଦିଲ୍ଲୀରେ ଥିବା ତାଙ୍କର ସରକାରୀ ବଙ୍ଗଳାକୁ ମଧ୍ୟ ଯଥାଶୀଘ୍ର ଖାଲି କରି ଦିଆଗଲା ଯାହାକୁ ସେ ପରେ ଛାଡ଼ି ଦେଇଥିଲେ। ଦଣ୍ଡାଦେଶ ବିରୋଧରେ ରାହୁଲ ଗାନ୍ଧୀ ପ୍ରଥମେ ସୁରତ ଦୌରାଜଜ ଅଦାଲତାରେ ଆବଦେନ କରିଥିଲା ବେଳେ ତାହା ଅଗ୍ରାହ୍ୟ ହୋଇଥିଲା। ନିମ୍ନ ଅଦାଲତ ରାୟ ଉପରେ ରହିତାଦେଶ ଜାରି କରିବାକୁ ରାହୁଲ ଗୁଜୁରଟ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଥିଲେ। ତେବେ ରହିତାଦେଶ ପ୍ରଦାନ କରିବାକୁ ଗଜୁରାଟ ଉଚ୍ଚ ନ୍ୟାୟାଳୟ ମନା କରିଦେଇଥିଲେ। ଆବେଦନର ଶୁଣାଣି କରି ବିଚାରପତି ହେମନ୍ତ ଏମ୍ ପ୍ରଚ୍ଛକ କହିଥିଲେ ଯେ, ବିଚାର ବିଭାଗୀୟ ଅଦାଲତଙ୍କ ଦଣ୍ଡାଦେଶ ଯଥାର୍ଥ। ତେଣୁ ଏହା ଉପରେ କୌଣସି ପ୍ରକାର ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ। ଯେଉଁଥି ପାଇଁ ଆବେଦନକୁ ଅଗ୍ରାହ୍ୟ କରାଯାଇଛି। ଗୁଜୁରାଟ ଉଚ୍ଚ ନ୍ୟାୟାଳୟ ରାୟକୁ ବିରୋଧ କରି ରାହୁଲ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗତ ଶୁକ୍ରବାର ଦିନ ମାମଲାର ଶୁଣାଣୀ ଆରମ୍ଭ ହୋଇଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ ପ୍ରତିପକ୍ଷ ପୂର୍ଣ୍ଣେସ ମୋଦି ଓ ଗୁଜୁରାଟ ସରକାରଙ୍କୁ ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ମାସ ୪ ତାରିଖରେ ହେବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି। ଯଦି ସର୍ବୋଚ୍ଚ ନ୍ୟାୟାଳୟରୁ ରହିତାଦେଶ ନ ପାଆନ୍ତି ତେବେ ରାହୁଲ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଲଢ଼ପାରିବେ ନାହିଁ ତାହା ଏକ ପ୍ରକାର ନିଶ୍ଚିତ ହୋଇଯିବ। ଜାତୀୟ ରାଜନୀତିରେ ମୁଖ୍ୟ ବିରୋଧୀ ଦଳ ଭାବରେ ଦୀର୍ଘ ୯ ବର୍ଷ ଧରି ଦୁର୍ବଳ ଅବସ୍ଥାରେ ଥିବା କଂଗ୍ରେସ, ଶାସକ ବିଜେପିର ଚାଲେଞ୍ଜକୁ ସାମ୍ନା କରିବା ତ ଦୂରର କଥା କିନ୍ତୁ ଅତି ଦୟନୀୟ ଅବସ୍ଥାରେ ଥିଲେ ମଧ୍ୟ ରାହୁଲ ଗାନ୍ଧୀ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦୀ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ।

ଏଠାରେ ପ୍ରକାଶଥାଉକି, ଏକାଧିକ ମହିଳାଙ୍କୁ ଧର୍ଷଣ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଡେରାସଚ୍ଚା ସୌଦୀ ମୁଖ୍ୟ ରାମ ରହିମଙ୍କୁ ପୁନର୍ବାର ୩୦ଦିନ ପାରୋଲ ମିଳିଛି। ରାମ ରହିମ ରୋହତକର ସୁନାରିୟା ଜେଲ୍‌ରୁ ବାହାରିବେ। ମାତ୍ର ଜେଲ ପ୍ରଶାସନ ରାମ ରହିମଙ୍କୁ ସିର୍‌ସା ଡେରା ଯିବାକୁ ଅନୁମତି ନେଇନାହାଁନ୍ତି। ତାଙ୍କୁ ଉତ୍ତର ପ୍ରଦେଶର ବାଗପାଟରେ ଅବସ୍ଥିତ ବରନୱା ଆଶ୍ରମରେ ରହିବାକୁ ପଡ଼ିବ। ରାମ ରହିମଙ୍କ ଏହା ହୋଉଛି ସପ୍ତମ ପାରୋଲ। ଗତ ଜାନୁୟାରୀ ମାସରେ ତାଙ୍କୁ ୪୦ ଦିନ ପାଇଁ ପାରୋଲ ମିଳିଥିଲା। ସେହିପରି ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯ୍ୟାତନା ମାମଲାରେ ଭାଜପା ସାଂସଦ ତଥା ପୂର୍ବତନ କୁସ୍ତିସଂଘ ମୁଖ୍ୟ ବ୍ରିଜଭୂଷଣ ଶରଣ ସିଂହଙ୍କୁ ଦିଲ୍ଲୀ ରାଉଜ ଆଭେନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ କହିଛନ୍ତି ଯେ ବ୍ରିଜଭୂଷଣ ବିନା ଅନୁମତିରେ ବିଦେଶକୁ ଯାଇପାରିବେ ନାହିଁ କିମ୍ବା ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ମହିଳାଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଧମକ ଚମକ ଦେଇପାରିବେ ନାହିଁ। କୁସ୍ତି ମହାସଂଘର ଅନ୍ୟତମ ସହାୟକ ତଥା ବ୍ରିଜଭୂଷଣଙ୍କ ଘନିଷ୍ଠ ସହଯୋଗୀ ବିନୋଦ ତୋମର ସିଂହଙ୍କୁ ମଧ୍ୟ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଉଭୟଙ୍କୁ ୨୫ ହଜାର ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ଜାମିନ ପ୍ରଦାନ କରାଯାଇଛି।

ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀଙ୍କୁ ଗାଳିଦେବା ବା ତାଙ୍କ ବିରୋଧରେ ଅପମାନ ଜନକ ମନ୍ତବ୍ୟ ଦେବା ନିଶ୍ଚିତ ନିନ୍ଦନୀୟ ଓ ଦାୟିତ୍ୱହୀନତାର ପରିଚୟ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କୁ ଗାଳି କଲେ ଜଣଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇ ପାରିବ ନାହିଁ ବୋଲି କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ କହିଛନ୍ତି। ଉଚ୍ଚ ନ୍ୟାୟାଳୟର ବିଚାରପତି ହେମନ୍ତ ଚନ୍ଦନଗୌଦାର ଏକ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷଙ୍କ ବିରୋଧରେ ରୁଜୁ ହୋଇଥିବା ଦେଶଦ୍ରୋହ ମାମଲାର ଶୁଣାଣି କରି ଏପରି କହିଛନ୍ତି। ବିଦାରସ୍ଥିତ ସାହିନ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷଙ୍କ ବିରୋଧରେ ପୋଲିସ ରୁଜୁ କରିଥିବା ଦେଶଦ୍ରୋହ ମାମଲାଟିକୁ ବିଚାରପତି ଖାରଜ କରିଦେଇଛନ୍ତି। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଏକ ନାଟକ ପରିବେଷଣ କରିଥିଲେ। ନାଟକରେ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ବିଶେଷକରି ସିଏଏ ଏବଂ ଏନ୍‌ଆରସିକୁ ସମାଲୋଚନା କରାଯାଇଥିଲା। ଏହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଏବିଭିପି ସଦସ୍ୟଙ୍କ ଅଭିଯୋଗ ଆଧାରରେ ପୋଲିସ୍ ଦେଶଦ୍ରୋହ ମାମଲା ରୁଜୁ କରିଥିଲେ ଯାହାକୁ ନେଇ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି।

ଏବେ ଆସିବା ଆଉ ଏକ ପ୍ରସଙ୍ଗକୁ। ମଧ୍ୟପ୍ରଦେଶରେ ଜଣେ ଯୁବକ ମାତାଲ ଅବସ୍ଥାରେ ଜଣେ ଆଦିବାସୀ ଯୁବକଙ୍କ ମୁହଁରେ ପରିସ୍ରା କରୁଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା। ଭିଡ଼ିଓରେ ପରିସ୍ରା କରୁଥିବା ଯୁବକ ହେଉଛନ୍ତି ପ୍ରବେଶ ଶୁକ୍ଳା ଓ ସେ ବିଜେପି ବିଧାୟକ କେଦାରନାଥ ଶୁକ୍ଳାଙ୍କ ପ୍ରତିନିଧି। ପ୍ରବେଶ ଶୁକ୍ଳା ମାତାଲ ଅବସ୍ଥାରେ ସିଗାରେଟ ଟାଣି ଶ୍ରମିକ ତଥା ଆଦିବାସୀ ଯୁବକ ଦଶରଥ ରାୱତଙ୍କ ମୁହଁ, ମୁଣ୍ଡ ଓ ବେକରେ ପରିସ୍ରା କରୁଥିବା ଭିଡିଓଟି ପ୍ରଘଟ ହେବା ପରେ ସାରା ଭାରତରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ଅମାନବୀୟ ଓ ଅକ୍ଷମଣୀୟ ଘଟଣା ଘଟାଇଥିବା ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଥିଲା ଏବଂ ଘଟଣାଟି ରାଜନୈତିକ ମୋଡ଼ ନେଇଥିଲା। ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହାକୁ କଡ଼ା ଭାବରେ ନିନ୍ଦା କରିବା ସହ ଏନ୍‌ଏସ୍‌ଏ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ପ୍ରବେଶ ଶୁକ୍ଳାଙ୍କ ଘରକୁ ବୁଲ୍‌ଡ଼ୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା ଏବଂ ତାଙ୍କୁ ଗିରଫ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଦିବାସୀ ଯୁବକ ଦଶରଥ ରାୱତଙ୍କୁ ନିଜ ବାସଭବନକୁ ଡ଼କାଇ ଦଶରଥଙ୍କୁ ଏକ ଭଲ ଚୌକିରେ ବସାଇ ତାଙ୍କ ପାଦ ଧୋଇ ସେହି ପାଣିକୁ ମୁଣ୍ଡରେ ଲଗାଇବା ସହ କ୍ଷମା ପ୍ରାର୍ଥନା କରିଥିଲେ ଏବଂ ତାଙ୍କୁ ନଡ଼ିଆ, ଅଙ୍ଗବସ୍ତ୍ର ଓ ଫୁଲମାଳ ପିନ୍ଧାଇ ପୂଜା କରିବା ସହ ମିଷ୍ଟାନ୍ନ ଖୁଆଇଥିଲେ। ଏଥିସହ ଏକ ଗଣେଶ ମୂର୍ତ୍ତି ତାଙ୍କୁ ଉପହାର ଦେଇ ପାଖରେ ବସାଇ କିଛି ସମୟ କଥା ହୋଇଥିଲେ। ଗରିବମାନେ ତାଙ୍କ ପାଇଁ ଈଶ୍ୱର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଚୌହାଣଙ୍କ ଏଭଳି ଉଦ୍ୟମ ଗରିବ ଓ ଆଦିବାସୀଙ୍କ ପ୍ରତି ଶ୍ରେଷ୍ଠ ଉପହାର। ମାତ୍ର ଏହି ଘଟଣାର ପରଦିନ ପୀଡ଼ିତ ଆଦିବାସୀ ଯୁବକ ଦଶରଥ ରାୱତଙ୍କ ମନ୍ତବ୍ୟ ଭିନ୍ନ ମୋଡ଼ ନେଇଥିଲା। ଦଶରଥ କହିଥିଲେ ଯେ, ପ୍ରବେଶ ଶୁକ୍ଳା ତାଙ୍କ ଭୁଲ୍ ବୁଝି ସାରିଛନ୍ତି, ତେଣୁ ତାଙ୍କୁ ମୁଁ କ୍ଷମା କରିଦେଉଛି, ତାଙ୍କୁ ଦୋଷମୁକ୍ତ କରାଯାଉ। ଦଶରଥ ତାଙ୍କ ମାନବିକତା ଦୃଷ୍ଟିରୁ କୁହନ୍ତୁ ବା ତାଙ୍କୁ ଏଭଳି କହିବା ପାଇଁ ଚାପ ପ୍ରୟୋଗ କରାଯାଉ, ଏଭଳି କହିବା ଦ୍ୱାରା ଭବିଷ୍ୟତରେ ଆହୁରି ଅନେକ ଦଶରଥଙ୍କ ଉପରେ ଏଭଳି ଘଟଣା ଘଟିବା ପାଇଁ ପଥ ପରିଷ୍କାର ହୋଇଯିବ।

ଭାରତ ଭଳି ଗୋଟିଏ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜାତୀୟ ରାଜନୀତିରେ ଜଣେ ପ୍ରମୁଖ ବିରୋଧୀ ଦଳର ନେତାଙ୍କୁ ଦଣ୍ଡିତ କରିବା ସହ ସାଂସଦ ପଦ ରଦ୍ଦ କରାଯିବା ମାତ୍ରାଧିକ ଦଣ୍ଡ ବୋଲି ଅନେକ ରାଜନୈତିକ ସମୀକ୍ଷକ ବିଚାର କରୁଛନ୍ତି। ରାହୁଲଙ୍କ ଦଣ୍ଡାଦେଶ ପରେ ଏବେ ଯୁକ୍ତି ହେଉଛି ଯେ, ଏପରି ମାନହାନି ପ୍ରସଙ୍ଗ ଗୁଡ଼ିକୁ ଅପରାଧ ଭାବେ ପରିଗଣିତ ହେବା ଅନୁଚିତ। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆଇନ ପ୍ରଣୟନକାରୀ ଏବଂ ସର୍ବୋପରି ନ୍ୟାୟପାଳିକା ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଚାର କରିବା ଉଚିତ୍।

କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋବାଇଲ୍ : ୮୩୨୮୮୪୦୨୧୪

# ଧୈର୍ଯ୍ୟ, ସହନଶୀଳତା ଏବଂ ଶାନ୍ତିର ଆବଶ୍ୟକତା



**ମୌଲାନା ଫଜଲ ହକ ଖାନ୍**

ଈଶ୍ୱର ମଣିଷକୁ ସଂସାରରେ ସର୍ବୋତ୍କୃଷ୍ଟ ପ୍ରାଣୀ ରୂପେ ଜନ୍ମ ଦେଇଛନ୍ତି। ମଣିଷ ଭଳି ପଶୁ-ପକ୍ଷୀମାନେ ବି ରହିବା ପାଇଁ ବାସ ସ୍ଥଳି ଖୋଜିଥାନ୍ତି ଏବଂ ତିଆରି ବି କରିଥାନ୍ତି। ପକ୍ଷୀ ଅଣ୍ଡା ଦେଇଥିବା ବେଳେ ପଶୁମାନେ ଛୁଆ ଜନ୍ମ କରିଥାନ୍ତି। ଘର ସଂସାର ବି କରିଥାନ୍ତି। ମଣିଷ ବି ଏହି ଭଳି କରିଥାଏ। କିନ୍ତୁ ମଣିଷ ଓ ପଶୁ-ପକ୍ଷୀଙ୍କ ମଧ୍ୟରେ ଗୋଟିଏ ଫରକ ରହିଛି। ଯାହା ମଣିଷକୁ ସେମାନଙ୍କ ଠାରୁ ସର୍ବୋତ୍କୃଷ୍ଟ ଭାବେ ମର୍ଯ୍ୟାଦା ଦେଇପାରିଛି। ତାହା ହେଲା ବିବେକ। ଭଲ-ମନ୍ଦ ବିଚାର କରିବାର ଶକ୍ତି। ବୁଝି-ବିଚାରି କାର୍ଯ୍ୟ କରିବାର ପ୍ରତିଭା।



ବିଶ୍ୱର ବିକାଶ ଓ ଉନ୍ନତି ପ୍ରଖର ଗତିରେ ହେବା ସହ ସମସ୍ୟା ମଧ୍ୟ ବଢ଼ିଚାଲିଛି। ଉତ୍କୃଷ୍ଟ ମଣିଷ ପାଖେ ସେ ସବୁ ସମସ୍ୟାର ସମାଧାନ ଓ ସାଧନା ରହିଛି। କିନ୍ତୁ ବିଡ଼ମ୍ବନା ଏତିକି ହେଲା ଯେ ଉଚିତ୍ ସମୟରେ ବୁଝି-ବିଚାରି ତାକୁ ପ୍ରୟୋଗ କରି ପାରୁନାହିଁ। ତା' ପ୍ରତି ପ୍ରୟାସ କରି ପାରୁନାହିଁ। ଗୋଟିଏ ମେଣ୍ଢା ପାଣିକୁ ଡ଼େଇଁଲା ମାତ୍ରେ ସବୁ ମେଣ୍ଢା ତା' ଦେଖାଦେଖି ପାଣିକୁ ଡ଼େଇଁ ପଡ଼ିଥାନ୍ତି। ସେହିଭଳି ଅନେକ ବ୍ୟକ୍ତି ବୁଦ୍ଧି-ଜ୍ଞାନ ଥାଇ ମଧ୍ୟ, ବିବେକ ହରା ହୋଇ ଯାଇଥାଆନ୍ତି। ଫଳସ୍ୱରୂପ ସମାଜରେ ଭିନ୍ନ ଭିନ୍ନ ସମସ୍ୟା ଉପୁଜିଥାଏ। ଅରାଜକତା, ମନମାଳିନତା ଓ ତିକ୍ତତା ବଢ଼ିଥାଏ। ଏପରିକି ଭାଇ-ଭାଇ ମଧ୍ୟରେ, ବନ୍ଧୁ-ବାନ୍ଧବଙ୍କ ମଧ୍ୟରେ, ସାଙ୍ଗ-ସାଥିମାନଙ୍କ ମଧ୍ୟରେ, ଶାସକ ଓ ଜନତା ମଧ୍ୟରେ, ଧର୍ମ-ଧର୍ମ ମଧ୍ୟରେ ଏବଂ ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବର୍ଷ ବର୍ଷ ଧରି ରହିଥିବା ବନ୍ଧୁତା ଓ ଭାଇଚାରାର ସୁନ୍ଦର ପରିବେଶ ଦୂଷିତ ଓ ଅଶାନ୍ତ ହୋଇ ଉଠିଥାଏ। ଏହିଭଳି ପରିବେଶ ଏବେ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି। ଏହାଦ୍ୱାରା ମାନବିକତାର କ୍ଷୟ-କ୍ଷତି ଓ ପ୍ରାଣ ହାନି ଘଟୁଛି। ଭାଇଚାରା ଓ ବନ୍ଧୁତାର ବଳି ପଡୁଛି। ଈଶ୍ୱର ମଣିଷକୁ ମାଂସ, ହାଡ଼ ଓ ରକ୍ତରେ ତିଆରି କରିଛି। ଅନେକ ପର୍ଯ୍ୟାୟ ଦେଇ ଗତି କରି ମଣିଷଟିଏ ହୋଇପାରିଛି। ପ୍ରଦୂଷିତ ପରିବେଶର ରଙ୍ଗରେ ପଡ଼ି ବିବେକ ହରା ହୋଇ ମଣିଷ, ମଣିଷ ସହ ଶତ୍ରୁତା କରୁଛି। ଘୋର ସଂଘର୍ଷ କରୁଛି। ସେହି ସମୟରେ ଯଦି ସେ ଟିକିଏ ଧୈର୍ଯ୍ୟ ଧରା ହୁଅନ୍ତା ଏବଂ ବିବେକକୁ କାର୍ଯ୍ୟରତ କରିପାରନ୍ତା। ମଣିଷ, ମଣିଷକୁ ଚିହ୍ନି ପାରନ୍ତା। ତା' ହେଲେ ସେ ବଡ଼ ବଡ଼ ଆଘାତ ଓ କ୍ଷୟ-କ୍ଷତିରୁ ବର୍ତୀ ପାରନ୍ତା। ଆଘାତ, ପ୍ରତିଘାତ ଏବଂ ହତ୍ୟା କରିବାକୁ ସେ ଉଦ୍ୟମ କରନ୍ତା ନାହିଁ। ପ୍ରଭୁ ଫୁସତରେ ବହୁ ସମୟ ନେଇ ଏ ମଣିଷକୁ ତିଆରି କରିଛନ୍ତି। ରାଗ-ରୋଷ କ୍ଷଣକ ପାଇଁ ବିନା କ୍ଷୟ-କ୍ଷତିରେ ହୋଇବି ପାରନ୍ତା। କିନ୍ତୁ ସେହି ରାଗ-ରୋଷ ଦ୍ୱାରା କୌଣସି ମାନବର ହତ୍ୟା ହୋଇଥାଏ, ତେବେ ଏହା ବହୁତ ଦୁଃଖ ଓ ଦୁର୍ଭାଗ୍ୟର କଥା। ଏ ଯୁବ ସମାଜ ଏତେ ପାଠୁଆ ଏବଂ ଜ୍ଞାନ-ବିଜ୍ଞାନରେ ପରିପୂର୍ଣ୍ଣ ଥାଇ, ଏ ଧରାପୃଷ୍ଠରେ ଏତେ ଧର୍ମ ଆସି ମଧ୍ୟ ମଣିଷ ଶିଖିଲା କ'ଣ ? ଶିକ୍ଷା ଦେଲା କ'ଣ ? ପାଇଲା କ'ଣ ? ହଜାଇ ବସିଲା କ'ଣ ? କୁହାଯାଏ ଧର୍ମ ଏକାସିନା ମହତ ପଣିଆ ଆଉ ସବୁ କିଛି ଅଢେଇ ଦିନିଆ। ସକଳ ଧର୍ମରେ ଧୈର୍ଯ୍ୟ, ସହନଶୀଳତା, ଶାନ୍ତି ଏବଂ ଭାଇଚାରାର ଶିକ୍ଷା ମିଳିଥାଏ। ଆମେ ମଣିଷ ସବୁ ଭାଇଭାଇ। ବେସୁଧୈବକୁଟୁମ୍ବକମ୍ ଆମର ପରିଚୟ। ଏ ଧରା ଆମ ମାଁ। ଆମେ ମାନବ ଜାତି ଏକ କୁଟୁମ୍ବ। କେହି ବଡ଼-ଛୋଟ, ଉଚ୍ଚ-ନିଚ, ଗୋରା-କଳା ଏବଂ ଧନି-ଗରୀବ ନୁହେଁ। ସମସ୍ତେ ପ୍ରଭୁଙ୍କ ଦରବାରରେ ସମାନ। ଧର୍ମ ଆମକୁ ଶାନ୍ତି, ସହନଶୀଳତା, ସତ୍‌ମାର୍ଗ, ସଦ୍‌ଭାବନା, ସମନ୍ୱୟତା, ସରଳତା, ସତ୍ୟତା, ସଂଯମତା, ସାଧୁତା, ସଫଳତା ଏବଂ ସକାରତ୍ମକତାର ଶିକ୍ଷା ଦେଇଥାଏ।

ଏକତା ଓ ଅଖଣ୍ଡତା ଆମର ଗୌରବ। ହିନ୍ଦୁ, ମୁସଲିମ, ଶିଖ, ଇସାଇ ହମ୍ ସବ୍ ହେଁ ଭାଇ ଭାଇ/ଭାଇକୋ ହେଁ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା। ମାଁ, ମାଟି ଓ ମାତୃକା ଠାରୁ ବଳି ଆଉ କିଏବା ବଡ଼। ଏଇ ଆମ ଜନ୍ମ ଭୂମି ଏଇ ଆମ ଧ୍ୱଜା। ଏଇ ଗାଁ ମଶାଣୀରେ ଆମର ଶେଷ କ୍ରିୟାକର୍ମ ହୋଇଥାଏ। ଏଇ ଗାଁ ମାଟିରେ ଆମେ କବର ପାଇଥାଉ। ପରମବ୍ରହ୍ମ ପରମେଶ୍ୱର ଏକ। ଆମେ ତାଙ୍କ ସନ୍ତାନ। ଆସ ଆମେ ସଭିଏଁ ଏକ ମନ ଏକ ପ୍ରାଣ ହୋଇ ଏବେ ମାନବିକତାକୁ କ୍ଷୟ-କ୍ଷତି ହେବାରୁ ରକ୍ଷା କରିବା। ଆମ ମନ ଓ ମସ୍ତିକକୁ ସ୍ୱଚ୍ଛ ଓ ନିର୍ମଳ କରିବା। ଖରାପ ଦେଖିବା ନାହିଁ, ଖରାପ କହିବା ନାହିଁ, ଖରାପ ଶୁଣିବା ନାହିଁ ଏବଂ ଖରାପ ଚିନ୍ତା କରିବା ନାହିଁ। ଆସନ୍ତୁ ଆମେ ସମସ୍ତେ ମିଳିମିଶି ଭାଇଚାରାର ଏକ ଅଭେଦ୍ୟ ଦୁର୍ଗ ନିର୍ମାଣ କରିବା। ମନ ମାଳିନତା, ଶତ୍ରୁତା, ଅରାଜକତା, ଈର୍ଷାପରାୟଣତା ଏବଂ ଅହଂକାରୀତାର ଶତ୍ରୁକୁ ଧୂଳିଚଟାଇବା। ତାକୁ ପରାସ୍ତ କରିବା। ଭାରତ ବର୍ଷର ବିକାଶ, ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଦୃଢ଼ ସଂକଳ୍ପ ନେବା। ହାତକୁ ହାତ ମିଳାଇ କାନ୍ଧକୁ କାନ୍ଧ ଲଗାଇ ଭାରତ ମାତାର ଟେକ ରଖିବା। ଆମେ ଭାରତକୁ ମହାନ କରିବା। ଜୟ ହିନ୍ଦ। ଜୟ ଭାରତ।

ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

# ରକ୍ଷକ ନହେଉ ଭକ୍ଷକ



**ଦିପ୍ତିମୟୀ ନାୟକ**

ଦିନକୁ ଦିନ ଅପରାଧ ବଢ଼ିବା ସହ ଖାକି ପୋଷାକରେ ଦାଗ ଲାଗୁଛି। ଯଦିଓ ସବୁ ପୋଲିସ ସମାନ ନୁହଁନ୍ତି କିନ୍ତୁ କିଛି ପୋଲିସଙ୍କ ପାଇଁ ଖାକିରେ କଳଙ୍କ ଲାଗୁଛି। ଜନସାଧାରଣଙ୍କ ଧନଜୀବନକୁ ସୁରକ୍ଷା ଦେବା ସହ ଲୋକଙ୍କୁ ସୁରକ୍ଷା ଦେବା ପୋଲିସର କର୍ତ୍ତବ୍ୟ ହୋଇଥାଏ କିନ୍ତୁ ବର୍ତ୍ତମାନର କିଛି ପୋଲିସ ଅଧିକାରୀ ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ସହ ସମାନ। ନା କିଛି ଦେଖିବେ ନା କିଛି ଶୁଣିବେ ନା କିଛି କହିବେ। ଅବଶ୍ୟ ଗାନ୍ଧିଜୀଙ୍କ ତିନି ମାଙ୍କଡଙ୍କ ବାର୍ତ୍ତା ଅନୁଯାୟୀ ଖରାପ କଥା ଦେଖ ନାହିଁ, ଖରାପ କଥା ଶୁଣ ନାହିଁ, ଖରାପ କଥା କୁହ ନାହିଁ କିନ୍ତୁ ବର୍ତ୍ତମାନର କିଛି ପୋଲିସଙ୍କର ବ୍ୟବସ୍ଥା କିଛି ଅଲଗା ହୋଇଛି ଯଦି ଖରାପ କଥା ଦେଖୁଛ ଦେଖ, ଯଦି କିଛି ଖରାପ କଥା ଶୁଣୁଛ ତେବେ ଶୁଣ, ଯଦି କିଛି ଖରାପ କଥା କହୁଛ କୁହ। ଏକଥା ଏଠାରେ ଏଥିପାଇଁ କହିଲି ଦୁର୍ନୀତି, ଅପରାଧ ଏବଂ ଅସଦାଚରଣ ଭଳି କୁତ୍ସିତ କାର୍ଯ୍ୟକଳାପ ଉପରେ ଲଗାମ ଲଗେଇବାକୁ ପ୍ରଶାସନିକ ସ୍ତରରେ ପୋଲିସ ବ୍ୟବସ୍ଥା ରହିଛି। ହେଲେ ବର୍ତ୍ତମାନର କିଛି ପୋଲିସ ବାବୁ ପୋଲିସ ବ୍ୟବସ୍ଥା ଗୁଡ଼ିକର ଦୂରୁପୋଯୋଗ କରୁଛନ୍ତି ଯାହା ଅତ୍ୟନ୍ତ ନିନ୍ଦନୀୟ କଥା। ବାଡ଼ ଫସଲ ଖାଇଲା ଭଳି ପୋଲିସ ବାବୁମାନେ ଅପରାଧ, ଦୁର୍ନୀତିଗ୍ରସ୍ତ ଭଳି କୁତ୍ସିତ କାର୍ଯ୍ୟ କରିବାକୁ ପଛାଉନାହାଁନ୍ତି। ଯାହାଫଳରେ ଖାକି ଉପରକୁ ଲୋକଙ୍କ ଭରଷା ତୁଟିବାରେ ଲାଗିଲାଣି। ଯେଉଁ ପୋଲିସ ଚାକିରୀ ଆରମ୍ଭରୁ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ସହ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଆଇନକାନୁନ ପାଳନ କରିବାକୁ ଶପଥ ନେଇଥାଏ ସେହି ପୋଲିସ ଯେତେବେଳେ ରକ୍ଷକ ବଦଳରେ ଭକ୍ଷକ ସାଜେ ସମଗ୍ର ପୋଲିସ ପ୍ରଶାସନକୁ କଳଙ୍କିତ ହେବାକୁ ପଡିଥାଏ। ତେବେ ଜଣେ ଯୁବତୀଙ୍କୁ ଭରତପୁର ଥାନା ଭିତରେ ଯୌନ ନିର୍ଯ୍ୟାତନା ଦେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ତେଣୁ ସରକାରଙ୍କୁ ଅନୁରୋଧ ଏହି ଘଟଣାର ସଠିକ ତଦନ୍ତ ହେବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀ ମାନଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ହେଉ ଏବଂ ପୀଡ଼ିତାଙ୍କୁ ନ୍ୟାୟ ଦିଆଯାଉ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ଏୟାର ମାର୍ଶାଲ ଅମରପ୍ରୀତ ସିଂହ ବାୟୁସେନା ମୁଖ୍ୟ



ନୂଆଦିଲ୍ଲୀ, ୨୧।୯: ଏୟାର ମାର୍ଶାଲ ଅମରପ୍ରୀତ ସିଂହ ଭାରତୀୟ ବାୟୁସେନାର ପରବର୍ତ୍ତୀ ମୁଖ୍ୟ ହେବେ। ଆସନ୍ତା ୩୦ରେ ସେ ତାଙ୍କ ନୂତନ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନର ଏୟାର ଚିଫ ମାର୍ଶାଲ ଭି ଆର ଚୌଧୁରୀ ସେହିଦିନ ଅବସର ନେବେ। ୧୯୮୪ ଡିସେମ୍ବରରେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିବା ଏୟାର ମାର୍ଶାଲ ଅମରପ୍ରୀତ ସିଂହ ଗତ ବର୍ଷ ଫେବୃଆରୀରେ ବାୟୁସେନାର ଭାଇସ ଚିଫ ଭାବେ ଯୋଗ ଦେଇଥିଲେ। ବରିଷ୍ଠତା ଦୃଷ୍ଟିରୁ ସେ ପରବର୍ତ୍ତୀ ଏୟାର ଚିଫ ମାର୍ଶାଲ ଭାବେ ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ସେ ପ୍ରୟାଗରାଜରେ ସେଣ୍ଟ୍ରାଲ ଏୟାର କମାଣ୍ଡର କମାଣ୍ଡିଂ ଇନ ଚିଫ ଭାବେ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଫାଇଟର ଜେଟ ଚାଳନାରେ ତାଙ୍କର ୫ହଜାର ଘଣ୍ଟାର ଅଭିଜ୍ଞତା ରହିଛି। ୧୯୮୪ରୁ ବାୟୁସେନାରେ କାର୍ଯ୍ୟ କରି ଆସୁଥିବା ଶ୍ରୀ ସିଂହ ଫ୍ଲାଇଟ କମାଣ୍ଡର ଓ ମିଗ ୨୭ର କମାଣ୍ଡିଂ ଅଫିସର ଦାୟିତ୍ୱରେ ରହିଥିଲେ। ୨୦୧୯ରେ ତାଙ୍କୁ ଅତି ବିଶିଷ୍ଟ ସେବା ମେଡାଲ ଓ ୨୦୨୩ରେ ପରମ ବିଶିଷ୍ଟ ସେବା ମେଡାଲ ମିଳିଥିଲା।

# ଆତ୍ମହତ୍ୟା କଲେ ଏନ୍ଆଇଟି ଛାତ୍ରୀ

ପାଟନା, ୨୧।୯: ଦିନକୁ ଦିନ ଦେଶରେ ବଢ଼ି ଚାଲିଛି ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା। ଏବେ ପୁଣି ଏକ ମାମଲା ସାମ୍ନାକୁ ଆସିଛି। ବିହାର ରାଜଧାନୀ ପାଟନରେ ଜଣେ ଏନ୍ଆଇଟି ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ କ୍ୟାମ୍ପସ ପରିସରରେ ଜୋରଦାର ହଙ୍ଗାମା ହୋଇଛି। ଶୁକ୍ରବାର ବିହାର ପାଟନାର ନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜୀରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଖବର ସାମ୍ନାକୁ ଆସିଛି। ମୃତକ ଜଣକ ହେଲେ କମ୍ପ୍ୟୁଟର ସାଇନ୍ସରେ ପଢୁଥିବା ଦ୍ୱିତିୟ ବର୍ଷର ଛାତ୍ରୀ ପଲ୍ଲଭୀ। ସେ ଅନ୍ଧ୍ର ପ୍ରଦେଶର ବାସିନ୍ଦା ଅଟନ୍ତି। ତେବେ ସେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ସେପଟେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ କ୍ୟାମ୍ପସ ପରିସରରେ ଉତ୍ତେଜନା ଦେଖାଦେଇଛି। ଛାତ୍ରଛାତ୍ରୀମାନେ ଜୋରଦାର ହଙ୍ଗାମା କରିଛନ୍ତି। କଲେଜ ପ୍ରଶାସନଙ୍କ ବିରୋଧରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀ ଧାରଣା ଦେଇଛନ୍ତି। ଏହି ପୂରା ମାମଲାରେ ସମ୍ପୂର୍ଣ୍ଣ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ପଲ୍ଲଭୀଙ୍କ ଜଣେ ବନ୍ଧୁଙ୍କ କହିବା ମୁତବାକ, ପଲ୍ଲଭୀ ଶୁକ୍ରବାର ଦିନ ସେମାନଙ୍କ ସହ ଥିଲେ ଏବଂ ଖୁସି ଥିଲେ। ସେ ଏହା କରିବେ ବୋଲି କାହାରି ଧାରଣା ନଥିଲା। ଏଭଳି ପରିସ୍ଥିତିରେ ପଲ୍ଲଭୀ କାହିଁକି ଏପରି କଲେ ତାହା ଏକ ବଡ଼ ପ୍ରଶ୍ନ। ପଲ୍ଲଭୀ ବହୁତ ଖୁସି ମିଜାର ଝିଅ ଥିଲେ। ସେ ତାଙ୍କ ପାଠପଢ଼ରେ ମଧ୍ୟ ଭଲ ଥିଲେ। ତେବେ ହଠାତ୍ ଏହା କିପରି ଘଟିଲା ତାହା ବୁଝିବା ମୁସ୍କିଲ। ସେପଟେ କଲେଜ ପରିସରେ ବଢ଼ୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ଫୋର୍ସ ସେଠାରେ ମୁତୟନ କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ମେଡିକାଲରେ ମହିଳା ଡାକ୍ତରଙ୍କୁ ଛେଚିଲେ ରୋଗୀଙ୍କ ସମ୍ପର୍କୀୟ

ଲକ୍ଷ୍ନୌ, ୨୧।୯: ରୋଗୀ ଚିକିତ୍ସାକୁ ନେଇ ମେଡିକାଲରେ ଘଟିଲା ତୁମୁଳକାଣ୍ଡ। ଜଣେ ମହିଳା ଡାକ୍ତରଙ୍କ ଚୁଟି ଧରି ଟାଣିଲେ ରୋଗୀଙ୍କ ସମ୍ପର୍କୀୟ । ଏତିକିରେ ମନ ଶାନ୍ତି ନ ହେବାରୁ ତାଙ୍କୁ ନିର୍ଘୃମ ଛେଚିଲେ। ଏପରି ଏକ ଅମାନବୀୟ ଘଟଣା ଉତ୍ତରପ୍ରଦେଶର ଲକ୍ଷ୍ନୌର ଲୋକବନ୍ଧୁ ମେଡିକାଲରେ ଘଟିଛି। ଏହି ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ପେଟ ଯନ୍ତ୍ରଣା ହେତୁ ରାଜାଜୀପୁରମ୍ ଅଞ୍ଚଳର ୬୫ ବର୍ଷୀୟ ରାଜେଶ ଟଣ୍ଡନଙ୍କୁ ପରିବାର ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହସ୍ପିଟାଲରେ ଥିବା ଜୁନିୟର ଡାକ୍ତର ଜ୍ୟୋତି କୃଷ୍ଣାମୂର୍ତ୍ତି ତୁରନ୍ତ ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଏହି ସମୟରେ ରାଜେଶ ଟଣ୍ଡନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା। ଫଳରେ ତାଙ୍କ ସହ ଥିବା ସମ୍ପର୍କୀୟମାନଙ୍କର ଡାକ୍ତର ଜ୍ୟୋତିଙ୍କ ସହ ଉଚ୍ଚବାଚ ହୋଇଥିଲା। ଏହାପରେ ସେମାନେ ତାଙ୍କ ସହ ଅଭଦ୍ରାମୀ କରିଥିଲେ। ଏହା କ୍ରମଶଃ ଉଗ୍ର ରୂପ ଧାରଣ କରିବାରୁ ରୋଗୀଙ୍କ ସମ୍ପର୍କୀୟ ମହିଳା ଡାକ୍ତରଙ୍କ ଚୁଟି ଟାଣିବା ସହ ତାଙ୍କୁ ମାରପିଟ କରିଥିଲେ। ଏନେଇ ଡାକ୍ତରଜଣକ ହସ୍ପିଟାଲ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ।

ଶିଖ ବୟାନ ବିବାଦ

# ମୁହଁ ଖୋଲିଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୨୧।୯: ଶିଖ ସଂପ୍ରଦାୟକୁ ନେଇ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦେଇଥିବା ବୟାନକୁ ବିଜେପି ତୀବ୍ର ସମାଲୋଚନା କରି ଚାଲିଛି। ଏହାକୁ ନେଇ ରାଜନୀତିକ ବିବାଦ ମଧ୍ୟ ଦେଖାଯାଇଛି। ଦିନକୁ ଦିନ ବିବାଦ ତେଜୁ ଥିବା ବେଳେ ପ୍ରଥମଥର ପାଇଁ ରାହୁଲ ଗାନ୍ଧି ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ସେ ନିଜ ବୟାନକୁ ଡିଫେଣ୍ଡ କରିଛନ୍ତି ଓ ବିଜେପି ସବୁ ପ୍ରସଙ୍ଗ ଭଳି ଏଥର ମଧ୍ୟ ମିଥ୍ୟାର ପ୍ରଚାର କରୁଥିବା କହିଛନ୍ତି। ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନିଜ ମତ ରଖି ରାହୁଲ ଗାନ୍ଧି କହିଛନ୍ତି, "ମୋର ଆମେରିକା ବୟାନକୁ ନେଇ ବିଜେପି ମିଛର ପ୍ରଚାର କରୁଛି। ଭାରତ ଓ ବିଦେଶରେ ରହୁଥିବା ମୋର ସମସ୍ତ ଶିଖ ଭାଇ ଭଉଣୀମାନଙ୍କୁ ଗୋଟିଏ ପ୍ରଶ୍ନ କରିବାକୁ ଚାହୁଁଛି। ମୁଁ ଯାହା ବି କହିଛି, ସେଥିରେ କିଛି ଭୁଲ ଅଛି କି? ଭାରତ ଏମିତି ଏକ ଦେଶ ହେବା କଥା ନୁହେଁ କି ଯେଉଁଠାରେ ପ୍ରତିଟି ଶିଖ ଓ ପ୍ରତ୍ୟେକ ଭାରତୀୟ ସେମାନଙ୍କ ଧର୍ମକୁ ବିନା ଭୟରେ ଅନୁସରଣ କରିପାରିବେ? ସବୁଥର ଭଳି ବିଜେପି ଏବେ ମିଛର ସାହାରା ନେଇଛି। ସେମାନେ ମୋତେ ଚୁପ କରିବାକୁ ଲାଗିପଡ଼ିଛନ୍ତି। କାରଣ ସେମାନେ ସତକୁ ଗ୍ରହଣ କରିବାକୁ ଚାହୁଁ ନାହାନ୍ତି। କିନ୍ତୁ ମୁଁ ସବୁବେଳେ ଭାରତକୁ ଦର୍ଶାଉ ଥିବା ମୂଲ୍ୟବୋଧ ସମ୍ପର୍କରେ ମତ ରଖିବି।"

ଭାରତରେ ଧାର୍ମିକ ସ୍ୱାଧୀନତା ସମ୍ପର୍କରେ ରାହୁଲ ଗାନ୍ଧି ଆମେରିକାରେ ମତ ରଖିଥିଲେ। ସେ କହିଥିଲେ ଯେ ଭାରତରେ ଶିଖମାନେ ପଗଡ଼ି ପିନ୍ଧି ପାରିବେ କି ନାହିଁ କିମ୍ବା କଡ଼ା ପିନ୍ଧି ପାରିବେ କି ନାହିଁ, ତା'କୁ ନେଇ ଲଢ଼େଇ ଚାଲିଛି। ଜଣେ ଶିଖ ହିସାବରେ ଗୁରୁଦ୍ୱାରା ଯାଇ ପାରିବେ କି ନାହିଁ, ବର୍ତ୍ତମାନ ସେହି ଲଢ଼େଇ ଚାଲିଛି। ଏହି ଲଢ଼େଇ କେବଳ ଶିଖମାନଙ୍କ ପାଇଁ ନୁହେଁ, ସବୁ ଧର୍ମାବଲମ୍ବୀଙ୍କ କ୍ଷେତ୍ରରେ ଘଟୁଛି ବୋଲି ରାହୁଲ ମତ ରଖିଥିଲେ। ଏପରି ବୟାନକୁ ବିଜେପି ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ବିଦେଶରେ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ମତ ରଖିବା ଅତ୍ୟନ୍ତ ବିପଦଜନକ ପ୍ରଚାର ବୋଲି ବିଜେପି କହିଥିଲା।

# ତିନିଦିନିଆ ଆମେରିକା ଗସ୍ତରେ ମୋଦି



ନୂଆଦିଲ୍ଲୀ ୨୧।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନିଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି। ଶନିବାର ସକାଳେ ସେ ଏଠାରୁ ଆମେରିକା ଯାତ୍ରା କରିଛନ୍ତି। ଏହି ଅବସରରେ ତାଙ୍କର ଅନେକ କାର୍ଯ୍ୟକ୍ରମ ରହିଛି। ଆମେରିକାରେ ଅନୁଷ୍ଠିତ ହେବାକୁ ଯାଉଥିବା ଷଷ୍ଠ କ୍ୱାଡ ଶିଖର ସମ୍ମିଳନୀରେ ସେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତିତ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଉଦବୋଧନ ଦେବା ସହିତ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଆୟୋଜିତ ଏକ ସମାରୋହରେ ମୋଦି ଉଦବୋଧନ ଦେବେ।

ୱେଲମିଂଟନଠାରେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆମେରିକା ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ରଷିଆ ଏବଂ ୟୁକ୍ରେନଗସ୍ତରେ ଯାଇ ଉଭୟ ରାଷ୍ଟ୍ରର ରାଷ୍ଟ୍ରପତିଙ୍କ ସହ ଯୁଦ୍ଧ ବିରାମ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତ ଶାନ୍ତି ଆଲୋଚନାରେ ମଧ୍ୟସ୍ଥତା କରୁ ବୋଲି ଉଭୟ ରଷିଆ ଏବଂ ୟୁକ୍ରେନ ଚାହୁଁଛନ୍ତି। ଏ ସମ୍ପର୍କରେ ମୋଦି ଓ ବାଇଡେନଙ୍କ ମଧ୍ୟରେ ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ଅବସରରେ ଆମେରିକା ଓ ଭାରତର ମିଳିତ ମହାକାଶ ଅଭିଯାନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା ସମ୍ଭାବନା ରହିଛି।

- ଜାତିସଂଘ ସାଧାରଣ ପରିଷଦ ଓ କ୍ୱାଡ୍ ଶିଖର ବୈଠକରେ ଯୋଗଦେବେ
- ରାଷ୍ଟ୍ରପତି ବାଇଡେନଙ୍କ ସହ ଆଲୋଚନା
- ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେବେ

ରବିବାର ପ୍ରଧାନମନ୍ତ୍ରୀ ମୋଦି ନ୍ୟୁୟର୍କରେ ଭାରତୀୟ ସମ୍ପ୍ରଦାୟକୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ବିଭିନ୍ନ ବଡ଼ କମ୍ପାନୀର ସିଇଓମାନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି ଆଲୋଚନା କରିବେ ଏବଂ ଭାରତରେ ପୁଞ୍ଜିନିବେଶ ଲାଗି ସେମାନଙ୍କୁ ପ୍ରରୋଚିତ କରିବେ। ସୋମବାର ପ୍ରଧାନମନ୍ତ୍ରୀ ମୋଦି ଜାତିସଂଘ ସାଧାରଣ ପରିଷଦ ବୈଠକରେ ସମିଟ ଅଫ ଦି ଫ୍ୟୁଚରରେ ଯୋଗ ଦେବେ। ଜାତିସଂଗ ମହାସଚିବ ଆଣ୍ଟୋନିଓ ଗୁଟେରସ ଏହି ସମ୍ମିଳନୀ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୋଦି ଅନ୍ୟ କେତେକ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ନେଇ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପାର୍ଟୀର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଭେଟିବାର କାର୍ଯ୍ୟକ୍ରମ ରହିଛି।



# ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଆତିଶୀ

ନୂଆଦିଲ୍ଲୀ, ୨୧।୯: ଆତିଶୀ ହେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ। ଆଜି ସେ ଦିଲ୍ଲୀର ଅଷ୍ଟମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ସହ କ୍ୟାବିନେଟର ଅନ୍ୟ ପାଞ୍ଚ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଉପରାଜ୍ୟପାଳ ବିନାଇ କୁମାର ସେକ୍ସେନା ମୁଖ୍ୟମନ୍ତ୍ରୀଙ୍କ ସମେତ କ୍ୟାବିନେଟ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ତେବେ ଆତିଶୀଙ୍କ ସହ କ୍ୟାବିନେଟର ପାଞ୍ଚ ମନ୍ତ୍ରୀ ଗୋପାଳ ରାୟ, କୈଳାଶ ଗେହଲଟ, ସୌରଭ ଭରଦ୍ୱାଜ, ଇମ୍ରାନ ହୁସେନ ଏବଂ ମୁକେଶ ଅହଲୱାତ ଶପଥ ନେଇଛନ୍ତି। ସୁଲତାନ ପୁର ମଜ୍ରାର ବିଧାୟକ ମୁକେଶ ଅହଲୱାତ କ୍ୟାବିନେଟର ନୂଆ ମନ୍ତ୍ରୀ ହୋଇ ଥିବାବେଳେ ଅନ୍ୟ ଚାରି ଜଣ ପୂର୍ବ ମନ୍ତ୍ରୀମଣ୍ଡଳରେ ଥିଲେ।

ତେବେ ଦିଲ୍ଲୀ ସରକାରଙ୍କ କ୍ୟାବିନେଟରେ ୭ ଜଣ ସଦସ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୬ ଜଣଙ୍କ ନାମ ସଦସ୍ୟ ରହିଛନ୍ତି। କ୍ୟାବିନେଟରେ ସପ୍ତମ ସଦସ୍ୟ କିଏ ହେବେ, ସେନେଇ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇ ନାହିଁ। ସେହିପରି ପୂର୍ବ କ୍ୟାବିନେଟ ମନ୍ତ୍ରୀଙ୍କ ପଦ ବଜାୟ ରହିବ କି ନା, ସେନେଇ ମଧ୍ୟ ସ୍ପଷ୍ଟ ହୋଇନାହିଁ। ପ୍ରକାଶ ଥାଉକି, ଦିଲ୍ଲୀ ଅବକାରୀ ନୀତି ଘୋଟାଲା ମାମଲାରେ ଗିରଫ ହୋଇଥିଲେ କେଜ୍ରିୱାଲ। ସେ ୬ ମାସ ଜେଲରେ ରହିବା ପରେ ସେପ୍ଟେମ୍ବର ୧୪ରେ ସୁପ୍ରିମକୋର୍ଟରୁ ଜାମିନ ପାଇଥିଲେ। ଏହା ପରଦିନ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ନେଇ ଘୋଷଣା କରିଥିଲେ। ଏହି ଘୋଷଣାର ଦୁଇ ଦିନ ପରେ କେଜ୍ରିୱାଲ ନିଜ ପଦରୁ ଇସ୍ତଫା ଦେଇଥିଲେ ଏବଂ ବିଧାୟକ ଦଳ ବୈଠକରେ ଆତିଶୀଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଥିଲା। ଏହାପରେ ଆତିଶୀ ଉପରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ। ଉପରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଆତିଶୀ ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

ଅରବିନ୍ଦ କେଜ୍ରିୱାଲଙ୍କ ଇସ୍ତଫା ପରେ ସରକାର ଗଢ଼ିବା ନେଇ ଉପରାଜ୍ୟପାଳନଙ୍କୁ ପ୍ରସ୍ତାବ ଦେଇଥିଲେ ଆତିଶୀ। ଉପରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ସେ ଆଜି ବିଧିବଦ୍ଧ ଭାବେ ଶପଥ ନେଇଛନ୍ତି।

୪୩ ବର୍ଷୀୟ ଆତିଶୀ ସୁଷମା ସ୍ୱରାଜ ଓ ଶୀଲା ଦିକ୍ଷୀତଙ୍କ ପରେ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଦକ୍ଷିଣ ଦିଲ୍ଲୀର କାଲକାଜିରୁ ବିଧାୟକ ହୋଇଥିବା ଆତିଶୀ ଆପ୍‌ର ଜଣେ ବରିଷ୍ଠ ନେତ୍ରୀ। ତାଙ୍କ ରାଜନୈତିକ ଯାତ୍ରା କୌଣସି ଚମତ୍କାରଠାରୁ କମ ନୁହେଁ। ଏକଦା ସେ ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଶିକ୍ଷା ବିଭାଗରେ ପରାମର୍ଶଦାତା ଭାବେ କାମ କରୁଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଜୟ କୁମାର ସିଂହ ଓ ତ୍ରିପତା ୱାହି ହେଉଛନ୍ତି ଆତିଶୀଙ୍କ ବାପା ଓ ମାଆ। ଆତିଶୀ ପ୍ରଥମେ ଦିଲ୍ଲୀର ସ୍ପ୍ରିଙ୍ଗଡେଲ ସ୍କୁଲରେ ଶିକ୍ଷା ଲାଭ କରିଥିଲେ। ଏହାପରେ ସେ ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଇତିହାସରେ ଡିଗ୍ରୀ ହାସଲ କରିଥିଲେ। ଏହା ବ୍ୟତୀତ ଅକ୍ସଫୋର୍ଡ ୟୁନିଭର୍ସିଟିରୁ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି ଆତିଶୀ ।



# ମିଛ ପ୍ରଚାର କରିବାରେ ଅମିତ ଶାହା ସବୁଠୁ ଆଗରେ: ଖଡ଼ଗେ

ନୂଆଦିଲ୍ଲୀ, ୨୧।୯: କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଜମ୍ମୁରେ ପହଞ୍ଚିଛନ୍ତି। ସେ ଜମ୍ମୁ କଶ୍ମୀରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଦଳର ପ୍ରାର୍ଥୀ ତାରା ଚାନ୍ଦଙ୍କ ପାଇଁ ପ୍ରଚାର କରିବାକୁ ଏଠାକୁ ଆସିଛନ୍ତି। ଏହି ସମୟରେ ସେ ସାମ୍ବାଦିକ ସମ୍ମିଳନୀରେ ଭାଜପା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଟାର୍ଗେଟ କରିଛନ୍ତି। ଖଡ଼ଗେ କହିଛନ୍ତି, ଭାଜପାର ସର୍ବଦା ମିଥ୍ୟା କହିବା ଧାରା ଜାରି ରହିଛି। ଜମ୍ମୁ କଶ୍ମୀର ପାଇଁ ଆମେ ୭ଟି ଗ୍ୟାରେଣ୍ଟି ଘୋଷଣା କରିଛୁ। ଆମର ପ୍ରଥମ ପ୍ରସଙ୍ଗ ହେଉଛି ରାଜ୍ୟସ୍ତରୀୟ। ଯେଉଁଥିପାଇଁ ଆମେ ଚେଷ୍ଟା କରିବୁ। ଲୋକ ସଭା ନିର୍ବାଚନ ସମୟରେ ଆମେ ଜନଗଣନା ପାଇଁ ପ୍ରତିଶ୍ରୁତି ଦେଇଥିଲୁ। ଆମେ ଏଠାରେ ଜନଗଣନା କରିବୁ। ଏଠାରେ ମଧ୍ୟ ଓବିସି ମାନଙ୍କର ଅଧିକାର ସେମାନଙ୍କୁ ଦିଆଯିବ। ଏହା ଲୋକଙ୍କ କଲ୍ୟାଣ ପାଇଁ ଆବଶ୍ୟକ। ଭାଜପାକୁ ଲକ୍ଷ୍ୟ କରି ସେ କହିଛନ୍ତି, କିଛି ଲୋକ କୁହନ୍ତି ଯେ ଆମେ ଜାତି ନାମରେ ଦେଶ ଭାଙ୍ଗିବାକୁ ଚାହୁଁଛୁ। ଏହା ଉପରେ ଭାଜପା ଲୋକମାନେ ମିଛ ପ୍ରଚାର କରୁଛନ୍ତି ଏବଂ ମିଥ୍ୟା ପ୍ରଚାର ପ୍ରସାର କରିବାରେ ଆମ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଗରେ ଅଛନ୍ତି। ଭାଜପା ବାରମ୍ବାର ଶାନ୍ତି ଦାବି ସତ୍ତ୍ୱେ ଏହି ଘଟଣା କାହିଁକି ଘଟୁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ସରକାରଙ୍କ କଡ଼ା ନିର୍ଦ୍ଦେଶ

# ମନ୍ଦିରରେ କେବଳ 'ନନ୍ଦିନୀ' ଘିଅ ବ୍ୟବହାର ହେବ

ଲକ୍ଷ୍ନୌ, ୨୧।୯: ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଘିଅ ପରିବର୍ତ୍ତେ ପଶୁ ଚର୍ବି ଏବଂ ମାଛ ତେଲ ବ୍ୟବହାରକୁ ନେଇ ଚାଲିଥିବା ବିବାଦ ମଧ୍ୟରେ କର୍ଣ୍ଣାଟକ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମନ୍ଦିରରେ କେବଳ ନନ୍ଦିନୀ ବ୍ରାଣ୍ଡର ଘିଅ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି କର୍ଣ୍ଣାଟକ ସରକାର। ଏନେଇ ଏକ



ତିରୁପତି ଲଡୁ ବିବାଦ

ଗାଇଡଲାଇନ ଜାରି କରି କର୍ଣ୍ଣାଟକ ସରକାର କହିଛନ୍ତି ଯେ, ରାଜ୍ୟର ମନ୍ଦିର ପରିଚାଳନା ସଂସ୍ଥା ଅଧୀନରେ ଥିବା ସମସ୍ତ ୩୪ ହଜାରରେ ମନ୍ଦିରରେ କେବଳ ନନ୍ଦିନୀ ବ୍ରାଣ୍ଡର ଘିଅ ବ୍ୟବହାର କରାଯିବ। ନିର୍ଦ୍ଦେଶନାମା ଅନୁଯାୟୀ, ରାଜ୍ୟ ଅଧୀନରେ ଥିବା ସମସ୍ତ ମନ୍ଦିରରେ କେବଳ କର୍ଣ୍ଣାଟକ ମିଲ୍କ ଫେଡେରେସନ୍ ଦ୍ୱାରା ଉତ୍ପାଦିତ ନନ୍ଦିନୀ ଘିଅ ବ୍ୟବହାର କରାଯିବ। ଠାକୁରଙ୍କ ପାଖରେ ଲାଗିହେଉଥିବା ଭୋଗ ବା ପ୍ରସାଦ ସହ ଦୀପ ଜାଳିବା ପାଇଁ ମଧ୍ୟ ନନ୍ଦିନୀ ଘିଅ ବ୍ୟବହାର କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ 'ଦାସୋହା ଭବନ', ଯେଉଁଠାରେ ଭକ୍ତମାନଙ୍କୁ ଖାଦ୍ୟ ପରିବେଷଣ କରାଯାଏ ସେଠାରେ ମଧ୍ୟ ନନ୍ଦିନୀ ବ୍ରାଣ୍ଡର ଘିଅ ବ୍ୟବହାର କରାଯିବ। ପ୍ରସାଦର ମାନରେ କୌଣସି ସାଲିସ୍ ନ କରିବାକୁ ମନ୍ଦିର କର୍ମଚାରୀଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗାଇଡଲାଇନ୍ ଜାରି କରାଯାଇଛି।

ପ୍ରକାଶ ଥାଉକି, ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁପତି ତିରୁମାଳା ବାଲାଜୀ ମନ୍ଦିରର ଲଡୁ ତିଆରି ପାଇଁ ମାଛ ତେଲ ଓ ପଶୁ ଚର୍ବି ବ୍ୟବହାର ହେଉଥିବା ନେଇ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅଭିଯୋଗ ଆଣିଥିଲେ। ପୂର୍ବରୁ ୱାଇଏସଆର କଂଗ୍ରେସ ସରକାର ସମୟରୁ ଏପରି କରାଯାଉଥିବା ସେ କହିଥିଲେ। ଏହାପରେ ଏନ୍‌ଡିଡିବି କାଫ୍ ନାମକ ଘରୋଇ ଲ୍ୟାବରେ ଲଡୁର ମାନ ପରୀକ୍ଷଣ କରାଯାଇଥିଲା।

ପରୀକ୍ଷଣ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ସତ ସାବ୍ୟସ୍ତ ହୋଇଛି। ମାଛ ତେଲ,ଗୋରୁ ଚର୍ବି ଏବଂ ଘୁଷୁରି ଚର୍ବିରେ ଲଡୁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଏହାପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ରିପୋର୍ଟ ମଗାଯାଇଛି। ଏହି ଖବର ପ୍ରଚାର ପରେ ଭକ୍ତଙ୍କ ମହଲରେ ଉଦବେଗ ପ୍ରକାଶ ପାଇ ଥିବାବେଳେ କର୍ଣ୍ଣାଟକ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

## ସିବିଆଇ ତଦନ୍ତ ଦାବି କଲେ କେନ୍ଦ୍ର ମନ୍ତ୍ରୀ

ଲକ୍ଷ୍ନୌ, ୨୧।୯: ତିରୁପତି ମନ୍ଦିର ପ୍ରସାଦକୁ ନେଇ ଜାରି ରହିଛି ବିବାଦ। ଏଠାରେ ପ୍ରସାଦ ରୂପେ ଦିଆଯାଉଥିବା ଲଡୁରେ ପଶୁ ଚର୍ବି, ମାଛ ତେଲ ମିଶିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିବାବ ଉପୁଜିଛି। ଏହାରି ଭିତରେ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଶୋଭା କରନ୍ଦଲାଜେ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି।

ତିରୁପତି ଲଡୁ ସହ ଜଡିତ ବିବାଦ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ କଡା ତଥା ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଶୋଭା କରନ୍ଦଲାଜେ। ସୋଶାଲ ମିଡିଆରେ ଏକ ପୋଷ୍ଟ କରି ସେ କହିଛନ୍ତି ଯେ ଏହି ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଦଳ ଗଠନ କରିବା ଉଚିତ। ଏଥିସହ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରିବା ଉଚିତ। ସେ କହିଛନ୍ତି ଯେ ' ହିନ୍ଦୁମାନଙ୍କ ବିଶ୍ୱାସ ଏବଂ ଆସ୍ଥା ଉପରେ ସିଧାସଳଖ ଆକ୍ରମଣ ହୋଇଛି, ଏହାକୁ ବରଦାସ୍ତ କରାଯିବ ନାହିଁ' କେବଳ ସେତିକି ନୁହେଁ ଗତ ୪ ବର୍ଷ ଭିତରେ ତିରୁପତି ଲଡୁ ପାଇଁ ଘିଅ ଯୋଗାଉଥିବା ଯୋଗାଣକାରୀଙ୍କ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଶୋଭା କରନ୍ଦଲାଜେ ମଧ୍ୟ ଦାବି କରିଛନ୍ତି। କିଏ ଟେଣ୍ଡର ପାଇଛନ୍ତି ଏବଂ କେଉଁଠାରୁ ଘିଅ ଯୋଗାଇ ଦିଆଯାଉଛି ତାହା ସ୍ପଷ୍ଟ ହେବା ଉଚିତ ବୋଲି ସେ କହିଛନ୍ତି।

ଆନ୍ଧ୍ରପ୍ରଦେଶ ସରକାରଙ୍କ ତରଫରୁ ଏହି ମାମଲାରେ କରନ୍ଦଲାଜେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଦାବି କରି କହିଛନ୍ତି ଯେ ଏବେ ଆଉ କୌଣସି ଗୋପନୀୟତା ରହିବା ଉଚିତ ନୁହଁ, ପୂରା ସତକୁ ସାମ୍ନାକୁ ଆଣିବାର ସମୟ ଆସିଛି। ହିନ୍ଦୁ ବିଶ୍ୱାସ ସହ ଜଡିତ ଏହି ପ୍ରସଙ୍ଗରେ ବିଜେପି ନେତାଙ୍କ ଏହି କଠୋର ଦାବି ରାଜନୈତିକ ତଥା ଧାର୍ମିକ ସ୍ତରରେ ହଇଚଇ ସୃଷ୍ଟି କରିଛି। ସେପଟେ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମଧ୍ୟ ଲଡୁ ବିବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ଏହା କୋଟି କୋଟି ହିନ୍ଦୁମାନଙ୍କ ଆସ୍ଥା ଓ ବିଶ୍ୟାସର ବିଷୟ। ଏଥିରେ କୌଣସି ରାଜନୀତି ହେବା ଉଚିତ ନୁହେଁ। ଶୀଘ୍ର ସତ୍ୟ ବାହାରକୁ ଆସିବା ଉଚିତ। ଯଦି ଲ୍ୟାବ ରିପୋର୍ଟ ଠିକ ଅଛି ତେବେ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।'

# ଲେବାନନ ପେଜର୍ ବିସ୍ଫୋରଣରେ କେରଳ ଲିଙ୍କ୍!

ବିରୁଟ, ୨୧।୯: ଲେବାନନରେ ପେଜର୍ ବିସ୍ଫୋରଣ ଘଟଣାରେ ଜଣେ ପ୍ରବାସୀ ଭାରତୀୟଙ୍କ ନାଁ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡିଛି ଯେ, ନରୱେରେ ରହୁଥିବା ଜଣେ ପ୍ରବାସୀ ଭାରତୀୟ ଲେବାନନରେ ହୋଇଥିବା ପେଜର ବିସ୍ଫୋରଣରେ ଜଡିତ ଅଛନ୍ତି। ତାଙ୍କ ଘର କେରଳ ୱାୟନାଡରେ।

ଖବର ଅନୁସାରେ, ନିକଟରେ ଲେବାନରରେ ଆକ୍ରମଣରେ ୧୨ ଜଣଙ୍କର ମୃତ୍ୟୁ ଘଟି ଥିବାବେଳେ ହଜାର ହଜାର ଲୋକ ଆହତ ହୋଇଥିଲେ। ଏଥିରେ ବୁଲଗେରିଆରେ ରହୁଥିବା ୱାୟନାଡର ୩୭ ବର୍ଷୀୟ ଯୁବକ ରିନ୍ସନ୍ ଜୋସେଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି। ତାଙ୍କ ମାଲିକାନାରେ ଥିବା ଏକ କମ୍ପାନୀ ଇସ୍ରାଏଲକୁ ପେଜର୍ ଯୋଗାଇବାରେ ଜଡିତ ଥିବା କୁହାଯାଉଛି।

ସେପ୍ଟେମ୍ବର ୧୭ ସନ୍ଧ୍ୟାରେ ଲେବାନନରେ, ପେଜର୍ ବିସ୍ଫୋରଣ ହୋଇଥିଲା। ଲୋକଙ୍କ ପକେଟରେ ଥିବା ଗୋଟିଏ ପରେ ଗୋଟିଏ ପେଜର୍ ହଠାତ୍ ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣ ପାଇଁ ହେଜବୁଲ ସିଧାସଳଖ ଇସ୍ରାଏଲକୁ ଦାୟୀ କରିଥିଲା। ବର୍ତ୍ତମାନ ବୁଲଗେରିଆରେ ରହୁଥିବା ଭାରତର ଯୁବକ ରିନ୍ସନ ଜୋସେଙ୍କ ମାଲିକାନାରେ ଥିବା କମ୍ପାନୀ ଇସ୍ରାଏଲକୁ ପେଜର୍ ଯୋଗାଇଥିବା ଅଭିଯୋଗ ହୋଇଛି। ପେଜର ହେଉଛି ଏକ ଇଲେକ୍ଟ୍ରୋନିକ୍ସ ଡିଭାଇସ। ମେସେଜ୍ ସେଣ୍ଡ ଏବଂ ରିସିଭ୍ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ରେଡିଓ ସିଗନାଲ୍ ଦ୍ୱାରା ଏହା ମେସେଜ୍ ରିସିଭ୍ କରିଥାଏ। ମୋବାଇଲର ଉଦ୍ଭାବନ ପୂର୍ବରୁ ଏହାର ବହୁଳ ବ୍ୟବହାର ହେଉଥିଲା। ୧୯୯୦ ଦଶକରେ ବେଶ୍ ଲୋକପ୍ରିୟ ଥିଲା ପେଜର୍। ବିଶେଷ କରି ଡାକ୍ତର, ବ୍ୟବସାୟୀ ଏବଂ ଜରୁରୀ ସେବା ସହ ଜଡିତ ବ୍ୟକ୍ତି ଏହାକୁ ବ୍ୟବହାର କରୁଥିଲେ। ଏହି ପେଜରକୁ ହ୍ୟାକ୍ କରି ଲେବାନନରେ ବିସ୍ଫୋରଣ କରାଯାଇଥିଲା। ସେପ୍ଟେମ୍ବର ୧୭ ସନ୍ଧ୍ୟାରେ ଲୋକଙ୍କ ପକେଟରେ ଥିବା ପେଜର୍ ବିସ୍ଫୋରଣ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଜୋସେ କିଛି ବର୍ଷ ପୂର୍ବେ ଉଚ୍ଚଶିକ୍ଷା ପାଇଁ ନରୱେ ଯାଇଥିଲେ। ସେ ମଧ୍ୟ କିଛି ଦିନ ଲଣ୍ଡନରେ କାମ କରିଥିଲେ। ତାଙ୍କ ଲିଙ୍କଡଇନ୍ ପ୍ରୋଫାଇଲ ଅନୁସାରେ, ସେ ପ୍ରାୟ ପାଞ୍ଚ ବର୍ଷ ଧରି ନରୱେ ପ୍ରେସ୍ ଗ୍ରୁପ୍ ଡିଏନ୍ ମିଡିଆର ଡିଜିଟାଲ୍ କଷ୍ଟମର ସପୋର୍ଟ ପାଇଁ କାମ କରିଥିଲେ। ଡିଏନ୍ ମିଡିଆ କହିଛି ଯେ, ଜୋସେ ମଙ୍ଗଳବାରଠାରୁ ବିଦେଶ ଗସ୍ତରେ ଅଛନ୍ତି, ତାଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ସେପଟେ ଓସଲାରେ ରହୁଥିବା ଜୋସେଙ୍କ ସ୍ତ୍ରୀ ଏବଂ ଭାଇ କହିଛନ୍ତି, "ଆମେ ପ୍ରତିଦିନ ଫୋନରେ କଥା ହେଉ। ତଥାପି ଗତ ତିନି ଦିନ ହେବ କୌଣସି ଯୋଗାଯୋଗ ହୋଇ ପାରିନାହିଁ। ସେ କେବେ କୌଣସି ଭୁଲ୍ କାମରେ ଜଡ଼ିତ ନଥିବେ, ହୁଏତ ତାଙ୍କୁ ଫସାଇ ଦିଆଯାଇ ଥାଇପାରେ।"



# ଆମେରିକାରେ ଭାରତୀୟ ଦୂତାବାସ ଅଧିକାରୀ ମୃତ

ୱାଶିଂଟନ, ୨୧।୯: ଆମେରିକାରେ ଭାରତୀୟ ଦୂତାବାସ ପରିସରରେ ଜଣେ ଅଧିକାରୀଙ୍କ ମୃତଦେହ ମିଳିଛି। ରହସ୍ୟମୟ ରୂପେ ଏମ୍ବାସି ଭିତରୁ ଅଧିକାରୀଙ୍କ ମୃତଦେହ ମିଳିବାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଏନେଇ ଶୁକ୍ରବାର ସୂଚନା ମିଳିଛି। ଏହି ଘଟଣା ଦୁଇ ଦିନ ପୂର୍ବରୁ ଅର୍ଥାତ୍ ବୁଧବାର ଘଟିଥିଲା। ଏହି ମାମଲାରେ ବର୍ତ୍ତମାନ ଉଭୟ ସ୍ଥାନୀୟ ଆଇନ କର୍ତ୍ତୃପକ୍ଷ ଏବଂ ଗୁଇନ୍ଦା ବିଭାଗ ଅନୁସନ୍ଧାନ ଜାରି ରଖିଛି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁଯାୟୀ, ଦୂତାବାସ ଅଧିକାରୀଙ୍କ ମୃତ୍ୟୁ ଆତ୍ମହତ୍ୟା ନା ଅନ୍ୟ କୌଣସି କାରଣରୁ ହୋଇଛି ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି। ତେବେ କେଉଁ କାରଣରୁ ତାଙ୍କ ମୃତ୍ୟୁ ହୋଇଛି ସେ ନେଇ କିଛି ସୂଚନା ମିଳିନାହିଁ। ଭାରତୀୟ ଦୂତାବାସ ତରଫରୁ ଦିଆଯାଇଥିବା ଏକ ବୟାନରେ କୁହାଯାଇଛି ଯେ, ' ଅତ୍ୟନ୍ତ ଦୁଃଖର ବିଷୟ। ଭାରତୀୟ ଦୂତାବାସର ଜଣେ ସଦସ୍ୟଙ୍କ ସେପ୍ଟେମ୍ବର ୧୮ ତାରିଖ ସନ୍ଧ୍ୟାରେ ଦେହାନ୍ତ ହୋଇଛି। ଭାରତକୁ ତାଙ୍କ ମୃତଦେହ ପଠାଇବା ପାଇଁ ଆମେ ସମସ୍ତ ସଂପୃକ୍ତ ଏଜେନ୍ସି ଏବଂ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗରେ ଅଛୁ। ପରିବାରର ଗୋପନୀୟତାକୁ ଦୃଷ୍ଟିରେ ରଖି ମୃତକଙ୍କ ବିଷୟରେ ଅତିରିକ୍ତ ସୂଚନା ଦିଆଯାଉ ନାହିଁ। ଏହି ଦୁଃଖ ସମୟରେ ଆମ ପ୍ରାର୍ଥନା ପରିବାର ସହିତ ଅଛି। ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି।'

**ଏମ୍ବାସି ଭିତରୁ ମିଳିଲା ମୃତଦେହ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଏଭଳି ଏକ ସମସୟରେ ଭାରତୀୟ ଦୂତାବାସ ଅଧିକାରୀଙ୍କ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି। ଶନିବାର ଦିନ କ୍ୱାଡ ଶିଖର ସମ୍ମିଳନୀରେ ଯୋଗଦେବା ଏବଂ 'ମିଳିତ ଜାତିସଂଘ ସାଧାରଣ ସଭା'ରେ ଭବିଷ୍ୟତର ଶିଖର ସମ୍ମିଳନୀକୁ ସମ୍ବୋଧିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ତିନି ଦିନିଆ ଆମେରିକା ଗସ୍ତରେ ଅଛନ୍ତି।

ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟ

# ବାଂଲାଦେଶ ଆଗରେ ୫୧୫ ରନର ବିଜୟ ଲକ୍ଷ୍ୟ

**ଚେନ୍ନାଇ ୨୧।୯:** ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ବାଂଲାଦେଶ ଆଗରେ ଭାରତ ୫୧୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ପ୍ରଥମ ଇନିଂସରେ ୨୨୭ ରନରେ ଅଗ୍ରଣୀ ହାସଲ କରିଥିବା ଭାରତୀୟ ଦଳ ଏହାର ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୨୮୭ ରନ କରିବା ପରେ ପାଳି ସମାପ୍ତି ଘୋଷଣା କରିଥିଲା। ଆଜି ଭାରତୀୟ ଦଳର ଦୁଇ ଜଣ ଶତକ ହାସଲ କରିଛନ୍ତି। ୱିକେଟ କିପରି ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୨୮ ବଲରୁ ୧୩ଟି ଚୌକା ଏବଂ ୪ଟି ଛକ୍କା ସହାୟତାରେ ୧୦୯ ରନ କରି ଆଉଟ ହୋଇଥିବା ବେଳେ ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ସୁବମନ ଗିଲ ୧୭୬ ବଲରୁ ୧୦ଟି ଚୌକା ଓ ୪ଟି ଛକ୍କା ସହାୟତାରେ ୧୧୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହା ପୂର୍ବରୁ ବିରାଟ କୋହଲି ୧୭ ରନ କରି ଆଉଟ ହୋଇଥିଲେ। ଲୋକେଶ ରାହୁଲ ୨୨ ରନ କରି ଅପରାଜିତ ରହିଥିଲେ। ୬୪ ଓଭରରେ ଭାରତ ୪ ୱିକେଟ ହରାଇ ୨୮୭ ରନ କରି ପାଳି ସମାପ୍ତି ଘୋଷଣା କରିଥିଲା।



ପନ୍ତ ଓ ଗିଲଙ୍କ ଶତକ

୫୧୫ ରନର ବିଜୟ ଲକ୍ଷ୍ୟ ହାସଲ ପାଇଁ ବାଂଲାଦେଶ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଏକ ଦୃଢ଼ ଭିତ୍ତି ପକାଇଥିଲା। ବାଂଲାଦେଶର ଦ୍ୱିତୀୟ ଇନିଂସରେ ପ୍ରଥମ ୱିକେଟ ଯୋଡ଼ିରେ ୬୨ ରନ ସଂଗ୍ରହ ପରେ ଓପନର ଜାକିର ହସନ ୩୩ ରନ ସଂଗ୍ରହ କରି ପ୍ରଥମେ ବୁମରାଙ୍କ ଶିକାର ହୋଇଥିଲେ। ପରେ ଅନ୍ୟତମ ଓପନର ସଦମାନ ଇସଲାମ ୩୫ ଏବଂ ମୋମିନୁଲ ହକ ୧୩ ରନ କରି ରବିଚନ୍ଦ୍ରନ ଅଶ୍ୱିନଙ୍କ ଶିକାର ହୋଇଥିଲେ। ଦଳର ସବୁଠାରୁ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ମୁସଫିକର ରହିମ ମଧ୍ୟ ମାତ୍ର ୧୩ ରନ କରି ଅଶ୍ୱିନଙ୍କ ତୃତୀୟ ଶିକାର ହୋଇଥିଲେ। ପ୍ରଥମ ଦିନରୁ ପେସ ବୋଲିଂକୁ ସୁହାଉଥିବା ଚେନ୍ନାଇ ପିଚ ଏବେ ବ୍ୟାଟିଂ ପାଇଁ ଅନୁକୂଳ ମନେ ହେଉଛି। କିନ୍ତୁ ଟେଷ୍ଟ ମ୍ୟାଚର ଚତୁର୍ଥ ଇନିଂସରେ ୫୧୫ ରନ କରିବା ସହଜ ନୁହେଁ। ଖେଳରେ ଆଉ ୨ ଦିନ ବାକି ଥିବାରୁ ଏହି ସମୟ ମଧ୍ୟରେ ଭାରତ ବାଂଲାଦେଶକୁ ଦ୍ୱିତୀୟ ଇନିଂସରେ ଅଲଆଉଟ କରିପାରିଲେ ବିଜୟ ହାସଲ ସମ୍ଭବ ହେବ।

# ଶତକ ମାରି ଧୋନିଙ୍କ ସମକକ୍ଷ ହେଲେ ପନ୍ତ

**ଚେନ୍ନାଇ ୨୧।୯:** ରିଷଭ ପନ୍ତ ଇଜ ବ୍ୟାକ। ଖାଲି କମବ୍ୟାକ କରି ନାହାନ୍ତି ବରଂ ନିଜ ଯାଦୁ ମଧ୍ୟ ଦେଖାଇଛନ୍ତି। କାର ଦୁର୍ଘଟଣା ଯୋଗୁ କ୍ରିକେଟରୁ ଦୂରେଇ ରହିଥିବା ପନ୍ତ ପ୍ରାୟ ୨ ବର୍ଷ ପରେ ଟେଷ୍ଟ କ୍ରିକେଟକୁ ଫେରିଛନ୍ତି। ସେ ବାଂଲାଦେଶ ବିପକ୍ଷରେ ନିଜର କମବ୍ୟାକ ଟେଷ୍ଟ ଖେଳୁଥିବା ବେଳେ ଦ୍ୱିତୀୟ ଇନିଂସରେ ମାରିଛନ୍ତି ଦମଦାର ଶତକ।

ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ। ଏହି ଶତକ ହାସଲ କରିବା ପରେ ପନ୍ତ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ସମକକ୍ଷ ହୋଇଛନ୍ତି। ଧୋନି ମଧ୍ୟ ଭାରତର ୱିକେଟ ରକ୍ଷକ ଭାବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ୬ଟି ଶତକ ମାରିଥିଲେ। ଆଜି ପନ୍ତ ମଧ୍ୟ ଶତକ ମାରି ତାଙ୍କ ସମକକ୍ଷ ହୋଇପାରିଛନ୍ତି।

ତେବେ ଧୋନି ୯୦ଟି ଟେଷ୍ଟ ମ୍ୟାଚ୍‌ର ୧୪୪ଟି ଇନିଂସରେ ଏପରି କୀର୍ତ୍ତିମାନ ହାସଲ କରିଥିବା ବେଳେ ପନ୍ତ କେବଳ ୩୪ଟି ମ୍ୟାଚର ୫୮ଟି ଇନିଂସରେ ତାଙ୍କ ସମକକ୍ଷ ହୋଇଯାଇଛନ୍ତି। ପନ୍ତଙ୍କ କମବ୍ୟାକ କଥା ଦେଖିଥିଲେ, ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୩୪ ରନରେ ୩ ୱିକେଟ ହରାଇଥିଲା। ଏତିକି ବେଳେ ପନ୍ତ ଓ ଯଶସ୍ୱୀ ଦମଦାମର ପ୍ରଦର୍ଶନ କରିଥିଲେ। ଉଭୟ ୪ର୍ଥ ୱିକେଟ ପାଇଁ ୬୨ ରନପ ଯୋଡ଼ିଥିଲେ। ପ୍ରଥମ ଦିନର ଲଞ୍ଚ ପରେ ପନ୍ତ ବଡ଼ ଶଟ ଖେଳିବାକୁ ଯାଇ ୩୯ ରନରେ ଆଉଟ ହୋଇଯାଇଥିଲେ।

ଦ୍ୱିତୀୟ ଇନିଂସରେ ଭାରତର ସ୍କୋର ୮୩/୩ ଥିବା ବେଳେ ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ। ଏଥର ତାଙ୍କ ସହ କ୍ରିଜରେ ଶୁବମନ ଗିଲ ରହିଥିଲେ। ଉଭୟ ନିଜ ନିଜର ଦମ ଦେଖାଇବା ସହ ଶତକ ମଧ୍ୟ ହାସଲ କରିଥିଲେ।

ପନ୍ତ ୧୨୪ ବଲରେ ଶତକ ହାସଲ କରିବା ପରେ ଗିୟର ବଦଳାଇଥିଲେ। କିନ୍ତୁ ସେ ଆଉ ୯ ରନ କରିବା ପରେ ଆଉଟ ହୋଇଯାଇଥିଲେ। ତେବେ କମବ୍ୟାକ ମ୍ୟାଚ୍‌ରେ ସେ ଶତକ ହାସଲ କରି ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।

ଏବେ ସେ ୱିକେଟ କିପର ଭାବେ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ଶତକ ହାସଲକାରୀ ଖେଳାଳି ହୋଇଛନ୍ତି। ଅବଶ୍ୟ ଧୋନି ଏବେ ଯୁଗ୍ମ ଭାବେ ଏହି ସ୍ଥାନରେ ରହିଛନ୍ତି। ଏହି ଦୁଇ ଜଣଙ୍କ ବ୍ୟତୀତ ରିଦ୍ଧିମାନ ସାହା ମଧ୍ୟ ୫୪ଟି ଇନିଂସରେ ଭାରତ ପାଇଁ ଟେଷ୍ଟରେ ୩ଟି ଶତକ ମାରିଛନ୍ତି।

# ଗାଭାସ୍କରଙ୍କ ୫୧ ବର୍ଷର ରେକର୍ଡ ଭାଙ୍ଗିଲେ ଯଶସ୍ୱୀ ଜୈସୱାଲ




**ଚେନ୍ନାଇ, ୨୧।୯:** ଭାରତୀୟ ଟିମର ଯୁବ ଓପନର ଯଶସ୍ୱୀ ଜୈସୱାଲ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ୫ ଦଶନ୍ଧି ପୁରୁଣା ରେକର୍ଡକୁ ଯଶସ୍ୱୀ ବାଂଲାଦେଶ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି। ବର୍ତ୍ତମାନ ଜୈସୱାଲ ନିଜ ଟେଷ୍ଟ କ୍ୟାରିୟରର ୧୦ମ ମ୍ୟାଚ୍ ଖେଳୁଛନ୍ତି। ସେ ପ୍ରଥମ ୧୦ଟି ମ୍ୟାଚ୍‌ରେ ସର୍ବାଧିକ ରନ ହାସଲକାରୀ ଭାରତୀୟ କ୍ରିକେଟର ବନି ଯାଇଛନ୍ତି। ପୂର୍ବରୁ ଏହି ରେକର୍ଡ ଗାଭାସ୍କରଙ୍କ ନାଁରେ ରହିଥିଲା। ସେ ପ୍ରଥମ ୧୦ଟି ମ୍ୟାଚ୍‌ରେ ୯୭୮ ରନ କରିଥିଲେ। ହେଲେ ଯଶସ୍ୱୀ ଏହାକୁ ଅତିକ୍ରମ କରି ଯାଇଛନ୍ତି।

୧୦ଟି ମ୍ୟାଚ୍‌ରେ ଯଶସ୍ୱୀ ମୋଟ ୧୦୯୪ ରନ କରି ସାରିଛନ୍ତି। ସେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଇନିଂସରେ ମାତ୍ର ୧୦ ରନ କରିଥିଲେ ହେଁ ପ୍ରଥମ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୫୬ ରନର ଇନିଂସ ଖେଳିଥିଲେ। ଏହି ପ୍ରଦର୍ଶନ ବଳରେ ସେ ଗାଭାସ୍କରଙ୍କ ନାଁରେ ୫୧ ବର୍ଷ ଧରି ରହିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୭୩ ମସିହାରୁ ଗାଭାସ୍କରଙ୍କ ନାଁରେ ଏହି ରେକର୍ଡ ରହିଥିଲା। ଅନ୍ୟପକ୍ଷରେ ପ୍ରଥମ ୧୦ଟି ମ୍ୟାଚ୍‌ରେ ସର୍ବାଧିକ ରନ ହାସଲକାରୀ ବିଶ୍ୱ କ୍ରିକେଟରଙ୍କ ମଧ୍ୟରେ ଯଶସ୍ୱୀ ୪ର୍ଥ ସ୍ଥାନରେ ରହିଛନ୍ତି। ତାଙ୍କ ଉପରେ ଡନ ବ୍ରାଡମ୍ୟାନ(ଅଷ୍ଟ୍ରେଲିଆ), ଏଭରଟନ ୱିକ୍ସ(ୱେଷ୍ଟଇଣ୍ଡିଜ) ଓ ଜର୍ଜ ହେଡଲୀ(ୱେଷ୍ଟଇଣ୍ଡିଜ) ରହିଛନ୍ତି।

ବ୍ରାଡମ୍ୟାନ ପ୍ରଥମ ୧୦ଟି ମ୍ୟାଚ୍‌ରେ ୧୪୪୬ ରନ କରିଥିଲେ। ଏଭରଟନ ୧୧୨୫, ହେଡଲୀ ୧୧୦୨ ରନ କରି ନିଜର ଦବଦବା ଦେଖାଇଥିଲେ। ୨୦୨୪ ବର୍ଷରେ ଭାରତ ପାଇଁ ଦମଦାର ପ୍ରଦର୍ଶନ କରିଛନ୍ତି। ସେ ଚଳିତ ବର୍ଷ ୧୩ଟି ଇନିଂସରେ ୮୦୬ ରନ କରିଛନ୍ତି।

# ଦକ୍ଷିଣ ଆଫ୍ରିକାକୁ ଧୂଳିଚଟାଇ ଇତିହାସ ରଚିଲା ଆଫଗାନିସ୍ତାନ

**ନୂଆଦିଲ୍ଲୀ,୨୧।୯:** ଆଫଗାନିସ୍ତାନ ଇତିହାସ ସୃଷ୍ଟି କରିଛି। ଦିନିକିଆ ସିରିଜରେ ଆଫଗାନିସ୍ତାନ ପ୍ରଥମ ଥର ପାଇଁ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛନ୍ତି। ଆଫଗାନିସ୍ତାନ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯାଉଛି। ଏହି ସିରିଜର ପ୍ରଥମ ଦୁଇଟି ମ୍ୟାଚ ଆଫଗାନିସ୍ତାନ ଜିତିଛି। ଦ୍ୱିତୀୟ ଦିନିକିଆରେ ଆଫଗାନିସ୍ତାନ ଦକ୍ଷିଣ ଆଫ୍ରିକାକୁ ଖରାପ ଭାବେ ପରାସ୍ତ କରିଛି। ଆଫଗାନିସ୍ତାନ ଏହି ମ୍ୟାଚକୁ ୧୭୭ ରନରେ ଜିତିଥିଲା। ଦଳ ପାଇଁ ରସିଦ ଖାନ ୫ ଉଇକେଟ ନେଇଥିବା ବେଳେ ରହମାନୁଲ୍ଲା ଗୁରୁବାଜ ଶତକ ହାସଲ କରିଥିଲେ।

ଆଫଗାନିସ୍ତାନ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପଡ଼ିଆକୁ ଆସି ୫୦ ଓଭରରେ ୪ ଉଇକେଟ୍ ହରାଇ ୩୧୧ ରନ ସଂଗ୍ରହ କରିଥିଲା। ଆଫଗାନିସ୍ତାନ ପାଇଁ ଗୁରୁବାଜ ଶତକ ହାସଲ କରିଥିଲେ। ସେ ୧୧୦ ବଲରେ ୧୦୫ ରନ ସ୍କୋର କରିଥିଲେ। ଏହି ସମୟ ମଧ୍ୟରେ ସେ ୧୦ ଚୌକା ଓ ୩ ଛକା ମାରିଥିଲେ। ରହମତ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୬୬ ବଲରେ ୫୦ ରନ ସଂଗ୍ରହ କରିଥିଲେ। ଆଜମାତୁଲ୍ଲା ଅପରାଜିତ ୮୬ ରନ ସଂଗ୍ରହ କରିଥିଲେ। ୫୦ ବଲର ସମ୍ମୁଖୀନ ହୋଇ ସେ ୫ ଚୌକା ଓ ୬ ଛକା ମାରିଥିଲେ।

ଆଫଗାନିସ୍ତାନ ଦେଇଥିବା ଟାର୍ଗେଟକୁ ପିଛା କରି ଆଫ୍ରିକୀୟ ଦଳ ୧୩୪ ରନ୍‌ରେ ଅଲଆଉଟ୍ ହୋଇଯାଇତଲ୍ଲା। କୌଣସି ଦକ୍ଷିଣ ଆଫ୍ରିକୀୟ ଖେଳାଳି ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଅଧିନାୟକ ଟେମ୍ବା ବାଭୁମା ତାଙ୍କ




ପାଇଁ ସର୍ବାଧିକ ୩୮ ରନ ସ୍କୋର କରିଥିଲେ। ଟନି ଡି ଜର୍ଜି ୩୧ ରନ ସ୍କୋର କରିବା ପରେ ପାଭିଲିୟନକୁ ଫେରିଥିଲେ। ରିଜ ହେଣ୍ଡ୍ରିକ୍ସ ମାତ୍ର ୧୭ ରନ ସ୍କୋର କରିପାରନ୍ତି। ୨୧ ରନ ସ୍କୋର କରିବା ପରେ ଆଡେନ ମାର୍କ୍ରାମ ଆଉଟ ହୋଇଥିଲେ। ଏହି ଉପାୟରେ ପୁରା ଦଳ ୩୪.୨ ଓଭରରେ ଆଉଟ ହୋଇଥିଲେ।

# ରିଷଭ ପନ୍ତଙ୍କ ସହ ଡେଟିଂକୁ ନେଇ ମୁହଁ ଖୋଲିଲେ ଉର୍ବଶୀ



**ନୂଆଦିଲ୍ଲୀ, ୨୧।୯:** ବଲିଉଡ ଅଭିନେତ୍ରୀ ଉର୍ବଶୀ ରଉତେଲା ପ୍ରାୟତଃ ଭାରତୀୟ କ୍ରିକେଟର ରିଷଭ ପନ୍ତଙ୍କ ସହ ଡେଟିଂ ବିଷୟରେ ଗୁଜବ ପ୍ରଚାର କରିଥା'ନ୍ତି। ସୋସିଆଲ ମିଡିଆରେ ବାରମ୍ବାର ଆଲୋଚନା ପରେ ଏହି ପ୍ରଶ୍ନ ଅନେକ ଥର ଲୋକଙ୍କ ମନରେ ଉଠିଛି କି ପନ୍ତଙ୍କ ପ୍ରତି ତାଙ୍କ ପ୍ରକୃତରେ ଦୁର୍ବଳତା ଅଛି କି। ଏହି ପ୍ରସଙ୍ଗରେ ମୁହଁ ଖୋଲି ଖୋଲିଛନ୍ତି ଏବଂ ଏହି ଗୁଜବର ପ୍ରଭାବ ତାଙ୍କ ଜୀବନରେ ପ୍ରଭାବ ବିଷୟରେ କହିଛନ୍ତି।

ସେ କହିଛନ୍ତି, ମୋ ନାଁ ରିଷଭଙ୍କ ସହ ଯୋଡାଯିବା ସମ୍ପୂର୍ଣ୍ଣ ଭିତ୍ତିହୀନ। ମୁଁ ମୋର ବ୍ୟକ୍ତିଗତ ଜୀବନକୁ ସିକ୍ରେଟ୍ ରଖିବାକୁ ପସନ୍ଦ କରେ। ମୋର ଧ୍ୟାନ କେବଳ ମୋ କ୍ୟାରିୟର ଉପରେ ଅଛି ଏବଂ ମୁଁ ମୋର କାର୍ଯ୍ୟ ପ୍ରତି ଆଗ୍ରହୀ। ଅନାବଶ୍ୟକ ଗୁଜବ ପ୍ରଚାର କରିବା ପରିବର୍ତ୍ତେ ସତ୍ୟ ଜାଣିବା ଭଲ। ମୋର ବ୍ୟକ୍ତିଗତ ଜୀବନ ବିଷୟରେ ଅନାବଶ୍ୟକ ଗୁଜବକୁ ସାମ୍ନା କରିବା ଏକପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି।

୨୦୨୨ରେ ଉର୍ବଶୀ ଏକ ସାକ୍ଷାତକାରରେ କହିଥିଲେ, ଆରପି ନାମକ ଜଣେ ବ୍ୟକ୍ତି ତାଙ୍କୁ ଏକ ହୋଟେଲରେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲେ। ଏହା ପରେ ଆରପି ଅର୍ଥ ରିଷଭ ପନ୍ତଙ୍କ ବୋଲି କୁହାଯାଇଥିଲା। ଏହାସହ ଉର୍ବଶୀ ପ୍ରେମ ଏବଂ ପ୍ରତାରଣା ବିଷୟରେ ଏକ କ୍ରିପ୍ଟିକ ପୋଷ୍ଟ ମଧ୍ୟ ଶେୟାର କରିଥିଲେ। ଏହାପରଠାରୁ ପନ୍ତ ଏବଂ ଉର୍ବଶୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମୋ ଜୀବନରେ ଥିବା ଆରପି ହେଉଛି ତାଙ୍କ ସହ-ଅଭିନେତା ରାମ ପୋଥିନେନି ବୋଲି ଉର୍ବଶୀ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୋଲିସ ସଂଘ...

ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଯେଉଁ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ତାକୁ ପୋଲିସ ସଂଘର ବିରୋଧ ସିଧାସଳଖ ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଚ୍ୟାଲେଞ୍ଜ କରିବା ସହ ସମାନ ନୁହେଁ କି?

ଭରତପୁର ଥାନାରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦିଆଯାଇଥିବା ନିର୍ଯାତନା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ତ୍ୱରାନ୍ୱିତ ହୋଇଛି। ଶନିବାର ଚନ୍ଦକା ପୋଲିସ ଓ କ୍ରାଇବ୍ରାଞ୍ଚ ଟିମ୍ ଗିରଫ ୭ ରୋମିଓଙ୍କୁ ସୁନ୍ଦରପୁର ନେଇ ସିନ୍ ରିକ୍ରିଏସନ୍ କରିଛି। କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ଡିଏସପି ନରେନ୍ଦ୍ର ବେହେରା ଓ ମହିଳା ଅଧିକାରୀ ମିଳିତ ଭାବେ ମେଜର ଗୁରୁଭନ୍ସ ସିଂହ ଓ ତାଙ୍କ ବାନ୍ଧବୀ ଅଙ୍କିତଙ୍କୁ ୧୨୦ବାଟାଲିୟନ ଭିତରେ ପଚରାଉଚରା କରିଛନ୍ତି। ଏହାସହିତ କ୍ରାଇମବ୍ରାଞ୍ଚ ପକ୍ଷରୁ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) କୁ ତଦନ୍ତ ରିପୋର୍ଟ ହସ୍ତାନ୍ତର କରାଯାଇଛି। ନିଲମ୍ବିତ ଆଇଆଇସି ଦିନକୃଷ୍ଣ ମିଶ୍ର ଓ ଅନ୍ୟ ୪ଜଣ ପୁଲିସ କର୍ମଚାରୀଙ୍କ ନାଁରେ ଅପରାଧିକ ମାମଲା ରୁଜୁ ହୋଇଛି। ମେଜରଙ୍କ ଲିଖିତ ଅଭିଯୋଗ ପରେ କ୍ରାଇମବ୍ରାଞ୍ଚ କେସ୍ ନଂ ୧୧/୨୦୨୪ରେ ଅପରାଧିକ ମାମଲା ରୁଜୁ କରିଛି। ଏହାସହିତ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର କରିଥିବା ୭/ ୮ ଜଣ ରୋଡ ରୋମିଓଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି ସ୍ପେଶାଲ ସ୍କ୍ୱାର୍ଡ। ସମସ୍ତ ଅଭିଯୁକ୍ତ ଘରୋଇ ଇଞ୍ଜିନିୟରି କଲେଜର ଛାତ୍ର। ସେମାନଙ୍କୁ ପୁଲିସ ଗିରଫ କରି ଚନ୍ଦକା ଥାନାରେ ଅଟକ ରଖି ପଚରା ଉଚରା କରାଯିବା ପରେ କୋର୍ଟ ଚାଲାଣ କରିଛି। ଭୁବନେଶ୍ୱର ଜେଏମ୍‌ଏଫ୍‌ସି ସେମାନଙ୍କୁ ଜାମିନ ପ୍ରଦାନ କରିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାରେ ରାଜଧାନୀରେ ରାଜନୈତିକ ତାତି ଦେଖିବାକୁ ମିଳିଛି । ଯୁବ କଂଗ୍ରେସ ଏବଂ ମହିଳା ବିଜେଡି ଜୋରଦାର ପ୍ରତିବାଦ କରିଛନ୍ତି ।

ସୂଚନା ଅନୁଯାୟୀ, ମେଜର ସିଂହ ଓ ତାଙ୍କ ବାନ୍ଧବୀଙ୍କୁ ୧୫ ତାରିଖ ରାତିରେ ଯେଉଁଠି ଦୁର୍ବୃତ୍ତମାନେ ଅସଦାଚରଣ କରିଥିଲେ, ସେହି ସ୍ଥାନକୁ ଯାଇ କ୍ରାଇମ୍ ସିନ ଭେରିଫିକେସନ କରାଯାଇଛି। ଘଟଣାସ୍ଥଳରେ କିଛି ସିସିଟିଭି ଫୁଟେଜ ଅଛି କି ନାହିଁ, ପ୍ରତ୍ୟକ୍ଷଦର୍ଶୀ କିଏ ଥିଲେ କି ନାହିଁ ସେନେଇ ମଧ୍ୟ ଛାନଭିନ କରିଛି କ୍ରାଇମବ୍ରାଞ୍ଚ ଟିମ୍।

କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଅଫିସର ନରେନ୍ଦ୍ର ବେହେରା କହିଛନ୍ତି, ପ୍ରାରମ୍ଭିକ ପଚରାଉଚରା ଚାଲିଛି। ଭରତପୁର ଥାନାର ସସପେଣ୍ଡ ଆଇଆଇସିଙ୍କୁ ମଧ୍ୟ ଜେରା କରାଯାଇଛି । ଯାହା ନାଁରେ ଅଭିଯୋଗ ଅଛି ସେ ପୋଲିସ ହୁଅନ୍ତୁ ବା ଅନ୍ୟ କିଏ ହୁଅନ୍ତୁ । ତାଙ୍କୁ ପଚରାଉଚରା କରାଯାଉଛି । ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଭରତପୁର ଥାନାର ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ର, ମହିଳା ଏସଆଇ ଏବଂ ଆର୍ମି ମେଜର ଓ ତାଙ୍କ ବାନ୍ଧବୀ ଥାନାକୁ ଆସିଥିବା ସମୟରେ ଯେଉଁ ଲେଡି ଏଏସ୍‌ଆଇ ତାଙ୍କ ସହ କଥା ହୋଇଥିଲେ ତାଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ସାଇବର କମ୍ପ୍ଲେକ୍ସରେ ଜେରା କରାଯାଇଛି। ଡିଏସପି ନରେନ୍ଦ୍ର ବେହେରା ମୁଖ୍ୟ ତଦନ୍ତକାରୀ ଅଧିକାରୀ ଏବଂ ଡିଏସପି ନିଳିମା ପଣ୍ଡା ଅନ୍ୟତମ ତଦନ୍ତକାରୀ ଅଧିକାରୀ ରହିଥିବା ବେଳେ ଦୁଇ ଟିମ୍ ସହଯୋଗ କରୁଛି। ଏଥିରେ ଅଛନ୍ତି ଡିଏସପି ରଜତ ସାହୁ, ଡିଏସପି ଭରତ ସାହୁ ପ୍ରମୁଖ।

ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଥାନାରେ ନିର୍ଯାତନା ଘଟଣାକୁ ନେଇ ସାରା ଦେଶରେ କମିଶନରେଟ ପୋଲିସ ନିନ୍ଦିତ ହେଉଥିବା ବେଳେ ନିଲମ୍ବିତ ପୋଲିସ କର୍ମଚାରୀଙ୍କ ସପକ୍ଷରେ ବାହାରିଛି ଓଡ଼ିଶା ପୋଲିସ ଆସୋସିଏସନ । ଘଟଣାର ତଦନ୍ତ ଚାଲିଥିବା ବେଳେ ସେମାନଙ୍କ ଉପରେ ନିଲମ୍ବନ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛି ରାଜ୍ୟ ପୋଲିସ ସଙ୍ଘ ।

ଏନେଇ ଆଜି ରାଜ୍ୟ ପୋଲିସ ସଂଘ ପକ୍ଷରୁ କଟକରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଙ୍ଘ ସମ୍ପାଦକ ଉମେଶ ସାହୁ କହିଛନ୍ତି, ଆମେ ଏହି ଘଟଣାକୁ ନେଇ ମର୍ମାହତ। ତଦନ୍ତ ସମୟରେ ୫ ଜଣ ପୋଲିସ କର୍ମୀଙ୍କୁ ନିଲମ୍ବିତ କରିବା ଗ୍ରହଣୀୟ ନୁହେଁ। ଡିଜିପିଙ୍କ କାର୍ଯ୍ୟାନୁଷ୍ଠାନକୁ ସଂଘ ବିରୋଧ କରୁନି, କିନ୍ତୁ ବିଚାର ବିଭାଗ ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା। ସଂଘ ନିକଟରେ ଯାହା ବି ଭିଡିଓ ପ୍ରମାଣ ଅଛି ସେଥିରେ ସ୍ପଷ୍ଟ ହୋଇଛି କି ପୋଲିସ କର୍ମଚାରୀ ଓ ଅଧିକାରୀ ଘଟଣାରେ ସଂପୃକ୍ତ ନାହାଁନ୍ତି। ସେଥିପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ପରେ ଯାହା ବି ରିପୋର୍ଟ ଆସିବ ସେ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ଭରତପୁର ଥାନା ଘଟଣା ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଲୋୟର ପିଏମଜିରେ ହଲ୍ଲାବୋଲ ହୋଇଛି। ସେହିପରି ମହିଳା ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ଆମ ସରକାରରେ ସିସିଟିଭି ଥିଲା। ବିଜେପି ସରକାରରେ କୁଆଡ଼େ ଗଲା? ଯେତେବେଳେ ମହିଳା ଉପରେ ଅତ୍ୟାଚାର ହୋଇଛି, ଏ ସରକାର ନୀରବଦ୍ରଷ୍ଟା ସାଜିଛି ବୋଲି ସେ କହିଛନ୍ତି।

ଭରତପୁର ଥାନା ଘଟଣାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ନିଜ ଆଡୁ ମାମଲା ରୁଜୁ କରି କ୍ରାଇମବ୍ରାଞ୍ଚକୁ ରିପୋର୍ଟ ମାଗିଥିଲେ। ଆଜି କମିଶନଙ୍କୁ ରିପୋର୍ଟ ହସ୍ତାନ୍ତର କରିଛି କ୍ରାଇମବ୍ରାଞ୍ଚ । ତେବେ ରିପୋର୍ଟରେ କ'ଣ ଉଲ୍ଲେଖ ଅଛି ତାହା ସ୍ପଷ୍ଟ ହୋଇନି। ଡିଏସ୍‌ପି ନରେନ୍ଦ୍ର ବେହେରା କହିଛନ୍ତି, ସବୁ ପକ୍ଷର କଥା ଶୁଣାଯିବ, ତଥ୍ୟ ପ୍ରମାଣ ସଂଗ୍ରହ କରାଯିବ । ତଦନ୍ତରେ କୌଣସି ପକ୍ଷପାତିତା କରାଯିବନି ।

### ଅଣ୍ଟିର ନିଆଁ...

ସୂଚନା ଦେଇଛି ଗୁଇନ୍ଦା । କାରଣ ୧୫ ତାରିଖ ଦିନ ପ୍ରେସମିଟ କରି ଜଣେ ଅତିରିକ୍ତ ଡିସିପି ଆର୍ମି ଅଧିକାରୀଙ୍କୁ କ୍ୟାପଟେନ ବଦଳରେ ମେଜର ବୋଲି ଆଖ୍ୟା ଦେଇ ପୋଲିସକୁ ସେଫ ଜୋନରେ ରଖିଥିଲେ। ପରେ ଦିନକପରେ ଘଟଣା ବଢ଼ିବାପରେ ଓଲଟା ପୋଲିସ ବିରୋଧରେ ଆସିଥିଲା ସଙ୍ଗୀନ ଅଭିଯୋଗ। ଏହାପରେ ଡିସିପି ପ୍ରତୀକ ସିଂ ଏକ ଜାତୀୟ ଗଣମାଧ୍ୟମକୁ ବାଇଟ ଦେଇ ନିଆଁରେ ଘିଅ ଢାଳିଥିଲେ। କିଛି ପୋଲିସ ଅଧିକାରୀଙ୍କ ଜରିଆରେ ପୀଡିତାଙ୍କ କିଛି ଭିଡିଓ ଗଣମାଧ୍ୟମ କୁ ଦେଇଥିଲେ ପ୍ରତିକଙ୍କ ଏକାନ୍ତ ଖାସ ଜଣେ ଏସିପି। ଏପରିକି ପୋଲିସକୁ ବଞ୍ଚାଇବା ପାଇଁ ଯୁବତୀ ଜଣଙ୍କ ଚରିତ୍ର ସଂହାର କରିଥିଲେ । ସେ ହୋଟେଲରେ ଖାଇବା, ବାରରେ ମଦ୍ୟପାନ କରିବା, ରାସ୍ତାରେ ଆସିବା ବେଳେ ଗଣ୍ଡଗୋଳ କରିବା, ଏସ୍ୱରେ ତାଙ୍କର ଗତିବିଧି ଆଦିର ସିସିଟିଭି ପଠାଇ ନିଜକୁ ଧୁଆମୂଳା ସାବ୍ୟସ୍ତ କରିଥିଲେ। ଏପରିକି ଅବସରପାପ୍ତ ପୋଲିସଙ୍କ ମେଳି, ପୋଲିସ ସଂଘ କୁ ରିଜର୍ଭ ଗ୍ରାଉଣ୍ଡରେ ଏକାଠି କରି କମିଶନର ଓ ଡିସିପି ଖେଳିବାକୁ ଚାହିଁଥିଲେ ମାଷ୍ଟର ଷ୍ଟ୍ରୋକ । କିନ୍ତୁ ସେନାର ସାଙ୍ଘାତିକ ଅଭିଯୋଗ ଓ ନିଜ ବିଭାଗର କିଛି ଅପାରଗ ଅଫିସରଙ୍କ ମାତ୍ରାଧିକ ଚାଲାକି ପାଇଁ ସବୁଥିରେ ପଛରେ ପଡିଯାଇଛି କମିଶନରେଟ ପୋଲିସ । ଗତକାଲି ଉପମୁଖ୍ୟମନ୍ତ୍ରୀ ଡିସିପିଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି । ଆଜି ପ୍ରାଥମିକ ତଦନ୍ତ ରିପୋର୍ଟ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ ଏଡିଜି ଅରୁଣ ବୋଥ୍ରାଙ୍କୁ ପ୍ରଦାନ କରିଛି। ଆସନ୍ତାକାଲି ଆଉ କିଛି ବୟାନ ରେକର୍ଡ ପରେ ଚୂଡାନ୍ତ ରିପୋର୍ଟ ଡିଜିପିଙ୍କୁ ପ୍ରଦାନ କରାଯିବ । ଜାତୀୟ ମହିଳା କମିଶନଙ୍କୁ ମଧ୍ୟ ଚୂଡାନ୍ତ ରିପୋର୍ଟ ଦିଆଯିବ । କିନ୍ତୁ ବଡ଼କଥା ହେଉଛି ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ବର୍ତ୍ତମାନ ସୁଦ୍ଧା ନନେବାରୁ ବା ବରିଷ୍ଠ ଆଇପିଏସ ଙ୍କୁ ବଦଳି ନକରିବାରୁ ଓଡ଼ିଶା ସରକାର ଜାତୀୟ ସ୍ତରରେ ବଦନାମ ହେଉଥିବା ଦେଖାଯାଇଛି ।

### ମୋ'ସରକାର...

ଅଭିଯୁକ୍ତଙ୍କୁ ଅମାନୁଷିକ ଭାବେ ଦଣ୍ଡ ଦେବା ଓ ପରିବାର ଲୋକଙ୍କୁ ମାନସିକ ଅତ୍ୟାଚାର କରିବା ଘଟଣାରେ ୧୭ ଶହ କେସ ବିଚାରାଧୀନ ରହିଛି ଏବେବି ବିଚାରଧୀନ ରହିଛି । ଆଗରୁ ଏଭଳି ଘଟଣା ବହୁତ ନଜର କୁ ଆସୁଥିବା ବେଳେ ପୂର୍ବ ସରକାର ରେ ୫ଟି ଓ 'ମୋ ସରକାର' ଲାଗୁ ହେବା ପରେ ଯେଉଁ ପରିବର୍ତ୍ତନ ର ଆଶା କରାଯାଉଥିଲା ତାହା ପ୍ରକୃତ ପକ୍ଷେ ଦେଖିବାକୁ ମିଳିନଥିଲା । ଓଲଟା କିଛି ଦାଗି ଅଧିକାରୀ ଗାଦି ମାଡି ଅଧିକ ଉତ୍ପାତ କରୁଥିବା ଦେଖାଯାଇଥିଲା । ସରକାର ବଦଳିବା ପରେ ଏଥିରେ କିଛିଟା ପରିବର୍ତ୍ତନ ଆସୁଥିବା ଲକ୍ଷ କରାଯାଇଛି। ବଡ଼କଥା ହେଉଛି ପୂର୍ବରୁ ଅପରାଧ ରୋକିବା ପାଇଁ ପିପୁଲସ ଫ୍ରେଣ୍ଡଲି ହେବାକୁ ଓଡ଼ିଶା ପୋଲିସ ପକ୍ଷରୁ ଆହ୍ୱାନ ଦିଆଯାଉଥିଲା। ବସ୍ତିରେ 'ବସ୍ତି ମିତ୍ର' ପ୍ରୋଗ୍ରାମ, ଖେଳକୁଦ, ସିନିୟର ସିଟିଜେନ ମିଟିଂ କରି ପୋଲିସ ସାଧାରଣ ଲୋକଙ୍କ ସହ ସଦ୍ଭାବନା ବଢ଼ାଇବାକୁ ଚାହୁଁଥିଲେ ମଧ୍ୟ କେତେକ ହାତଗଣତି ଅଫିସର ଓ କର୍ମଚାରୀଙ୍କ ପାଇଁ ବଦନାମ ହେଉଛି ପୁରା ବିଭାଗ ।

### ୧୭୮ କୋଟି...

ପାଉନାହିଁ । ଯେଉଁ ସଂସ୍ଥା ବା ସଂଗଠନ ବିରୋଧ କରୁଛନ୍ତି ସେମାନଙ୍କୁ ଦୁର୍ବଳ କରିଦେବାକୁ ଷଡଯନ୍ତ୍ର ହେଉଛି । ଇତି ମଧ୍ୟରେ ଟାଟା ପାୱାରର ବିଲ୍ ଆଦାୟ ନାଁରେ ଲୋକେ ସାଇବର ଠକେଇର ଶିକାର ହେଉଥିଲେ ମଧ୍ୟ ଏ ଦିଗରେ ଟାଟା ପାୱାର ଏକ ପ୍ରକାର ହାତଟେକି ଦେଉଛି।

ତେଣୁ ଏବେ ସମୟ ଆସିଛି କାହା ସ୍ୱାର୍ଥ ସାଧନ ପାଇଁ ଓଡ଼ିଶାରେ ମାତ୍ର ୧୭୮ କୋଟି ଟଙ୍କା ବିନିୟମରେ ଟାଟା ପାୱାର ହାତରେ ସେସୁର ୫୧ ପ୍ରତିଶତ ଅଂଶଧନ ଦିଆଗଲା ତାହାର ତଦନ୍ତ ନୂଆ ସରକାର କରିବା ଆବଶ୍ୟକ। ତଦନ୍ତ ହେଲେ ଅନେକ ସତ୍ୟ ପଦାକୁ ଆସିବ ଏବଂ ଓଡ଼ିଶାର ବିଜୁଳି ଗ୍ରାହକମାନେ ଅନେକ ସୁବିଧା ପାଇବେ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଓ ଶକ୍ତି ବିଭାଗ ନିଜଆଡୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ମତପ୍ରକାଶ ପାଉଛି।

# ମଣିପୁରରେ ୯୦୦ କୁକି ଆତଙ୍କବାଦୀଙ୍କ ଅନୁପ୍ରବେଶ

**ଇମ୍ଫାଲ,୨୧।୯:** ଉତ୍ତର ପୂର୍ବାଞ୍ଚଳ ମଣିପୁରରେ ବର୍ଷାଧିକ କାଳ ଧରି ଅସ୍ଥିରତା ଲାଗି ରହିଥିବା ବେଳେ ମିଆଁମାରରୁ ପ୍ରାୟ ୯୦୦ ପ୍ରଶିକ୍ଷିତ କୁକି ଆତଙ୍କବାଦୀ ଅନୁପ୍ରବେଶ କରି ହିଂସାକାଣ୍ଡ ଘଟାଇବା ଯୋଜନାରେ ଅଛନ୍ତି।

ଗୋଇନ୍ଦା ରିପୋର୍ଟ ଆଧାରରେ ରାଜ୍ୟ ସରକାରଙ୍କ ସୁରକ୍ଷା ପରାମର୍ଶଦାତା କୁଲଦୀପ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ଗରିଲା ଯୁଦ୍ଧରେ ନିପୁଣ ଆତଙ୍କବାଦୀମାନେ ଅସ୍ତ୍ରପରିବହନ କରୁଥିବା ଡ୍ରୋନ୍ ସହିତ ହିଂସାକାଣ୍ଡ ଘଟାଇବା ପାଇଁ ସୁଯୋଗ ଅପେକ୍ଷାରେ ରହିଛନ୍ତି। ସମସ୍ତେ ମିଆଁମାର ଓ ଅନ୍ୟାନ୍ୟ ଦେଶରେ ତାଲିମ ନେଇଛନ୍ତି। ଏହି ରିପୋର୍ଟକୁ ହାଲୁକା ଭାବେ ନିଆଯାଇ ପାରିବ ନା। ଦକ୍ଷିଣ ମଣିପୁରର ଭାରତ-ମିଆଁମାର ସୀମାରେ ଥିବା ଜିଲ୍ଲାଗୁଡ଼ିକର ସମସ୍ତ ବରିଷ୍ଠ ପୁଲିସ ଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି। ସେମାନେ ଆସିବା ପରେ ମଣିପୁର ସ୍ଥିତି ଆହୁରି ଖରାପ ହେବାର ଆଶଙ୍କା ରହିଛି । ଏହି ଆତଙ୍କବାଦୀମାନେ ୩୦-୩୦ ଗୋଷ୍ଠୀରେ ସାରା ରାଜ୍ୟରେ ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି। ଆତଙ୍କବାଦୀମାନେ ଷଡଯନ୍ତ୍ର କରି ମୌତେଇ ପ୍ରାଧାନ୍ୟ ଅଞ୍ଚଳକୁ ଟାର୍ଗେଟ କରିଛନ୍ତି।

# ଧରାପଡ଼ିଲେ ୨ ପୋଲିସ

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ):** ଲାଞ୍ଚ ମାମଲାରେ ୨ ସବ୍‌ଇନ୍ସପେକ୍ଟର ଧରାପଡ଼ିଛନ୍ତି। ୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଥାନାର ପ୍ରୋବେସନାରୀ ସବ୍-ଇନ୍ସପେକ୍ଟର (ପିଏସ୍‌ଆଇ) ରଘୁନାଥ ହାଁସଦା ଓ ଏଏସ୍‌ଆଇ ଶିବ ପ୍ରସାଦ ଦଳେଇଙ୍କୁ ଧରିଛି ଭିଜିଲାନ୍ସ। ଜବତ ବାଇକ୍‌କୁ ଛାଡ଼ିଦେବା ପାଇଁ ଏହି ଦୁଇ ଜଣ ୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ



ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ପିଏସ୍‌ଆଇ ରଘୁନାଥ ହାଁସଦାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଦଳେଇ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ଧରି ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ପିଏସ୍‌ଆଇ ରଘୁନାଥ ହାଁସଦା ଓ ଏଏସ୍‌ଆଇ ଶିବ ପ୍ରସାଦ ଦଳେଇଙ୍କ ଦୁଇଟି ଲେଖାଏଁ ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେମାନେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ମାମଲାର ତଦନ୍ତ ଜାରି ରହିଛି।

## ଅର୍ଥାଭାବରୁ ପାଠପଢ଼ାରେ ବାଧା

**ପାଟଣାଗଡ, ୨୧।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମର ଆର୍ଥିକ ଅସୁବିଧା ଦେଇ ଗତି କରୁଥିବା ହିରଣ୍ୟ ମୁଣ୍ଡା ସ୍ତ୍ରୀ ସବିତା ମୁଣ୍ଡାଙ୍କ ଝିଅ ଉମା ମୁଣ୍ଡା ୨୦୨୩ ଶିକ୍ଷା ବର୍ଷରେ ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ



ରୁ ଦଶମ ବୋର୍ଡ ପରୀକ୍ଷା ରେ ପାସ କରି ଯୁକ୍ତ ଦୁଇ ଜୁନିଅର କଲେଜରେ ନାମ ଲେଖାଇ ପଢ଼ିବା ପାଇଁ ଆଗ୍ରହ ରଖିଥିଲେ ହେଲେ ଅର୍ଥ ଅଭାବରୁ ପଢ଼ି ପାରିଲେ ନାହିଁ। ଝିଅର ପାଠପଢ଼ା ପ୍ରତି ଆଗ୍ରହ ଦେଖି ଏବର୍ଷ ବାପା ମା' ଝିଅକୁ ଆବେଦନ କରିବାକୁ କହିଥିଲେ । ଝିଅ ଉମାକୁ ଦ୍ୱିତୀୟ ଚୟନରେ ହରିଶଙ୍କର କଲେଜ ରେ ପଢ଼ିବା ପାଇଁ ସୁଯୋଗ ମିଳିଛି ହେଲେ ଦୁଃଖର କଥା ଝିଅର ନାମ ଲେଖାଇବା ପାଇଁ ବାପା ମାଁ ଅସମର୍ଥ ହୋଇ ପଡିଛନ୍ତି । ଏପଟେ ଝିଅର ପାଠପଢ଼ା ପ୍ରତି ଆଗ୍ରହ ଏପଟେ ଅର୍ଥ ଅଭାବ କ'ଣ କରିବେ କିଛି ବୁଦ୍ଧିବାଟ ଦେଖାଯାଉ ନାହିଁ । ଝିଅର ପାଠପଢ଼ା ପ୍ରତି ଆଗ୍ରହକୁ ଦୃଷ୍ଟିରେ ରଖି ସରକାର ଙ୍କ ତରଫରୁ କିଛି ସାହାଯ୍ୟ ମିଳୁ ବୋଲି ଝିଅର ବାପା ମାଁ ଅନୁରୋଧ ଜଣାଇଛନ୍ତି ।

## ଶୋଭା ଫାଉଣ୍ଡେସନ ପକ୍ଷରୁ ବେଳାଭୂମି ସଫେଇ

**କୋଣାର୍କ, ୨୧।୯ (ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଅବସରରେ ଶନିବାର ସକାଳେ ସାମାଜିକ ଅନୁଷ୍ଠାନ ଶୋଭା ଫାଉଣ୍ଡେସନ ପକ୍ଷରୁ ଚନ୍ଦ୍ରଭାଗା ନିକଟରେ ବେଳାଭୂମି ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଶୋଭା ଫାଉଣ୍ଡେସନ ଅଧକ୍ଷ ତଥା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ପରିବେଶପ୍ରେମି ସାମ୍ବାଦିକ ଜ୍ଞାନ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୋଳିଆ ସାହି ତେଲୁଗୁ ବସ୍ତିର ଛାତ୍ରଛାତ୍ରୀ ମାନେ ଯୋଗଦେଇ ସଂଲଗ୍ନ ବେଳାଭୁମି ସଫେଇ କରିଥିଲେ। ବେଳାଭୂମି ସଫା ରଖିବା, ସାମୁଦ୍ରିକ ପ୍ରାଣୀ ମାନଙ୍କୁ ସୁରକ୍ଷା ଦେବା, ସମୁଦ୍ରକୁ ପଲିଥିନ କିମ୍ବା ପ୍ଲାଷ୍ଟିକ ବୋତଲ ଫିଙ୍ଗିବା ନାହିଁ ଆଦି ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।

## ବାରଣାସୀରେ ସମ୍ବର୍ଦ୍ଧିତ ହେଲେ ଗବେଷକ ସର୍ବେଶ୍ୱର ମହାନ୍ତ

**ବେତନଟୀର, ୨୧।୯ (ସଂଚାର ବ୍ୟୁରୋ):** କୁର୍ମୀ କ୍ଷତ୍ରିୟ ବା କୁଡୁମୀ ସମ୍ପ୍ରଦାୟର ଇତିହାସ,ପରମ୍ପରା,ସଂସ୍କୃତି,ଭାଷା,ସାହିତ୍ୟକୁ ନେଇ ଗବେଷଣାରତ ଗବେଷକମାନଙ୍କୁ ନେଇ ବାରଣାସୀରେ ଚଳିତ ମାସ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଇଥିବା "କୁର୍ମୀ ଇତିହାସ ସଂଗୋଷ୍ଠୀ" ସମ୍ମିଳନୀରେ ଯୋଗଦେଇଥିଲେ କୁର୍ମୀ କ୍ଷତ୍ରିୟ ବା କୁଡୁମୀ ସମ୍ପ୍ରଦାୟ ଉପରେ ଗବେଷଣାରତ ଥିବା ଶ୍ରୀ ସର୍ବେଶ୍ୱର ମହାନ୍ତ। ଉତ୍ତର ପ୍ରଦେଶ ବାରଣାସୀରେ ଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ମାରକୀ ଅତିଥି ଭବନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ କୁର୍ମୀ କ୍ଷତ୍ରିୟ ବା କୁଡୁମୀ ସମ୍ପ୍ରଦାୟ ଉପରେ ଗବେଷଣା ରତ ଥିବା ଗବେଷକ ମାନେ ଯୋଗ ଦେଇଥିଲେ। "କୁର୍ମୀ ଇତିହାସ ସଂଗୋଷ୍ଠୀ" ର ଉଦଘାଟନ କରିଥିଲେ ଡ. ଜିତେନ୍ଦ୍ର ସିଂ ରୋଲ୍ ଛତିଶଗଡ,ଇଂ ସେଶରାଜ ସିଂହ ପନ୍ୱର ଉତ୍ତର ପ୍ରଦେଶ,ଆଡଭୋକେଟ ଚୌଧୁରୀ ରାଜେଶ ମୋହନ ମଧ୍ୟପ୍ରଦେଶ,ଆଚାର୍ଯ୍ୟ ପ୍ରବର ନିରଞ୍ଜନ ବିହାର,ପଟେଲ ଧର୍ମଶାଳାର ଅଧ୍ୟକ୍ଷ ଶ୍ମାମସୁନ୍ଦର କାଶ୍ମପ,ଡ. ଓମ୍ ପ୍ରକାଶ ଚୌଧୁରୀ ପ୍ରଭୃତି। ଏହି ଅବସରରେ ଓଡିଶାର ମୟୂରଭଞ୍ଜ ଜିଲ୍ଲାର ଶ୍ରୀ ସର୍ବେଶ୍ୱର ମହାନ୍ତ ଓ କେନ୍ଦୁଝର ଜିଲ୍ଲାର ଶ୍ରୀ ନରହରି ମହାନ୍ତଙ୍କୁ କୁର୍ମୀ ବା କୁଡୁମୀ ଜାତିର ଇତିହାସକାର ଭାବରେ ସମ୍ବର୍ଦ୍ଧିତ କରାଯାଇଛି।





## ଝରାପାଲି ହାଇସ୍କୁଲରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ଭେଡେନ, ୨୧।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାର ଭେଡେନ ବ୍ଲକ ଅନ୍ତର୍ଗତ ଝରାପାଲିସ୍ଥିତ ବାମଦେବ ପାଢ଼ୀ ଉଚ୍ଚ ବିଦ୍ୟାଳୟରେ ତା:୨୧/୦୯/୨୦୨୪ ଶନିବାର ଦିନ "ମାଆ ପାଇଁ ଗଛଟିଏ" କାର୍ଯ୍ୟକ୍ରମରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ ଇଣ୍ଡିଆ, ପପଙ୍ଗା ଶାଖାର ବ୍ରାଞ୍ଚ ମ୍ୟାନେଜର ସମୀର ମେହେରଙ୍କ ଉଦ୍ୟମରେ ବ୍ୟାଙ୍କ ତରଫରୁ ବିଦ୍ୟାଳୟ ପରିସରରେ ବ୍ୟାପକ ଫଳଚାରା ଲଗା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟୀ, ଶିକ୍ଷକ ତଥା ବିଦ୍ୟାଳୟରେ ଥିବା ଇକୋକ୍ଲବର ଜାତୀୟ ସବୁଜ ବାହିନୀର ଛାତ୍ର ଛାତ୍ରୀମାନେ ପିଜୁଳି, ସେଓ, ଆମ୍ବ, ପଣସ, ଅଇଁଳା, ଲିଚୁ, ସପେଟା, ନଡ଼ିଆ, ବରକୋଳି, ସାନ୍ତରା, ଲେମ୍ବୁ, ଜାମୁକୋଳି,ଚେରି ଆଦି ଅନେକ ପ୍ରକାରର ଫଳଚାରା ବିଦ୍ୟାଳୟ ପରିସରରେ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ ରଶ୍ମି ରଞ୍ଜନ ପାଢ଼ୀ, ସମାଜ ସେବୀ ରାଜକିଶୋର ମେହେର, ସୁବାସିନି ମେହେର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ପ୍ରଧାନ, ପ୍ରମୋଦ ଦାସ, ନିର୍ମଳ ପଶାୟତ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍ତାମରାଜ ପୁରୋହିତ, ପ୍ରକୃତିବନ୍ଧୁ ଶିକ୍ଷକ ସଞ୍ଜୀବ ପ୍ରଧାନ, ଶିକ୍ଷକ ସଚ୍ଚିନ୍ଦ୍ର କର୍ଣ୍ଣ, ଡୋଳାମଣୀ କୁଦେଇ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

## ସବୁ ଜାଣି ପୋଲିସ ନୀରବ



**ରାଜନଗର, ୨୧।୯ (ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଏକ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଭଳି ଗୁରୁତର ଅଭିଯୋଗ ହୋଇଛି। ବିଦ୍ୟାଳୟର ଶିକ୍ଷକ ରଞ୍ଜନ ସୁତାର ବିଦ୍ୟାଳୟର ତିନି ଚାରି ଜଣ ଚତୁର୍ଥ, ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଦୀର୍ଘ ଦିନ ହେବ ଅସଦାଚରଣ କରି ଆସୁଥିଲେ। ନାବାଳିକା ଛାତ୍ରୀଙ୍କ ବିଭିନ୍ନ ଅଙ୍ଗରେ ହାତ ମାରିବା ସହ ଅସଦାଚରଣ କରି ଆସୁଥିଲେ। ବିଦ୍ୟାଳୟ ପରିସରରେ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ରର ସହାୟିକାଙ୍କୁ ଜଣେ ଛାତ୍ରୀ ଶିକ୍ଷକଙ୍କ ଅସଦାଚରଣ ସମ୍ପର୍କରେ କାନ୍ଦି କାନ୍ଦି କହିଥିଲେ। ସହାୟିକା ଏ ନେଇ ଛାତ୍ରୀଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକେ ଅସଦାଚରଣ ଖବର ଜାଣିଥିବା ଜାଣିବା ପରେ ଶିକ୍ଷକ ଜଣଙ୍କ ଦୁଇ ଦିନ ହେଲା ବିଦ୍ୟାଳୟକୁ ଆସୁନଥିଲେ। ଆଜି ଜୁନୁପଙ୍ଗା ଛକରେ ଶିକ୍ଷକ ପଳାଇ ଯାଉଥିବା ବେଳେ ଲୋକେ ଶିକ୍ଷକଙ୍କୁ ଧରି ଉତ୍ତମ ମାଧ୍ୟମ ଦେଇଥିଲେ। ଲୋକେ ପଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଖବର ଦେଇଥିଲେ। ପୋଲିସ ଜୁନୁପଙ୍ଗା ଛକରେ ପହଂଚି ମାଡ଼ ଖାଇଥିବା ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ନେଇଛି। ଶିକ୍ଷକ ଜଣଙ୍କ ତିନି ଚାରି ଜଣ ନାବାଳିକା ଛାତ୍ରୀଙ୍କ ସହିତ ଅସଦାଚରଣ କରିଥିବାରୁ ସ୍ଥାନୀୟ ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରିପୋର୍ଟ ଲେଖା ହେବା ଯାଏଁ ଥାନାରେ ଲିଖିତ ଅଭିଯୋଗ ହୋଇ ନାହିଁ।

## ଜିଲ୍ଲାସ୍ତରୀୟ ଆପାତକାଳୀନ ବୈଠକ

**ବଲାଙ୍ଗିର, ୨୧।୯ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଆପାତକାଳୀନ ବୈଠକ ବଲାଙ୍ଗିର ଜିଲ୍ଲାପାଳ ଶ୍ରୀ ଗୌରଭ୍ ଶିଭାଜୀ ଇସଲଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ରିଷିକେଷ ଖିଲାରୀ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ପବିତ୍ର ବେହେରା , ପାଟଣାଗଡ ଉପଜିଲ୍ଲାପାଳ ଅମିତ ନାୟକ ଓ ଜିଲ୍ଲା ଆପାତକାଳୀନ କମିଟିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଆପାତ କାଳୀନ ସମୟରେ ସମସ୍ତ ବିଭାଗର ଅଧିକାରୀମାନେ ସମନ୍ୱୟ ରକ୍ଷା କରି ଏହାର ମୁକାବିଲା କିପରି ସୁଚାରୁ ରୂପେ ସମ୍ପାଦନା କରିବେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାରେ ଅବସ୍ଥିତ ଥିବା ସମସ୍ତ ଶିଳ୍ପ




ଅନୁଷ୍ଠାନ ଗୁଡ଼ିକର କଳକାରଖାନା ନିୟମ ଅନୁଯାୟୀ ଠିକ ସମୟରେ ମକଡ୍ରିଲ କରିବା ଏବଂ ଯେ କୌଣସି ସମ୍ଭାବ୍ୟ ବିପଦ କୁ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବଡମାଳ ଗୋଳାବାରୁଦ କାରଖାନା ଓ ଭାରତ ପେଟ୍ରୋଲିୟମ ଗ୍ୟାସ ଲିମିଟେଡ଼ର ଅଧିକାରୀମାନେ ଯୋଗଦାନ କରି ତାଙ୍କର କାର୍ଯ୍ୟପନ୍ଥା ବିଷୟରେ ଉପସ୍ଥାପନା କରିଥିଲେ। ଏହି ବୈଠକକୁ ସହକାରୀ ନିର୍ଦ୍ଦେଶକ(କାରଖାନା ଓ ବାଷ୍ପୀତ୍ର) ଶ୍ରୀ ସ୍ୱାଧୀନ କୁମାର ବେହେରା ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ ଗୁରୁ , ଆପାତକାଳୀନ ଅଧିକାରୀ ସସ୍ମିତା ପ୍ରଧାନ , ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱ ଶାନ୍ତି ଦିବସ ଉପଲକ୍ଷେ ବୃକ୍ଷ ରୋପଣ

**ବୈଶିଙ୍ଗା, ୨୧।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ଗ୍ରାମ ପଂଚାୟତରରେ ଥିବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ଆଜି ବିଶ୍ୱ ଶାନ୍ତି ଦିବସ ଅବସରରେ ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗାଙ୍କର ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ବୃକ୍ଷ ରୋପଣ ମହାପୂଣ୍ୟ, ଏକ ବୃକ୍ଷ ଲାଭ ଅନେକ ଏବଂ " ବୃକ୍ଷ ହିଁ ଜୀବନ, ତା ବିନା ମରଣ "ର ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମା ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ପାଟଳୀପୁରାର ମାଳତୀ ଜେନା, ଲିମା ସାହୁ, ସୁଲେଖା ସିଂହ, ବାସନ୍ତୀ ମହାନ୍ତ, ସବୁଜ ସୈନିକ ଗୌତମ ବେହେରା, ଚେମା ଦଳେଇ ପ୍ରମୁଖ ଅଂଶ ଗ୍ରହଣ କରି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଗଞ୍ଜେଇ ସହ କାର ଜବତ, ଜଣେ ଗିରଫ

**ସୁବର୍ଣ୍ଣପୁର, ୨୧।୯ (ସଂଚାର ବ୍ୟୁରୋ):** ୨୧ କେଜି ଗଞ୍ଜେଇ ଜବତ କରିବା ସହ ଏକ କାର ଓ ଜଣଙ୍କୁ ଗିରଫ କରିଛି ସୋନପୁର ଅବକାରୀ ବିଭାଗ। ଏକ କାରରେ ସୋନପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ସୋନପୁର ଜିଲ୍ଲାପାଳ ଅଫିସ ନିକଟ ଆଶା ନର୍ସିଂ ହୋମ ପାଖରେ ଯାଞ୍ଚ କରିଥିଲା। ଉକ୍ତ ସମୟରେ ଆସୁଥିବା ଓଆର ୦୫ଏଏଲ -୦୨୧୧ କାରକୁ ଧରାଯାଇଥିବା ବେଳେ ଯାଞ୍ଚ କରାଯିବାରୁ ଉକ୍ତ କାର କାରରୁ ୨୧ କେଜି ଗଞ୍ଜେଇ ବାହାରିଥିଲା ବେଳେ କାର ରେ ଥିବା ସାଗରପାଲି ଗ୍ରାମ ର ମୁକେଶ ମେହେରଙ୍କୁ ଅଟକ ରଖିଥିଲେ। ଅବକାରୀ ବିଭାଗ ପରେ ଏକ ମାମଲା କେସ ନଂ ୧୭୮/୨୦୨୪ ରେ ରୁଜୁ କରି ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ବେଳେ ବ୍ୟବହୃତ କାରକୁ ମଧ୍ୟ ଜବତ କରିଛି। ଅବକାରୀ ଅଧୀକ୍ଷକ ପ୍ରବୀର ସାମଲଙ୍କ ନିର୍ଦ୍ଦେଶରେ ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସା ଙ୍କ ନେତୃତ୍ୱରେ ମୋବାଇଲ ଟିମ୍ ର ଅଧିକାରୀ ସାମିଲ ହୋଇଥିଲେ। ସେହିପରି ଧଉରାଖମନ ଛକ ପାଖରେ ଜିଲ୍ଲା ଅବକାରୀ ୟୁନିଟ ପକ୍ଷରୁ ଚଢାଉ କରି ଏକ ମୋଟର ସାଇକେଲ ରେ ୧୫ ଲିଟର ଦେଶୀ ମଦ ଜବତ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରି କେସ ନଂ ୧୭୯/୨୦୨୪ ରେ ମାମଲା ରୁଜୁ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୱାଣ୍ଡେର୍ଲା ପାର୍କ ଲୋକାର୍ପିତ

**ଖୋର୍ଦ୍ଧା, ୨୧।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତଠାରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ନିମନ୍ତେ ୱାଣ୍ଡେର୍ଲା ହଲିଡେଜ ୱାଟର ପାର୍କ ଆଜି ଲୋକାର୍ପିତ ହୋଇଛି । ପୂର୍ବ ଭାରତର ଏହି ମନୋରଞ୍ଜନ ଭିତିକ ସବୁଠାରୁ ବଡ଼ ପ୍ରକଳ୍ପ ୱାର୍ଣ୍ଡେଲା ପାର୍କକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୋକାର୍ପିତ କରିଛନ୍ତି । ୱଣ୍ଡେର୍ଲାର ଜାତୀୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା ହୋଇଛି, ଯାହା ଆମ୍ୟୁଜମେଂଟ ଓ ମନୋରଞ୍ଜନ ଶିଳ୍ପରେ ନିଜର ସ୍ଥିତିକୁ ପୁନଃ ସୁଦୃଢ଼ କରୁଛି । ଓଡ଼ିଶାକୁ ପ୍ରବେଶ କରିବାରେ ପ୍ରଥମ ପ୍ରମୁଖ ଆମ୍ୟୁଜ୍ ମେଂଟ ପାର୍କ ଭାବରେ ୱଣ୍ଡେର୍ଲା ଭୁବନେଶ୍ୱର, ରାଜ୍ୟରେ ଆମୋଦ ପ୍ରମୋଦ ଓ ଅବସର ବିନୋଦନ ପାଇଁ ଏକ ନୂଆ କୀର୍ତ୍ତି ସ୍ଥାପନ କରୁଛି । ଏହି ପାର୍କର ଉଦଘାଟନ ସମଗ୍ର ଭାରତରେ ପର୍ଯ୍ୟଟନ ଏବଂ ଆମୋଦ ପ୍ରମୋଦ ଅନୁଭୂତିକୁ ପରିବର୍ଦ୍ଧିତ କରିବା ନିମନ୍ତେ ୱଣ୍ଡେର୍ଲାର ପରିବ୍ୟାପ୍ତ ଆଭିମୁଖ୍ୟରେ ଏକ ରଣକୌଶଳାତ୍ମକ ପଦକ୍ଷେପ ହୋଇଛି । ଏହି ନୂତନ ପାର୍କ ଉଭୟ ସ୍ଥାନୀୟ ଓ ଜାତୀୟ ପର୍ଯ୍ୟଟକଙ୍କ ନିମନ୍ତେ ଏକ ଲକ୍ଷ୍ୟସ୍ଥଳ ଭାବରେ ସେବା ଯୋଗାଇବ ଏବଂ ବିଶ୍ୱ ଶ୍ରେଣୀର ରାଇଡ ଓ ଆକର୍ଷଣ ଉପଲବ୍ଧ କରାଇବ




ଯାହା ଓଡ଼ିଶାର ସ୍ଥିତିକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଭାବରେ ପ୍ରୋତ୍ସାହିତ କରିବାକୁ ଯାଉଛି । ମେ ମାସରେ ତାହାର ପ୍ରତୀକାତ୍ମକ ଶୁଭାରମ୍ଭ ଦିନ ଠାରୁ ୱଣ୍ଡେର୍ଲା ଭୁବନେଶ୍ୱର ୪୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ଏବଂ ସ୍ଥାନୀୟ ଅର୍ଥନୀତି ପାଇଁ ଉଲ୍ଲେଖନୀୟ ଅବଦାନ ରଖୁଛି । ପାର୍କ ମଧ୍ୟ ପ୍ରଭାବୀ ଗୋଷ୍ଠୀ ଭିତିକ କାର୍ଯ୍ୟକ୍ରମ ହାତକୁ ନେଇଛି, ଯେଉଁଥିରେ ସ୍ଥାନୀୟ ଛାତ୍ର ଛାତ୍ରୀଙ୍କୁ ସ୍କୁଲ କିଟ୍ ବଂଟନ ଏବଂ ରେଡକ୍ରସ ସୋସାଇଟି ସହଯୋଗରେ ରକ୍ତଦାନ ଶିବିର ଆୟୋଜନ କରୁଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ, ଓଡ଼ିଶାରେ ପ୍ରଥମ ଓ ସର୍ବବୃହତ୍ ଆମ୍ୟୁଜ୍ ମେଂଟ ପାର୍କ ୱଣ୍ଡେର୍ଲାକୁ ପୂର୍ଣ୍ଣ ସମର୍ଥନ ଯୋଗାଇଦେବାକୁ ସରକାର ପ୍ରତିବଦ୍ଧ ରହିଛନ୍ତି । ଏହି ପାର୍କ ଯୁବବର୍ଗଙ୍କ ମନକୁ ପ୍ରେରଣା ଦେବା ସହିତ ରାଜ୍ୟର ମନୋରଞ୍ଜନ କ୍ଷେତ୍ରରେ ବୃଦ୍ଧି ଘଟାଇବ ଏବଂ ପର୍ଯ୍ୟଟନ ଅଭିବୃଦ୍ଧିରେ ଅବଦାନ ରଖିବ । ବିଶ୍ୱ ଶ୍ରେଣୀର ରାଇଡ୍ ଏବଂ ସର୍ବୋଚ୍ଚ ନିରାପତା ମାନଙ୍କ ଅନୁପାଳନ ସହିତ ୱଣ୍ଡେର୍ଲା ପରିବାର ଓ ପରିଦର୍ଶକଙ୍କ ପାଇଁ ଏକ ଅନନ୍ୟ ଅନୁଭୂତି ଯୋଗାଇ ଦେଉଛି । ଏଥିସହିତ ଏହା ପିଲାମାନଙ୍କ ନିମନ୍ତେ ମୋବାଇଲ ପରଦାରୁ ନଜର ହଟାଇ ଉଭୟ ଶାରୀରିକ ଏବଂ ମାନସିକ ବିକାଶକୁ ପ୍ରୋତ୍ସାହିତ କରୁଥିବା ଆଉଟଡୋର କାର୍ଯ୍ୟକଳାପରେ ନିୟୋଜିତ ରହିବାକୁ ସୁଯୋଗ ଦେଉଛି । ଏଭଳି ପରିବେଶକୁ ପ୍ରୋତ୍ସାହିତ କରି ୱଣ୍ଡେର୍ଲା ଜୀବନଗୁଡ଼ିକୁ ସମୃଦ୍ଧ କରିବା ଏବଂ ଓଡ଼ିଶାର ଯୁବବର୍ଗଙ୍କର ସାମଗ୍ରିକ ଅଭିବୃଦ୍ଧିକୁ ସମର୍ଥନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ ।

ପାର୍କକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉଦଘାଟନ କରିଥିବାବେଳେ ଉତ୍ସବରେ ଡାଇରେକ୍ଟର ଟୁରିଜମ୍ ସମର୍ଥ ବର୍ମା, କମ୍ପାନୀର ଏମ୍ଡି ଅରୁନ୍ କେ ଚିଟ୍ଟିଲାପିଲେ, ପ୍ରେସିଡେଣ୍ଟ ଶିବଦାସ ଏମ୍ , ସିଓଓ ଧୀରେନ ଚୌଧୁରୀ ଏବଂ ପାର୍କ ହେଡ୍-ଭୁବନେଶ୍ୱର କଳ୍ପତରୁ ନାୟକଙ୍କ ସମେତ କାର୍ଯ୍ୟ ନିର୍ବାହୀଗଣ ଯୋଗ ଦେଇଥିଲେ ।

## ସୁବର୍ଣ୍ଣପୁରରେ ବିକାଶ ମେଳା

**ସୁବର୍ଣ୍ଣପୁର, ୨୧।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ସୁବର୍ଣ୍ଣପୁରରେ ବିକାଶ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଗତିର ନୂତନ ସୂର୍ଯ୍ୟୋଦୟ - ୨୦୩୬ ସୁଦ୍ଧା ହେବ ବିକଶିତ ଓଡ଼ିଶାର ଅଭ୍ୟୁଦୟ, ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଓ ବିକାଶ ମେଳା ଅନୁଷ୍ଠିତ ହୋଇଯାଇଛି। ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସହରର ରୟାଲ ପଡ଼ିଆ ଠାରେ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ବିଷୟରେ ଜନସାଧାରଣଙ୍କୁ ଅବଗତ ଓ ସଚେତନ କରିବା ଲକ୍ଷ୍ୟ ରାଖାଯାଇଛି। ୩ ଦିନ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲୋକକଳା ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ମାଧ୍ୟମରେ ସାଂସ୍କୃତିକ ସନ୍ଧ୍ୟା ମଧ୍ୟ ଆୟୋଜନ କରାଯିବା ସହିତ ୩୦ ଗୋଟି ପ୍ରଦର୍ଶନୀ ମଣ୍ଡପ ଜରିଆରେ ବିଭିନ୍ନ ବିଭାଗର ଲୋକ ଯୋଜନା ସହ ଜିଲ୍ଲାର ସଫଳତା ଓ ଉତ୍କର୍ଷର ପ୍ରଦର୍ଶନ କରାଯାଇଛି।

ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗର ଯୋଗ୍ୟ ହିତାଧିକାରୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ସରକାରୀ ସହାୟତା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମ ସମାରୋହରେ ମାନ୍ୟବର ମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ବିରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ପ୍ରମୁଖ ଯୋଗଦେଇଥିଲେ। ମାନ୍ୟବର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ବୃନ୍ଦ ଏହି ପରିପ୍ରେକ୍ଷୀରେ ସରକାରଙ୍କ ୧୦୦ ଦିନର କାର୍ଯ୍ୟକାରିତାର ସୂଚିତ କରି ସରକାରଙ୍କ ବିକାଶ ଯୋଜନା ଗୁଡିକର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଜିଲ୍ଲାର ସବୁ ବର୍ଗର ଜନସାଧାରଣ ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶା ବିକାଶର ଅଭ୍ୟୁଦୟରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ସାରା ଦେଶ ତଥା ରାଜ୍ୟ ଓ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଚାଲୁରହିଥିବା ସ୍ୱଚ୍ଛ ଭାରତ ମିଶନ ଅବସରରେ ସ୍ୱଚ୍ଛତା ହିଁ ସେବା ପରିପ୍ରେକ୍ଷୀରେ ନିଜେ ଓ ସମାଜକୁ ସ୍ୱଚ୍ଛ ରଖିବା ଓ ସୁସ୍ଥ ରଖିବା ନିମନ୍ତେ ମୁଖ୍ୟଅତିଥି ଉପସ୍ଥିତ ଜନସାଧାରଣଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ଅବସରରେ ବିନିକା ବ୍ଲକର ୨ଟି, ବୀରମହାରାଜପୁର ଓ ତରଭା ବ୍ଲ ର ପ୍ରତ୍ୟକ ଗୋଟିଏ ଲେଖାଏଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟକେନ୍ଦ୍ରର ଲୋକାର୍ପଣ କରିଥିଲେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ। ପରେ ପରେ ଅତିଥି ବୃନ୍ଦ ଉନ୍ନୟନ ପ୍ରଦର୍ଶନୀ ମଣ୍ଡପ ଉଦଘାଟନ କରିଥିଲେ।

### ହଜି ଯାଉଛି ଗାଁ'ର ଚିତ୍ର

## ପେଟ ପାଇଁ ସହରମୁହାଁ ଲୋକେ

**କଳାହାଣ୍ଡି, ୨୧।୯ (ସଂଚାର ବ୍ୟୁରୋ) :** ସମୟ ବଦଳି ଚାଲିଛି। କାଳର ଚକ୍ରରେ ହଜି ଯାଉଛି ଗାଁର ଅନେକ ଚିତ୍ର । ଗାଁ ମାନଙ୍କରୁ ବଡ଼ ବଡ଼ ଆମ୍ବ ତୋଟା ହଜିଯାଇଛି । ଚାଳ ଛପର ମାଟି ଘର ସଂଖ୍ୟା କମି ଯାଇଛି । ମାଟିରେ ପଥର ବସା କୂଅ ଆଉ ଦେଖିବାକୁ ମିଳୁନାହିଁ । ଏବେ ଗାଁ ଦାଣ୍ଡରେ ଗୋଧୂଳି ସମୟରେ ଗଉଡ଼ ପିଲା ଗାଈଙ୍କୁ ଧରି ଗୋଠରୁ ଫେରିବାର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ । ଶୁଭୁ ନାହିଁ ଗାଈପଲଙ୍କ ବେକରେ ବନ୍ଧା ଯାଇଥିବା ଘାଗୁଡିର ଢଗ ଢଗ ଶବ୍ଦ । ଜୀବନ ଜୀବିକା ପାଇଁ ବହୁ ପରିବାର ଗାଁ ଛାଡି ସହରକୁ ଚାଲି ଯାଉଥିବା ଯୋଗୁଁ ଅଧିକାଂଶ ଘର ଆଗରେ ଥିବା ଚଉରା ମୂଳେ ସନ୍ଧ୍ୟାରେ ଜଳୁ ନାହିଁ ସଞ୍ଜବତୀ। ସନ୍ଧ୍ୟାରେ ଭାଗବତ ଘରେ ଜଡ଼ା ତେଲ ଦୀପ ପାଖରେ ଗାଁ ଲୋକଙ୍କର ଭାଗବତ ଚର୍ଚ୍ଚାରେ ସେହି ଆସର ଆଉ ଜମୁନାହିଁ । କଳାହାଣ୍ଡି ଅଞ୍ଚଳରେ ଥିବା ଗାଁ ଗୁଡିକ ଚିତ୍ରରେ ଅନେକ ପରିବର୍ତ୍ତନ ଏବେ ଦେଖିବାକୁ ମିଳୁଛି ।




ପାଠଶାଠ ପଢ଼ିଥିବା ବ୍ୟକ୍ତିମାନେ ଚାକିରି ପାଇଁ ସହରକୁ ଚାଲି ଯାଉଥିବା ବେଳେ ଗାଁରେ ଚାଷବାସ କରି ଚଳୁଥିବା ଲୋକ ଚାଷ କରି କ୍ଷତିଗ୍ରସ୍ତ ହୋଇ ପଡୁଥିବା ଦେଖାଯାଉଛି । ଋଣଭାର ସେମାନଙ୍କ ମୁଣ୍ଡରେ ଲଦି ହୋଇ ଯାଉଥିବାରୁ ଚାଷ ଛାଡି ଅନେକ ଚାଷୀ ଦାଦନ ଖଟିବାକୁ ପଡୋଶୀ ରାଜ୍ୟକୁ ଚାଲି ଯାଉଛନ୍ତି । ଜିଲ୍ଲାର କେତେକ ସହରର ଲୋକଙ୍କୁ ଛାଡି ଦେଲେ ଜିଲ୍ଲାର ଅଧିକାଂଶ ଗାଁ ଦାଣ୍ଡ କବାଟରେ ତାଲା ଝୁଲୁଛି। ଗାଁ ଗୁଡିକ ଏବେ ଖାଁ ଖାଁ ଲାଗୁଛି । ବାରି ଶାଗ ଏବେ ଦୁର୍ଲଭ । କାଗେଜି ଲେମ୍ବୁ, କଞ୍ଚା ଲଙ୍କା, ପରିବା, ଅଣ୍ଡା ଓ ମାଛ ଏବେ ପଡୋଶୀ ଆନ୍ଧ୍ର ରାଜ୍ୟରୁ ଆସି ଗାଁରେ ବିକ୍ରି ହେଉଛି। ଭାଗବତ ଘରେ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରିବାକୁ ଲୋକ ମିଳୁ ନାହାଁନ୍ତି । ଘଣ୍ଟ ଓ ଶଙ୍ଖର ଶବ୍ଦ ଏବେ ଆଉ ଶୁଣା ଯାଉ ନାହିଁ । ନୂଆ ବୋହୂ ମୁଣ୍ଡରେ ଓଢ଼ଣା ପକାଇ ସଞ୍ଜ ବତୀ ଧରି ଚଉରା ପାଖକୁ ଯିବାର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ। ଗୁହାଳେ ଦେଶୀ ଗାଈ ଆଉ ଦାଣ୍ଡରେ କଅଁଳା ବାଛୁରୀର ମନୋରମ ନାଚ କୁଆଡେ ଉଭେଇ ଯାଇଛି । ମାଟି ବଡ଼ାରେ ଏଠି ମରାଯାଉଥିବା ଘିଅ ର ବାସ୍ନା ପାଲଟିଛି ସାତ ସପନ । ସକାଳୁ ଦାଣ୍ଡରେ ଗୋବର ପାଣି ଆଉ ପଡୁ ନାହିଁ । ସମୟ ଚକ୍ରରେ ସବୁ ହଜି ଯାଇଛି । କାର୍ତ୍ତିକ ମେଳଣର ସଂସ୍କୃତିକୁ ପୁରୁଖା ଲୋକମାନେ ଚଳାଇ ରଖିଛନ୍ତି । ଅନେକ ବ୍ୟକ୍ତି ପେଟ ପାଟଣା ପାଇଁ ସହରରେ ରହୁଥିଲେ ମଧ୍ୟ ଗାଁର ଆକର୍ଷଣ ଏବେ ବି ତାଙ୍କୁ ଛାଡିନାହିଁ। ସମୟ ମିଳିଲେ ଗାଁ କୁ ଚାଲିଆସି ଭଜନ, କୀର୍ତ୍ତନ, ଭୋଜି ଭାତରେ ଭାଗନେଇ ସେମାନେ ଆନନ୍ଦ ଉପଭୋଗ କରନ୍ତି। ସହରକୁ ଫେରିବାକୁ ମନଚାହୁଁ ନ ଥିଲେ ମଧ୍ୟ ପେଟ ପାଟଣା ପାଇଁ ସହରକୁ ଫେରିବା ସେମାନେ ବାଧ୍ୟ ହେଉଛନ୍ତି ।

ଗାଁରେ କୁଟୀର ଶିଳ୍ପ ଆଉ ଆଗଭଳି ଦେଖାଯାଉନାହିଁ । ଗାଁ ଗଣ୍ଡାରେ ଥିବା ଅଧିକାଂଶ ପାନ ଦୋକାନରେ ଖୋଲାଖୋଲି ମଦ ଓ ଧଳା ଜହର ବିକ୍ରି ହେଉଛି । ନେତା କେବଳ ଗାନ୍ଧୀଜିଙ୍କ ନାଁ ଓ ତାଙ୍କ ଆଦର୍ଶ କଥା କହି କେତେକ ରାଜନେତାର କ୍ଷମତା ହାସଲ କରି ଚାଲିଛନ୍ତି । ଗାଁ ସ୍କୁଲରେ ଆବଶ୍ୟକ ସଂଖକ ଶିକ୍ଷକ ନାହାଁନ୍ତି ତ ଅନେକ ଗାଁ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ଗାଁର ରୋଗୀକୁ ସହରକୁ ଯିବାକୁ ପଡୁଛି । ଗ୍ରାମ୍ୟ ଜୀବନର ଶାନ୍ତ ପରିବେଶ କ୍ରମେ ରାଜନୀତି ପାଇଁ ଅଶାନ୍ତ ହୋଇ ଉଠୁଛି। ନିଶା ଯୁବକ ମାନଙ୍କୁ କବଳିତ କରିଚାଲିଥିବା ବେଳେ ବିଭିନ୍ନ ପ୍ରକାର ଅପରାଧ ବିଭିନ୍ନ ପ୍ରକାର ଅପରାଧ ଦିନକୁ ଦିନ ବଢ଼ି ଚାଲିଛି ।

ସ୍ୱାଧୀନତା ହେବାର ୭୬ ବର୍ଷ ହେବାପରେ ବି ଗ୍ରାମ୍ୟ ଅର୍ଥନୀତି ବିକଶିତ ହେବା ପରିବର୍ତ୍ତେ ବିପର୍ଯ୍ୟସ୍ତ ହୋଇ ପଡିଛି । ଟଙ୍କିକିଆ ଚାଉଳ ବ୍ୟବସ୍ଥା ଆମ କାମ କରିବାର ସଂସ୍କୃତିକୁ ନଷ୍ଟ କରିଦେଇଛି। ଗାଁ ଗହଳିରେ ଥିବା ଶ୍ରମଜୀବୀଙ୍କ ମଧ୍ୟରେ କାମ କରିବାର ପ୍ରବୃତି ଏବେ ଆଉ ଦେଖିବାକୁ ମିଳୁନାହିଁ। ରୋଜଗାର ସୁବିଧା ସୃଷ୍ଟି କରାଯାଉ ନ ଥିବାରୁ ଜୀବନ ଓ ଜୀବିକା ପାଇଁ ଗାଁ ଛାଡିବାକୁ ବାଧ୍ୟ ହେଉଛନ୍ତି । ଏଥିରେ ଦେଶର ବିକାଶ ହେବ କିପରି । ପୂର୍ବ ଭଳି କେନାଲରେ ପାଣି ଆସୁନାହିଁ । କେନାଲ ଶଯ୍ୟାରେ ବାଲି ଚରି ଗଲାଣି । ଜମିରେ ପାଣି ମାଡୁ ନ ଥିଲେ ବି ଚାଷୀ ଅଭିଯୋଗ କଲେ କେହି ଶୁଣିବାକୁ ନାହାଁନ୍ତି । ବନ୍ୟା, ବାତ୍ୟା, ମରୁଡି ଓ ଅଦିନିଆ ବର୍ଷାରେ ଚାଷୀ ସର୍ବସ୍ୱ ହରାଇ ଥିଲେ ମଧ୍ୟ ସେହିକ୍ଷତି କୁ ଭରଣା କରିବା ପାଇଁ ଆବଶ୍ୟକ ସହାୟତା ତାକୁ ମିଳୁ ନାହିଁ । ଗାଁ ମହାଜନ, ମିଶନ ଶକ୍ତି,ସମବାୟ ସମିତି କିମ୍ବା ବ୍ୟାଙ୍କରୁ ଆଣିଥିବା ଋଣ ଟଙ୍କା ସୁଝି ନ ପାରି ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଥିବା ନେଇ ଅଭିଯୋଗ ହେଉଛି ।



## ଦ୍ୱିତୀୟ ମଡେଲ ଜେଲ ପାଇଁ ଜମି ହସ୍ତାନ୍ତର

**ଯାଜପୁରସଦର, ୨୧।୯ (ସଂଚାର ବ୍ୟୁରୋ):** ବହୁ ବାଦ ବିବାଦ ପରେ ଯାଜପୁର ଜିଲ୍ଲାରେ ମଡେଲ ଜେଲ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟ ଶେଷ ହୋଇଛି। ଭୁବନେଶ୍ୱର ପରେ ଏହା ରାଜ୍ୟର ଦ୍ୱିତୀୟ ମଡେଲ ଜେଲ ବୋଲି କୁହାଯାଉଛି। ଦୀର୍ଘ ଦିନ ଧରି ଏହି ପ୍ରକଳ୍ପ ପାଇଁ ଜମି ଅଧିକରଣ ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା କାରଣରୁ ପ୍ରକଳ୍ପ କାମ ଭୂଇଁରୁ ଉଠିପାରିନାହିଁ। ଯାଜପୁର ବ୍ଲକ ଏରବାଙ୍କ ପଞ୍ଚାୟତରେ ମଡେଲ ଜେଲ ପାଇଁ ମୋଟ ୨୦ ଏକର ଜମି ଚିହ୍ନଟ କରାଯାଇଥିଲା। କିନ୍ତୁ ଏହି ଜମି ଗୋଚର ଓ ଅଞ୍ଚଳବାସୀଙ୍କ କାର୍ଯ୍ୟରେ ଲାଗୁଥିବାରୁ ଏହାକୁ ଜେଲ ପାଇଁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଥିଲେ। ଏପରିକି ଶହଶହ ଲୋକ ରାସ୍ତା ରୋକ କରିବା ସହ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। କିନ୍ତୁ ଏହି ଜମି ସରକାରଙ୍କ ଅଧିନରେ ଥିବାରୁ ଏହାକୁ ଅଧିଗ୍ରହଣ କରିବାକୁ ନିଷ୍ପତି ହୋଇଥିଲା। ଯାହାକି ପ୍ରଶାସନ ତିନି ତିନି ଥର ମାପଚୁପ କରି ଖୁଣ୍ଟି ବସାଇଥିବା ବେଳେ କିଛି ଅସାଧୁ ବ୍ୟକ୍ତି ଏହାକୁ ନେଇ ପଳାଉଥିଲେ। ତେବେ ୩ୟ ଥର ପାଇଁ ଜମି ଚିହ୍ନଟ ପକ୍ରିୟା ସଫଳତାର ସହ ଶେଷ ହୋଇଛି। ଯାହାକି ପରେ ପୁଲିସ ହାଉସିଂ କର୍ପୋରେସନକୁ ହସ୍ତାନ୍ତର କରାଯାଇଛି। ଏହି ପ୍ରକଳ୍ପ ହେଲେ ବିଚାରଧୀନ କଏଦୀ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ରହିପାରିବେ। ଆଗାମୀ ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାମ ଶେଷ ହେବ ବୋଲି ଲକ୍ଷ୍ୟ ରହିଛି। ଏଥିପାଇଁ ୧୦୦ କୋଟିର ଅନୁଦାନ ରହିଛି। ଏହି କାରଗାରରେ ୫ଟି କୁଟୀର ଶିଳ୍ପ କରଖାନା ଯେପରିକି ଫିନାଇଲ,ବେକେରୀ, ମହମତୀ, କପଡା ପ୍ରସ୍ତୁତ କରାଯିବ। ସେହିପରି ଚାଷ ଅଞ୍ଚଳ ମଧ୍ୟ ରହିଛି। ଏନଏଚଆରସି ନିୟମାନୁଯାୟୀ ଏହି ଜେଲକୁ ପ୍ରସ୍ତୁତ କରାଯାଉଛି। ଏହି କାରଗାରରେ ଯୁବ କଏଦୀ, ଅଭ୍ୟାସଗତ ଅପରାଧୀ ଓ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ପାଇଁ ଭିନ୍ନଭିନ୍ନ ବ୍ଲକ୍ କରାଯାଇଛି। ସେହିପରି ଆଧ୍ୟାତ୍ମିକ ହଲ ସହ ବହୁ ଅତ୍ୟାଧୁନିକ ବ୍ୟବସ୍ଥାରେ ଏହାକୁ ନିର୍ମାଣ କରାଯିବ।

# 'ଚାଏ ପେ ଚର୍ଚ୍ଚା'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ଷ୍ଟାଡିଅମ୍‌ରେ ପ୍ରାତଃଭ୍ରମଣ



ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଷ୍ଟାଡିଅମରେ ପ୍ରାତଃଭ୍ରମଣ କରିଥିଲେ। ଲୋକଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର ଚିରାଚରିତ ଢଙ୍ଗରେ ପୁରୁଣା ବନ୍ଧୁ, ସାଧାରଣ ଲୋକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ସହିତ ଜିଲ୍ଲାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପୁରୁଣା ଜାଗାକୁ ଆସି ପୁରୁଣା ସାଥୀମାନଙ୍କ ସହିତ ଶନିବାର ପ୍ରାତଃଭ୍ରମଣ କରି ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ପ୍ରାତଃଭ୍ରମଣ ପରେ ସେ ଷ୍ଟାଡିଅମ ପାଖରେ ଥିବା ବିଦେଶୀବାବୁଙ୍କ ଚା ଦୋକାନରେ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗ ଦେଇ ବନ୍ଧୁ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦୁଝରର ବିକାଶ ପାଇଁ ବିରୋଧୀ ଦଳରେ ଥିବା ବେଳେ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଥିଲି। ଆଗାମୀ ଦିନରେ କେନ୍ଦୁଝରକୁ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରାଯିବ। ଦାରିଦ୍ର୍ୟ ହଟିବ ଏବଂ ପ୍ରାକୃତିକ ସମ୍ପଦର ସୁବିନିଯୋଗ କରାଯାଇ ଜିଲ୍ଲାକୁ ସମୃଦ୍ଧି ପଥରେ ଆଗେଇ ନିଆଯିବ। ଏହି ଅବସରରେ ସେ ଚା ଦୋକାନୀ ବିଦେଶୀବାବୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ଚା ଦୋକାନରେ ବନ୍ଧୁମାନଙ୍କ ସହିତ ମିଶି ପୁରୁଣା ଦିନର ସ୍ମୃତି ଚାରଣ କରିଥିଲେ।

# ନୂଆଁଖାଇ ଦେଶରେ ନୂଆ ପରିଚୟ ତିଆରି କରିଛି



ନୂଆଦିଲ୍ଲୀ ୨୧।୯: ସେପ୍ଟେମ୍ବର ୨୧ - ଗଣପର୍ବ "ନୂଆଁଖାଇ" ସାରା ଦେଶରେ ଓଡ଼ିଶାର ନୂଆ ପରିଚୟ ତିଆରି କରିଛି । ଗାଁରୁ ସହର, ରାଜ୍ୟରୁ ଦେଶ ତଥା ବିଦେଶରେ ମଧ୍ୟ ଓଡ଼ିଆମାନେ ଉତ୍ସାହ ଉଦ୍ଦୀପନାରେ ଏହି ପର୍ବ ସହ ଯୋଡିହେବା ଖୁସିର ବିଷୟ ବୋଲି ଶନିବାର ନୂଆଦିଲ୍ଲୀ ଠାରେ 'ଜୁହାର୍ ନୂଆଁଖାଇ ପରବ୍-୨୦୨୪'ର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀରେ ରହୁଥିବା ଆମର ଓଡ଼ିଆ ଭାଇ ଭଉଣୀମାନେ ଉତ୍ସାହର ସହ ନୂଆଁଖାଇ ପାଳି ବେଶ୍ ଆନନ୍ଦ ଅନୁଭବ କରିଛନ୍ତି। ନୂଆଁଖାଇ ଆଉ ରାଜ୍ୟ ଭିତରେ ସୀମିତ ହୋଇ ରହିଛି । ଦେଶରୁ ବିଦେଶ ପର୍ଯ୍ୟନ୍ତ ବ୍ୟାପିଲାଣି । ସମ୍ବଲପୁର ଲୋକସଭାର ପ୍ରତିନିଧି ଭାବରେ ଦାୟିତ୍ୱ ନେବା ପରେ ଦିଲ୍ଲୀରେ ଏହି ପର୍ବରେ ସାମିଲ ହେବା ମୋ ପାଇଁ ସୌଭାଗ୍ୟର ବିଷୟ । ରାଷ୍ଟ୍ରୀୟ ରାଜଧାନୀରେ ସମସ୍ତେ ଏକାଠି ହୋଇ ନୂଆଁଖାଇ ପାଳନ କରିବା ଏକ ଅପୂର୍ବ ଅବସର। ଆମର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ପାଳନ କରିବା ସହ ନୂଆଦିଲ୍ଲୀରେ ଓଡ଼ିଶାର ଭ୍ରମ ସୃଷ୍ଟି କରିପାରିଥିବାରୁ ଜୁହାର୍ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ଜୁହାର୍ ପରିବାରର ଉଦ୍ୟମ ସଫଳ ହେବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା'ସମଲେଇଙ୍କ ପାଖରେ ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ମଙ୍ଗଳ କାମନା କରିଛନ୍ତି।

**ଦେଶ ବିଦେଶରେ ଓଡ଼ିଆମାନେ ନୂଆଁଖାଇ ପାଳିବ କରିବା ଖୁସିର ବିଷୟ**

**ଦିଲ୍ଲୀ ରାଜଧାନୀରେ ସମସ୍ତେ ଏକାଠି ହୋଇ ନୂଆଁଖାଇ ପାଳନ କରିବା ଏକ ଅପୂର୍ବ ଅବସର**

# ମୁଖ୍ୟଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ



ବାଲେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): କୋଟିପତି ମୁଖ୍ୟଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ। ବାଲେଶ୍ୱର ରୁରାଲ୍ ୱାର୍କସ ମୁଖ୍ୟଯନ୍ତ୍ରୀ ଏନ୍.ଭି ହରିହର ରାଓଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ଜଣାଯାଇଛି। ଗତକାଲି ହରିହରଙ୍କ ପୈତୃକ ଘର, ଅଫିସ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଓ ଫୁଲବାଣୀରେ ଥିବା ଘର ସମେତ ମୋଟ ୧୧ଟି ସ୍ଥାନରେ ଚଢଉ କରିଥିଲା ଭିଜିଲାନ୍ସ। ଚଢ଼ଉ ବେଳେ ୨ଟି କୋଠା, ଗୋଟିଏ ଫ୍ଲାଟ୍ ଓ ୪ଟି ପ୍ଲଟ୍ ଓ ଦୁଇଟି ବେନାମୀ ଫ୍ଲାଟ୍ ଠାବ କରିଥିଲା ଭିଜିଲାନ୍ସ। ହରିହର ବ୍ୟାଙ୍କରେ ୧.୧୧ କୋଟି ଟଙ୍କା ଜମା ରଖିବା ସହ ତାଙ୍କର ଗୋଟିଏ ଚାରି ଚକିଆ ଓ ଗୋଟିଏ ଦୁଇ ଚକିଆ ଗାଡ଼ି ଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ତାଙ୍କ ଶଳାଙ୍କ ଘରୁ ନଗଦ ୪୬.୪୫ ଲକ୍ଷ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ହରିହର ଠୁଳ କରିଥିବା ସମ୍ପତ୍ତି ବାବଦରେ ଭିଜିଲାନ୍ସ ତାଙ୍କୁ ପଚରାଉଚରା କରିଥିଲା। ହେଲେ ସେ ସମସ୍ତ ସମ୍ପତ୍ତି ବିଷୟରେ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ଭିଜିଲାନ୍ସ ଆଜି ତାଙ୍କୁ ଗିରଫ କରିଛି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ରଜତ ଜୟନ୍ତୀ ଉତ୍ସବ

# ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଜ୍ଞତା ସମାଜ ପାଇଁ ଅମୂଲ୍ୟ ପୁଞ୍ଜି



ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରଜତ ଜୟନ୍ତୀ ଉତ୍ସବରେ ଯୋଗ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସଂଘ ମାଧ୍ୟମରେ ଜିଲ୍ଲାର ସମସ୍ତ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ମାନେ ଏକଜୁଟ୍ ହୋଇ ପାରିଛନ୍ତି। ୧୯୮୧ ମସିହାରୁ ଜିଲ୍ଲାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଆପଣମାନେ ଏହି ସଂଘ ଆରମ୍ଭ କରିଛନ୍ତି। ଏଥିରେ ପ୍ରାୟ ଏକ ହଜାରରୁ ଅଧିକ ସଦସ୍ୟ ଅଛନ୍ତି। ସରକାରୀ ଚାକିରୀରୁ ଅବସର ନେଇଥିଲେ ମଧ୍ୟ ଏକ ସୁସ୍ଥ ସମାଜ ଗଠନ ଦିଗରେ ଆପଣମାନେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ତାହା ନିଶ୍ଚିତ ରୂପେ ପ୍ରଶଂସନୀୟ। ଆପଣମାନେ ସମସ୍ତେ ନିଜ ନିଜ କ୍ଷେତ୍ରରେ ଜଣେ ଜଣେ ଅଭିଜ୍ଞ ସମ୍ପନ୍ନ ବ୍ୟକ୍ତିତ୍ୱ। ଜୀବନକାଳ ମଧ୍ୟରେ ହାସଲ ହୋଇଥିବା ଅଭିଜ୍ଞତାକୁ ଆଜି ଦକ୍ଷତାର ସହ ସମାଜକଲ୍ୟାଣ କ୍ଷେତ୍ରରେ ଉପଯୋଗ କରୁଛନ୍ତି। ପ୍ରଶାସନିକ ଓ ସାମାଜିକ କ୍ଷେତ୍ରରେ ଆପଣମାନଙ୍କ ଜ୍ଞାନ ଓ ଅଭିଜ୍ଞତା ସମାଜ ପାଇଁ ଅମୂଲ୍ୟ ପୁଞ୍ଜି। ଏହି ପୁଞ୍ଜି ଆଗାମୀ ଦିନରେ ସମାଜକୁ ନିଶ୍ଚିତ ରୂପେ ସୁଦୃଢ଼ ଓ ସମୃଦ୍ଧ କରିବ ବୋଲି ସେ କହିଥିଲେ। କେନ୍ଦୁଝର ଜିଲ୍ଲାର ଖଣିଜ ସମ୍ପଦର ସୁବିନିଯୋଗରେ ଆମକୁ ଆମ ପର ପିଢି ପାଇଁ ଜିଲ୍ଲାର ବିକାଶ କରିବାକୁ ହେବ । ସେ ପୁଣି କହିଥିଲେ ଯେ ପରିବେଶ ସୁରକ୍ଷା ପାଇଁ ଆମ ପ୍ରଧାନମନ୍ତ୍ରୀ 'ଏକ ପେଡ୍ ମା କେ ନାମ୍'ର ଆହ୍ୱାନ ଦେଇଛନ୍ତି। ଆମ ସମସ୍ତଙ୍କୁ ଏହାକୁ ଗୁରୁତ୍ୱର ସହ ନେଇ ପରିବେଶ ପ୍ରଦୁଷଣ ରୋକିବା ପାଇଁ ବୃକ୍ଷ ରୋପଣ କରିବାକୁ ପଡ଼ିବ। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, କେନ୍ଦୁଝର ପୌରପାଳିକା ଅଧ୍ୟାକ୍ଷା ଶ୍ରୀମତୀ ନିକୁ ସାହୁ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ଚନ୍ଦ୍ର ମହାନ୍ତି, ସଂଘର ସଭାପତି ଅକ୍ଷୟ କୁମାର ନାୟକ ଓ ସଂପାଦକ କୃଷ୍ଣଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ କ୍ୟାମ୍ପ ଅଫିସ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା ମଣ୍ଡୁଆଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଏକ କ୍ୟାମ୍ପ ଅଫିସ ଉଦଘାଟନ କରିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଲୋକମାନେ ସୁବିଧାରେ ଅଭିଯୋଗ କରି ପାରିବେ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି କ୍ୟାମ୍ପ ଅଫିସ ଖୋଲା ଯାଇଛି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବରେ ସୁନାମ ଅର୍ଜନ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ଆହୁରି ସରଳ ଓ ସହଜ କରିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସହିତ ଏହି କ୍ୟାମ୍ପ ଅଫିସରେ ମଧ୍ୟ ଲୋକଙ୍କ ଠାରୁ ଅଭିଯୋଗ ଗ୍ରହଣ କରାଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ।

# ରତ୍ନଭଣ୍ଡାରର ୪ଘଣ୍ଟା ସର୍ବେକ୍ଷଣ



ପୁରୀ, ୨୧।୯ (ସଂଚାର ବ୍ୟୁରୋ): ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏ.ଏସ.ଆଇ) ପକ୍ଷରୁ ଶନିବାର ପୁଣିଥରେ ରତ୍ନଭଣ୍ଡାରର ସର୍ଭେ କରାଯାଇଛି। ବୈଷୟିକ ଉପକରଣ ବ୍ୟବହାର କରାଯାଇ ଏହି ବୈଜ୍ଞାନିକ ସର୍ବେକ୍ଷଣ କରାଯାଇଛି । ରବିବାର ମଧ୍ୟ ଏହି ସର୍ଭେ ଚାଲିବ । ସେହିପରି ରବିବାର ମଧ୍ୟ ବିଶେଷ ନୀତି ନିର୍ଘଣ୍ଟ ଅନୁସାରେ ଦିନ ୧ଟାରୁ ଠାରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ସେହି ସମୟରେ ମହାପ୍ରସାଦ କ୍ରୟ କରିବାକୁ ଇଚ୍ଛୁକ ଭକ୍ତ ସିଂହଦ୍‌ୱାର ପଟେ ବାଇଶି ପାହାଚ ଦେଇ ଆନନ୍ଦ ବଜାରରୁ ମହାପ୍ରସାଦ କ୍ରୟ କରି ଉତ୍ତର ଦ୍ୱାର ପଟେ ପ୍ରସ୍ଥାନ କରିପାରିବେ । ଶନିବାର ଏ.ଏସ.ଆଇ ପକ୍ଷରୁ ଆଜି ପୁଣିଥରେ ରତ୍ନଭଣ୍ଡାରର ସର୍ଭେ କରାଯିବାକୁ ଥିବାରୁ ବିଶେଷ ନୀତି ନିର୍ଘଣ୍ଟ ହୋଇଥିଲା। ରାତି ୨ଘ ୩୫ ମିନିଟ୍ ସମୟରେ ଦ୍ୱାର ଫିଟା ନୀତି ଅନୁଷ୍ଠିତ ହୋଇଥିବା ବେଳେ ନିଜେ ମୁଖ୍ୟ ପ୍ରଶାସକ ଉପସ୍ଥିତ ରହି ନୀତି ତ୍ୱରାନ୍ୱିତ କରିଥିଲେ । ଧାର୍ଯ୍ୟ ନୀତିକାନ୍ତି ଶେଷ ହେବା ପରେ ଦିନ ୧ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ହୋଇଥିଲା । ଦିନ ପ୍ରାୟ ୨ଟା ବେଳେ ମିଳିତ ଟିମ ବୈଷୟିକ ଉପକରଣ ସହ ରତ୍ନଭଣ୍ଡାରରେ ପ୍ରବେଶ କରିଥିଲେ । ସନ୍ଧ୍ୟା ପ୍ରାୟ ୬ଟା ବେଳେ ଆଜିର ପ୍ରକ୍ରିୟା ଶେଷ ହୋଇଥିଲା । ଏନେଇ ମୁଖ୍ୟ ପ୍ରଶାସକ ଡା ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ବୈଷୟିକ ସର୍ଭେ କରାଯାଇଛି । ଆଜି ୪ ଘଣ୍ଟା ଧରି ସର୍ବେକ୍ଷଣ କରାଗଲା । ତେବେ ଏହା ଅସମ୍ପୂର୍ଣ୍ଣ ଥିବାରୁ ଆସନ୍ତାକାଲି ମଧ୍ୟ ଏହି ସର୍ଭେ ଅନୁଷ୍ଠିତ ହେବ । ଏଥିପାଇଁ ସହଯୋଗ ସକାଶେ ଭକ୍ତଗଣ, ସେବକ, ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ, ଏ.ଏସ.ଆଇର ବୈଷୟିକ ଟିମ୍, ଶ୍ରୀମନ୍ଦିର ପ୍ରଶାସନ ତଥା ଜିଲ୍ଲା ପ୍ରଶାସନର କର୍ମଚାରୀ, ପୋଲିସ୍ ପ୍ରଶାସନ ଏବଂ ଗଣମାଧ୍ୟମକୁ ଧନ୍ୟବାଦ ଅର୍ପଣ କରିଛନ୍ତି ମୁଖ୍ୟ ପ୍ରଶାସକ । ସେହିପରି ଦର୍ଶନରେ ବ୍ୟାଘାତ ପାଇଁ ଭକ୍ତଗଣଙ୍କୁ ମଧ୍ୟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ଷମାପ୍ରାର୍ଥନା କରିଛନ୍ତି । ପୂର୍ବରୁ ଗତ ୧୮ ସେପଟେମ୍ବର ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ଭେ କାର୍ଯ୍ୟ ଏ.ଏସ୍.ଆଇ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ସେହି ଦିନ ସର୍ଭେ ସମୟରେ ଏ.ଏସ୍.ଆଇର ବୈଷୟିକ ଟିମର ମୁଖ୍ୟ ଏବଂ ସି.ଏସ.ଆଇ.ଆର୍-ଏନ.ଜି.ଆର.ଆ ର ମୁଖ୍ୟ ବୈଜ୍ଞାନିକ ଆଉ ଏକ ରାଉଣ୍ଡ ସର୍ଭେ କରିବାକୁ ମତାମତ ଦେଇଥିଲେ । ରାଡାର୍ ପେନିଟ୍ରେଟିଂ ସିସ୍ଟମ୍ ତଥା ଅନ୍ୟ ବୈଷୟିକ ଉପକରଣ ବ୍ୟବହାର କରାଯାଇ ଏହି ସର୍ଭେ କରିବା ପରେ ହିଁ ଚୂଡାନ୍ତ ରିପୋର୍ଟ ଦାଖଲ କରିବାକୁ ବୈଷୟିକ ଟିମ୍ ପ୍ରସ୍ତାବ ଦେଇଥିଲେ । ସେପଟେମ୍ବର ୨୪ ତାରିଖ ଠାରୁ ଷୋଳ ପୂଜା ସମ୍ପର୍କିତ ନୀତିକାନ୍ତି ଆରମ୍ଭ ହେବା ପୂର୍ବରୁ ବାକି ଥିବା ସର୍ଭେ ଶେଷ କରି ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ପ୍ରଶାସକ ଗୁରୁତ୍ୱାରୋପ କରି ଏ.ଏସ.ଆଇ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ ।

# ଓଡ଼ିଶାରେ ମଙ୍କିପକ୍ସ ରୋଗୀ ନାହାନ୍ତି




**ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଅଛି**

ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ମଙ୍କି ପକ୍ସ ରୋଗ ନେଇ କୌଣସି ଆଶଙ୍କା ଓ ଭୟଭୀତ ନହେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ପରାମର୍ଶ ଭୂତାଣୁ ଜନିତ ମଙ୍କି ପକ୍ସ ରୋଗକୁ ନେଇ ଓଡ଼ିଶାର ଜନସାଧାରଣ କୌଣସି ଆଶଙ୍କା ଓ ଭୟଭୀତ ନହେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି । ଓଡ଼ିଶାରେ ମଙ୍କି ପକ୍ସ ରୋଗରେ ଅଦ୍ୟାବଧି କେହି ଜଣେ ବି ବ୍ୟକ୍ତି ସଂକ୍ରମିତ ହୋଇନାହାଁନ୍ତି । ଏହାସହ, ମଙ୍କି ପକ୍ସ ସଂକ୍ରମିତ ୧୪ଟି ଦେଶକୁ ଆମ ରାଜ୍ୟରୁ ସିଧାସଳଖ କୌଣସି ବିମାନ ଚଳାଚଳ ବ୍ୟବସ୍ଥା ନଥିବା ସତ୍ତ୍ୱେ, ଓଡ଼ିଶାର ଉଭୟ ବିମାନ ବନ୍ଦର, ବିଭିନ୍ନ ବନ୍ଦର କର୍ତ୍ତୃପକ୍ଷ ଓ ସଂପୃକ୍ତ ସମସ୍ତଙ୍କୁ ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ସଚେତନ ଓ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ଏ ସଂପର୍କରେ ଏକ ଆଲୋଚନା ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକ ସେବା ଭବନ ସ୍ଥିତ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ବିମାନ ବନ୍ଦରର ନିର୍ଦ୍ଦେଶକ, ବିମାନ ଚଳାଚଳ ନିର୍ଦ୍ଦେଶକ, ପାରାଦୀପ, ଗୋପାଳପୁର, ଧାମରା ବନ୍ଦର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ ।

ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଭାରତରେ ୩ ଜଣଙ୍କ ମଧ୍ୟରୁ କେରଳରେ ୧ଟି ଏବଂ ଦିଲ୍ଲୀରେ ଗୋଟିଏ ମଙ୍କି ପକ୍ସ ରୋଗୀ ଚିହ୍ନଟ ହୋଇଛନ୍ତି । ଏହି ରୋଗକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜନ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଆନ୍ତର୍ଜାତୀୟସ୍ତରରେ ଏକ ଜରୁରୀକାଳୀନ/ଚିନ୍ତାଜନକ ରୋଗ ବୋଲି ଘୋଷଣା କରିଥିବା ହେତୁ ଭାରତ ସରକାର ସମସ୍ତ ରାଜ୍ୟକୁ ଏ ସଂପର୍କରେ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି । ଓଡ଼ିଶାରେ ମଙ୍କି ପକ୍ସ ରୋଗରେ ଅଦ୍ୟାବଧି କେହି ଜଣେ ବି ବ୍ୟକ୍ତି ସଂକ୍ରମିତ ନ ହେବା ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ପ୍ରସ୍ତୁତ ରହିବା ସହିତ ସମସ୍ତ ଜିଲ୍ଲା ପ୍ରଶାସନକୁ ମାର୍ଗଦର୍ଶିକା ପ୍ରେରଣ କରିଛନ୍ତି । ଏମସ ଭୁବନେଶ୍ୱରଠାରେ ଲାବ ଟେଷ୍ଟିଙ୍ଗ ବ୍ୟବସ୍ଥା ହୋଇଥିଲାବେଳେ ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ବିମାନ ବନ୍ଦର ତାସହ ପାରାଦୀପ, ଗୋପାଳପୁର, ଧାମରା ବନ୍ଦରଠାରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ।

# ଏମ୍ସରେ ୧୦ ଲକ୍ଷରୁ ଅଧିକ ରୋଗୀଙ୍କ ଚିକିତ୍ସା



ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): ଏମ୍ସ ଭୁବନେଶ୍ୱର ଗତ ବର୍ଷ ୧୦ ଲକ୍ଷରୁ ଅଧିକ ବାହାର ରୋଗୀଙ୍କ ଚିକିତ୍ସା କରିଛି ଏବଂ ୧୭ ଲକ୍ଷ ଡାଇଗ୍ନୋଷ୍ଟିକ୍ ଟେଷ୍ଟ ଏବଂ ୨୫,୦୦୦ ଅସ୍ତ୍ରୋପଚାର କରିଛି। ଏବିଏଚଏ (ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଖାତା) ପଞ୍ଜୀକରଣରେ ଏହା ଦେଶରେ ତୃତୀୟ ସ୍ଥାନରେ ରହିଛି ଏବଂ ୭,୦୫,୭୬୦ ଟୋକନ୍ ଉତ୍ପାଦନ କରିଛି। ଏହା ୨୦୨୪ ପାଇଁ ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଂ ଫ୍ରେମୱାର୍କ (ଏନଆଇଆରଏଫ)ରେ ୧୫ତମ ସ୍ଥାନ ହାସଲ କରିଛି, ଯାହା ୨୦୨୨ରେ ୨୬ତମ ସ୍ଥାନରେ ରହିଥିଲା।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଜାତୀୟ ଅନୁଷ୍ଠାନ ଏମସ୍ ଭୁବନେଶ୍ୱରର ଦ୍ୱାଦଶ ବାର୍ଷିକ ଦିବସ ଆଜି ପାଳିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବାକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅନୁଷ୍ଠାନକୁ ପ୍ରଶଂସା କରିବା ସହ ଦୈନିକ ରୋଗୀ ଙ୍କ ଆଗମନ ଏହାର ସଫଳତାକୁ ପ୍ରତିଫଳିତ କରୁଛି। ଭୁବନେଶ୍ୱର ଏମ୍ସର ସଫଳତା ଉପରେ ଆଲୋକପାତ କରି ସିଂହଦେଓ ଅନୁଷ୍ଠାନର ଉଲ୍ଲେଖନୀୟ ରୋଗୀ ସେବାକୁ ପ୍ରଶଂସା କରିବା ସହ ଜମି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଭୁବନେଶ୍ୱର ଏମସ୍‌ର ନିରନ୍ତର ବିକାଶକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ତାଙ୍କ ଅଭିଭାଷଣରେ ଏମସ୍ ଭୁବନେଶ୍ୱର ଟିମର ସାମୂହିକ ଉଦ୍ୟମକୁ ପ୍ରଶଂସା କରିବା ସହ ରୋଗୀ ସେବା ଓ ଚିକିତ୍ସା ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମେ ଜଟିଳ ଜୀବନ ରକ୍ଷାକାରୀ ପ୍ରକ୍ରିୟା କରିଛୁ ଏବଂ ସ୍ୱାସ୍ଥ୍ୟସେବାରେ ଅଭିନବତା ପ୍ରତି ଏକ ଦୃଢ଼ ସମର୍ପଣ ପ୍ରଦର୍ଶନ କରିଛୁ ବୋଲି ସେ କହିଛନ୍ତି। ମୃତ ଦାତାଙ୍କ ଠାରୁ ଅଙ୍ଗ ପୁନରୁଦ୍ଧାର, ଇସିଏମଓ ଥେରାପି ଏବଂ ମୁଣ୍ଡରୁ ୭ କେଜି ସିନୋଭିଆଲ ସାର୍କୋମା ଟ୍ୟୁମର ବାହାର କରିବା ଭଳି ଜଟିଳ ଅସ୍ତ୍ରୋପଚାର ଭଳି ଅନେକ ଉଲ୍ଲେଖନୀୟ ଡାକ୍ତରୀ ସଫଳତା ଉପରେ ସେ ଆଲୋକପାତ କରିଥିଲେ। ଉତ୍କୃଷ୍ଟ ଶୈକ୍ଷିକ ପ୍ରଦର୍ଶନ, ଗବେଷଣା ଉତ୍ପାଦନ ଏବଂ ଅନୁକୂଳ ଶିକ୍ଷଣ ପରିବେଶ କାରଣରୁ ଏହି ଅନୁଷ୍ଠାନ ଏମବିବିଏସ ଆଶାର୍ଥୀଙ୍କ ପାଇଁ ଏକ ପସନ୍ଦ ପସନ୍ଦ ପାଲଟିଛି, ଯାହା କି ନୂଆଦିଲ୍ଲୀ ଏମସ୍ ପରେ ଦ୍ୱିତୀୟ ସ୍ଥାନରେ ରହିଛି। କାର୍ଯ୍ୟକ୍ରମରେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମ ମଧ୍ୟ ସାମିଲ ଥିଲା, ଯେଉଁଥିରେ ସଫଳ ପ୍ରତିଯୋଗୀମାନଙ୍କୁ ସ୍ୱୀକୃତି ଓ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଭୁବନେଶ୍ୱର ଏମ୍ସ ଏହାର ବାର୍ଷିକ ସ୍ମାରକୀ 'ଦି ଇନସାଇଟ୍'କୁ ଉଦ୍ ଘାଟନ କରିଥିଲା। କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ୍) ଡାକ୍ତର ପିଆର ମହାପାତ୍ର, ଡିନ୍ (ଗବେଷଣା) ଡାକ୍ତର ସତ୍ୟଜିତ ମିଶ୍ର, ଡିନ୍ (ପରୀକ୍ଷା) ଡାକ୍ତର ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡାକ୍ତର ଦିଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟି ସମ୍ପାଦକ ଡ. ଶ୍ୱେତା ସିଂହ ଓ ଅତିରିକ୍ତ ଶାସନ ସଚିବ ଡ. ସୋମନାଥ ପାଢ଼ୀ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ସଂଯୋଜନା କରି ଏମସ୍ ଭୁବନେଶ୍ୱରର ସଫଳତାକୁ ନିରବଚ୍ଛିନ୍ନ ଭାବେ ପାଳନ କରିବା ସୁନିଶ୍ଚିତ କରିଥିଲେ।

# ଲକ୍ଷ୍ୟ ହାସଲରେ ବିଫଳ ସ୍ମାର୍ଟ ସିଟି ପ୍ରକଳ୍ପ

## ଅଫିସର ନିଯୁକ୍ତିରେ ଅଣ ଓଡ଼ିଆଙ୍କୁ ପ୍ରାଥମିକତା

ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଅନୁଦାନରେ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାରେ ଆରମ୍ଭ ହୋଇଥିବା ସ୍ମାର୍ଟ ସିଟି ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ଯୋଜନାରେ ଉନ୍ନୟନମୂଳକ କାମକୁ ଭୁଲି କେବଳ ଅଣଓଡ଼ିଆ ଅଧିକାରୀ ପୋଷା ହୋଇଛି। ସ୍ମାର୍ଟ ସିଟି ମିଶନ ଅଧୀନରେ ୨୦୧୬-୧୭ରେ କେନ୍ଦ୍ର ସରକାରଙ୍କଦ୍ୱାରା ଅନୁମୋଦନ ପ୍ରାପ୍ତ ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିବାରୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ୍)କୁ ନିୟନ୍ତ୍ରକ ଓ ଅଡିଟର ଜେନେରାଲ୍ (ସିଏଜି) କଡ଼ା ସମାଲୋଚନା କରିଛନ୍ତି ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ସଦ୍ୟତମ ଅଡିଟ୍ ରିପୋର୍ଟରେ ସିଏଜି କହିଛନ୍ତି ଯେ ୨୦୨୨ ମାର୍ଚ୍ଚ ସୁଦ୍ଧା ଭୁବନେଶ୍ୱର ଓ ରାଉରକେଲାରେ ସ୍ମାର୍ଟ ସିଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଗଠିତ ଦୁଇଟି ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ (ଏସ୍‌ପିଭି) ଉଭୟ ବିଏସ୍‌ସିଏଲ୍ ଓ ଆର୍‌ଏସ୍‌ସିଏଲ୍ ସେମାନଙ୍କ ମୋଟ ଅନୁମୋଦିତ ସ୍ମାର୍ଟ ସିଟି ପ୍ରସ୍ତାବର ଯଥାକ୍ରମେ ମାତ୍ର ୩୬ ପ୍ରତିଶତ ଓ ୩୭ ପ୍ରତିଶତ ହାସଲ କରିବାରେ ସକ୍ଷମ ହୋଇଛନ୍ତି ।

ବିଏସ୍‌ସିଏଲ୍ କ୍ଷେତ୍ରରେ ୬୪ ପ୍ରତିଶତ ଏବଂ ଆର୍‌ଏସ୍‌ସିଏଲ୍ କ୍ଷେତ୍ରରେ ୬୩ ପ୍ରତିଶତ ପ୍ରକଳ୍ପର ଯଥେଷ୍ଟ ଅଂଶ ଗ୍ରହଣ କରାଯାଇ ପାରିନଥିବାରୁ ସହରବାସୀଙ୍କୁ ଧାର୍ଯ୍ୟ ସୁବିଧାରୁ ବଞ୍ଚିତ କରାଯାଇଛି । ଫଳରେ ଉଭୟ ସହର ସ୍ମାର୍ଟ ସିଟି ମାନ୍ୟତା ହରାଇଛନ୍ତି ବୋଲି ସିଏଜି କହିଛନ୍ତି ।

ଦୁଇ ସହରର ସ୍ମାର୍ଟ ସିଟି ପ୍ରସ୍ତାବରେ ବିଏସସିଏଲ ପାଇଁ ୪,୫୩୭ କୋଟି ଟଙ୍କା ଏବଂ ଆରଏସସିଏଲ ପାଇଁ ୨,୫୭୧ କୋଟି ଟଙ୍କାର ପ୍ରକଳ୍ପ ରହିଛି। ତେବେ ବିଏସ୍‌ସିଏଲ୍ ୨୦୧୬-୧୭ରୁ ୨୦୨୧-୨୨ ମଧ୍ୟରେ ୧୬୨୧.୯୪ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିଥିବାବେଳେ ଆର୍‌ଏସ୍‌ସିଏଲ୍ ୯୫୦.୯୧ କୋଟି ଟଙ୍କାର ପ୍ରକଳ୍ପ ହାତକୁ ନେଇଛି। ପିପିପି ମୋଡ଼ରେ ଥାକ୍ରମେ ୨୫୭୮ କୋଟି ଓ ୩୩୪ କୋଟି ଟଙ୍କା ସମେତ ବିଭିନ୍ନ ଉତ୍ସରୁ ଦୁଇଟି ଏସ୍‌ପିଭି ପାଣ୍ଠି ସଂଗ୍ରହ କରିବାର ଥିଲା । କିନ୍ତୁ ଏହି ଉତ୍ସଗୁଡ଼ିକୁ ଉପଯୋଗ କରିବା ପାଇଁ କୌଣସି ଯୋଜନା କରାଯାଇ ନାହିଁ, ଯେଉଁଥିପାଇଁ ଉଭୟ ଏସପିଭି ୨୦୨୨ ମାର୍ଚ୍ଚ ସୁଦ୍ଧା ୭,୧୦୮ କୋଟି ଟଙ୍କାର ଆବଶ୍ୟକ ପାଣ୍ଠି ତୁଳନାରେ ମାତ୍ର ୧,୮୧୭ କୋଟି ଟଙ୍କା ସଂଗ୍ରହ କରିଥିଲେ, ରିପୋର୍ଟରେ କୁହାଯାଇଛି ପାଣ୍ଠି ଏବଂ ସମ୍ବଳର ସଠିକ ବିନିଯୋଗ ଅଭାବରୁ ବିଏସ୍‌ସିଏଲ୍ ଏବଂ ଆର୍‌ଏସ୍‌ସିଏଲ୍ ଅନେକ କ୍ଷେତ୍ରଭିତ୍ତିକ ବିକାଶ (ଏବିଡି) ପ୍ରକଳ୍ପକୁ ବାଦ୍ ଦେଇ ସେମାନଙ୍କ ସ୍ମାର୍ଟ ସିଟି ଉପାଦାନ ଆକାରକୁ ଯଥେଷ୍ଟ ହ୍ରାସ କରିଛନ୍ତି । ରିପୋର୍ଟରେ ଆହୁରି କୁହାଯାଇଛି ଯେ ବିଏସ୍‌ସିଏଲ୍ ପ୍ରଥମେ ୪,୫୩୭ କୋଟି ଟଙ୍କା ମୂଲ୍ୟର ୫୭ଟି ଏବିଡି ଏବଂ ପାନ୍ ସିଟି ପ୍ରକଳ୍ପ ଯୋଜନା କରିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ୧,୬୨୧.୯୪ କୋଟି ଟଙ୍କା ମୂଲ୍ୟର ୩୭ଟି ପ୍ରକଳ୍ପରେ ପରିଣତ କରିଥିଲା । ସେହିପରି ଆର୍‌ଏସ୍‌ସିଏଲ୍ ପ୍ରଥମେ ୧୭୦୨ କୋଟି ଟଙ୍କାର ୩୧ଟି ଏବିଡି ଓ ପାନ୍ ସିଟି ପ୍ରକଳ୍ପ ଯୋଜନା କରିଥିବାବେଳେ ପରେ ଏହାକୁ ୯୫୦.୯୧ କୋଟି ଟଙ୍କା ହ୍ରାସ କରି ୬୦ଟି ପ୍ରକଳ୍ପରେ ପରିଣତ କରିଥିଲା । ୩୭ଟି ସଂଶୋଧିତ ପ୍ରକଳ୍ପ ମଧ୍ୟରୁ ୨୦୨୨ ମାର୍ଚ୍ଚ ସୁଦ୍ଧା ବିଏସ୍‌ସିଏଲ୍ ମାତ୍ର ୧୬ଟି ପ୍ରକଳ୍ପ ଶେଷ କରିଛି। ସେହିପରି ୬୦ଟି ସଂଶୋଧିତ ପ୍ରକଳ୍ପ ମଧ୍ୟରୁ ଆର୍‌ଏସ୍‌ସିଏଲ୍ ଅଡିଟ୍ ଅବଧି ସୁଦ୍ଧା ମାତ୍ର ୨୧ଟି ପ୍ରକଳ୍ପ ଶେଷ କରିଛି । ପାଣ୍ଠି ଉପଲବ୍ଧତାକୁ ଆଡଜଷ୍ଟ କରିବା ପାଇଁ ପ୍ରକଳ୍ପଗୁଡ଼ିକୁ ହ୍ରାସ କରାଯାଇଛି ବୋଲି ରାଜ୍ୟ ସରକାର ଦାବି କରୁଥିବାବେଳେ ସିଏଜି କହିଛନ୍ତି ଯେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍ମାର୍ଟ ସିଟି ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଉପାୟରୁ ସମ୍ବଳ ସଂଗ୍ରହ ପାଇଁ ଏସ୍ପିଭି ଦାୟୀ ଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ। ବିଏସ୍‌ସିଏଲ୍ ପକ୍ଷରୁ ରାଜମହଲ ଓ ସହିଦ ନଗରରେ ଦୁଇଟି ବହୁସ୍ତରୀୟ କାର୍ ପାର୍କିଂ ୟୁନିଟ୍ ନିର୍ମାଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ଯୋଗୁଁ ୧୧.୬୦ କୋଟି ଟଙ୍କାର ରାଜସ୍ୱ ହାନି ଘଟିଥିବାବେଳେ ଏଜେନ୍ସିଦ୍ୱାରା ଯୋଜନାବିହୀନ କ୍ରୟ ଯୋଗୁଁ ୩ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି ବୋଲି ସିଏଜି ଦର୍ଶାଇଛନ୍ତି । ସେହିପରି ପାର୍କର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏସ୍‌ସିଏମ୍ ପାଣ୍ଠିରୁ ଅନିୟମିତ ଖର୍ଚ୍ଚ ଯୋଗୁଁ ଆର୍‌ଏସ୍‌ସିଏଲ୍‌କୁ ୩୪ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି ।




**ବିଳମ୍ବ ଯୋଗୁ ୧୧.୯୪ କୋଟି ରାଜସ୍ୱହାନି**

# ମାଈ ହାତୀର ମୃତଦେହ ଉଦ୍ଧାର



ବାରିପଦା, ୨୧।୯ (ସଂଚାର ବ୍ୟୁରୋ): ଚାଷ ଜମିରୁ ମାଈ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ବାରିପଦା ବନଖଣ୍ଡ ଅଧୀନ ଶିମିଳିପାଳ ଅଭୟାରଣ୍ୟର ବାଲିଆଡ଼ିପା ଗାଁ ନିକଟରୁ ହାତୀର ମୃତଦେହ ମିଳିଛି। ମୃତ ମାଈ ହାତୀର ବୟସ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି।ବାରିପଦା ଡିଏଫଓ ଓ ବନ କର୍ମଚାରୀ ପହଞ୍ଚି ତଦନ୍ତ କରୁଛନ୍ତି। ଏଥିସହ ହାତୀଟିର ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହାତୀଟିର କିପରି ମୃତ୍ୟୁ ଘଟିଲା ତାର କାରଣ ଜଣାପଡ଼ିନାହିଁ। ହାତୀଟି ବିଦ୍ୟୁତ ସଂସ୍ପର୍ଶରେ ଘଟିଛି ନା ଅନ୍ୟ କାରଣ ଅଛି ଜଣାପଡ଼ିନାହିଁ। ଗତ ଏକ ମାସ ମଧ୍ୟରେ ବାରିପଦା ବନଖଣ୍ଡ ଅଧୀନର ଭିନ୍ନ ଭିନ୍ନ ସ୍ଥାନରେ ଦୁଇ ହାତୀର ମୃତ୍ୟୁ ଘଟିଥିବା ଖବର ରହିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର